R.N.I. REGN. No. 65000/96 POSTAL REGN. No. OI

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୫
ତିଥି: ପ୍ରତିପଦ
୩୦ ଜୁଲାଇ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 295
30 July 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବନ୍ୟାରେ ୨.୩୨ଲକ୍ଷ ଲୋକ ପ୍ରଭାବିତ

ଭୁବନେଶ୍ୱର, ୨୯ ।୭ (ସବ୍ୟୁ): ରାଜ୍ୟରେ ଲଗାଣ ବର୍ଷା ଯୋଗୁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି । ଅପରାହ୍ନ ସୁଦ୍ଧା ବନ୍ୟାରେ ୪୪ଟି ବ୍ଲକ୍, ୨୪୩ଟି ଗ୍ରାମ ପଞ୍ଚାୟତ ଏବଂ ୭୪୮ଟି ଗ୍ରାମର ୨ଲକ୍ଷ ୩୨ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଏତଦ୍‌ବ୍ୟତୀତ (ବୁଧବାର) ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳ ମଧ୍ୟ ପ୍ରବଳ ବର୍ଷା ଯୋଗୁ ପ୍ରଭାବିତ ହୋଇଛି । ବର୍ତ୍ତମାନ ସୁଦ୍ଧା ୨୨୬ଟି ଗ୍ରାମରେ ଜଳବନ୍ଦୀ ସ୍ଥିତି ରହିଛି । ତେବେ ବିଶେଷକରି ବାଲେଶ୍ୱର ଜିଲ୍ଲାରେ ଜଳସ୍ତର କମିବା ଆରମ୍ଭ କରିଥିବାରୁ ଅନେକ ଲୋକ ଧୀରେ ଧୀରେ ରିଲିଫ କେନ୍ଦ୍ରରୁ ନିଜ ଘରକୁ ଫେରୁଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି(ବୁଧବାର) ବନ୍ୟା ପରିସ୍ଥିତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବର୍ତ୍ତମାନର ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ କାର୍ଯ୍ୟ, ସ୍ୱାସ୍ଥ୍ୟ ସେବାର ପ୍ରସ୍ତୁତି, ନଦୀଗୁଡ଼ିକର ଜଳସ୍ତର, ପାଣିପାଗ ପୂର୍ବାନୁମାନ ଏବଂ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ସମୀକ୍ଷା କରାଯାଇଥିଲା । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରଭାବିତ ଅଞ୍ଚଳରେ ଆବଶ୍ୟକତା (୯ ପୃଷ୍ଠାରେ)



- ୪୪ ବ୍ଲକର ୨୪୩ ପଞ୍ଚାୟତ ପ୍ରଭାବିତ
- ଏବେ ବି ୨୨୬ ଗାଁ ଜଳବନ୍ଦୀ ସ୍ଥିତିରେ ରହିଛି
- ୩୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର
- ଜନସାଧାରଣଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା
- ଜିଲ୍ଲା ପ୍ରଶାସନକୁ ୨୪ ଘଣ୍ଟିଆ ସତର୍କ ରହିବାକୁ ନିର୍ଦ୍ଦେଶ
- ଜରୁରୀ ସହାୟତା ଲାଗି ୧୧୨କୁ କଲ୍ କରିବାକୁ ଆହ୍ୱାନ
- ୧୭ ଏନ୍‌ଡିଆରଏଫ୍, ଓଡ୍ରାଫ୍ ଟିମ, ୬୦ ଅଗ୍ନିଶମ ଟିମ୍ ନିୟୋଜିତ

## ମହାନଦୀରେ ଆସୁଛି ବନ୍ୟା

### ଆଜି ମୁଣ୍ଡଳିରେ ପ୍ରବାହିତ ହେବ ୯ଲକ୍ଷ କ୍ୟୁସେକ୍ ଜଳ

ଭୁବନେଶ୍ୱର, ୨୯ ।୭ (ସବ୍ୟୁ) : ଉତ୍ତର ଓଡ଼ିଶାରେ ଜଳ ପ୍ରଳୟ ପରେ ଏବେ ପଶ୍ଚିମ ଓଡ଼ିଶାରେ ଭୀଷଣ ବର୍ଷା ହୋଇଛି । ଗଭୀର ଅବପାତ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ ବୁଧବାର ସକାଳ ସୁଦ୍ଧା ଅବିଶ୍ରାନ୍ତ ବର୍ଷା ଯୋଗୁଁ ମହାନଦୀ ଉପରମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇଛି । ଫଳରେ ମହାନଦୀ ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ଗୁରୁବାର ସନ୍ଧ୍ୟା ସୁଦ୍ଧା ମହାନଦୀରେ ମଧ୍ୟମଧରଣର ବନ୍ୟା ଆସିବା ନେଇ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି ।

ମଙ୍ଗଳବାର ବରଗଡ଼ର ବିଜେପୁରରେ ସର୍ବାଧିକ ୩୧୫ ମିମି ବର୍ଷା ରେକର୍ଡ଼ ହୋଇଥିବାବେଳେ ବଲାଙ୍ଗୀରର (୯ ପୃଷ୍ଠାରେ)

## ତରପଦା ଡୋଭାବିଲ ପଟଣାସାହିରେ ୩ଶହ ଫୁଟର ଘାଇ

ଭଦ୍ରକ/ଧାମନଗର/ଭଣ୍ଡାରିପୋଖରୀ/ଦୋବଲ/ମଙ୍ଗଳପୁର, ୨୯ ।୭ (ସବ୍ୟୁ): ଲଘୁଚାପ ବର୍ଷା କାରଣରୁ ବୈତରଣୀ ଓ ତା'ର ଶାଖା ନଦୀ କୋଚିଲା, ଗେଙ୍ଗୁଟିରେ ପ୍ରଳୟଙ୍କରୀ ବନ୍ୟା ଆସି ଧାମନଗର ବ୍ଲକର ବିସ୍ତୃତ ଅଂଚଳ ଜଳମଗ୍ନ କରିଛି । ଧାମନଗର ବ୍ଲକର ୨୦ରୁ ଅଧିକ ପଞ୍ଚାୟତର ଶତାଧିକ ଗ୍ରାମ ବନ୍ୟାପାଣି ଘେରରେ ଥିବାବେଳେ ଲକ୍ଷାଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଆଖୁଆପଦା ଠାରେ ବୈତରଣୀ ବନ୍ୟାଜଳ ଲଗାତାର ଦୁଇ ଦିନ ଧରି ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହୋଇଥିବାବେଳେ ବୁଧବାର ଦିନ ୧୦ ଟାରେ ସର୍ବାଧିକ ୨୦.୪୫ ମିଟରରେ ପହଁଚି କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ସେହିପରି ବୈତରଣୀ ଓ ଶାଖା କାଣୀ ନଦୀରେ ବଡ଼ ବନ୍ୟା ଆସିବା ଯୋଗୁ ଯାଜପୁର ଜିଲ୍ଲାର ଅଧା ଦଶରଥପୁର ବ୍ଲକର ହଜାର ହଜାର ଜନସାଧାରଣ ପ୍ରଭାବିତ ହୋଇଛନ୍ତି ।

ମଙ୍ଗଳବାର ମଧ୍ୟାହ୍ନରେ ତରପଦା ପଞ୍ଚାୟତ ଡୋଭାବିଲ ଗ୍ରାମ ପଟଣାସାହି ନିକଟରେ ୩ଶହ ଫୁଟ ଆକାରର ଘାଇ ସୃଷ୍ଟି ହୋଇଛି । ଘାଇ ଯୋଗୁ ଦଶରଥପୁର ବ୍ଲକର ତରପଦା, ଛଣିଣା, ମଲ୍ଲିକାପୁର, କସପା, ଦୁଦୁରାଅନ୍ତା, କନିକାପଡା, ଶୁଶୁଆ, (୯ ପୃଷ୍ଠାରେ)

## ପ୍ରତି ନାଗରିକଙ୍କ ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୯ ।୭ (ସବ୍ୟୁ) : ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଲଗାଣ ବର୍ଷା ଓ କେତେକ ନଦୀରେ ସୃଷ୍ଟ ବନ୍ୟା ପରିସ୍ଥିତି ଉପରେ ମୁଁ ଏବଂ ମୋ ସରକାର ପ୍ରତିଟି ମୁହୂର୍ତ୍ତରେ ସିଧାସଳଖ ନଜର ରଖିଛୁ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କୃଷ୍ଣଚନ୍ଦ୍ର ମହାପାତ୍ର ଓ ଗଣେଶ ରାମସିଂ ଖୁଣ୍ଟିଆଙ୍କ ସହ ଆଲୋଚନା କରି ପ୍ରଭାବିତ ଅଞ୍ଚଳରେ ପରିସ୍ଥିତି ପଚାରି ବୁଝିବା ସହ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛି । ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଜିଲ୍ଲାପାଳମାନଙ୍କୁ ସମ୍ପୂର୍ଣ୍ଣ ସଜାଗ ରହି



ପ୍ରତ୍ୟେକଟି ବିପନ୍ନ ପରିବାର ପାଖରେ ସହାୟତା ପହଞ୍ଚାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଏସ୍‌ଆର୍‌ସି ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସ୍ଥିତିର ତଦାରଖ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଲ୍ଲେଖ କରିଛନ୍ତି ।

ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ସମ୍ପର୍କରେ ମୁଁ ମୁଖ୍ୟ ଶାସନ

### ୩ ମନ୍ତ୍ରୀଙ୍କୁ ପ୍ରଭାବିତ ଅଞ୍ଚଳ ଲାଗି ଦାୟିତ୍ୱ

ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହିତ ଆଲୋଚନା କରିଛି । ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ପ୍ରଶାସନକୁ ମୁଁ ନିର୍ଦ୍ଦେଶ ଦେଇଛି । ମୋର ଆପଣମାନଙ୍କୁ ନିବେଦନ, ଆଦୌ (୯ ପୃଷ୍ଠାରେ)

## ପ୍ରଶ୍ନପତ୍ର ଲିକ୍ ନିରୋଧ ବିଲ୍ ଲୋକସଭାରେ ପାରିତ

ନୂଆଦିଲ୍ଲୀ, ୨୯।୭ : ବିରୋଧୀଙ୍କ ହଟ୍ଟଗୋଳ ଏବଂ ହୋହାଲ୍ଲା ମଧ୍ୟରେ ପ୍ରଶ୍ନପତ୍ର ଲିକ୍ ନିରୋଧ ସଂଶୋଧନ ବିଲ୍ ଲୋକସଭାରେ ପାରିତ ହୋଇଛି । ବାଚନିକ ଭୋଟରେ ଏହି ବିଲ୍‌କୁ ପାରିତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଲୋକସଭାରେ ପବ୍ଲିକ୍ ଏକ୍ସାମିନେସନ (ପ୍ରିଭେନ୍‌ସନ୍ ଅଫ୍ ଅନ୍‌ଫେୟାର ମିନ୍ସ) ସଂଶୋଧନ ବିଲ୍ ଆଗତ କରିଥିଲେ । ଗତକାଲିଠାରୁ ଏହି ବିଲ୍ ଉପରେ ଆଲୋଚନା ହୋଇଥିଲା । ବିଲ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡ ସହ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।



ବିଲ୍‌ଟି ପାଶ୍ ହେଲାବେଳେ ବିରୋଧୀ ଦଳଗୁଡ଼ିକସ୍ଲୋଗାନବାଜି କରିଥିଲେ । ଯନ୍ତରମନ୍ତରରେ ହୋଇଥିବା ଛାତ୍ରଙ୍କ ଧାରଣାରେ ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି

### ବାଚନିକ ଭୋଟ୍‌ରେ ପାରିତ କରାଗଲା
### ବିରୋଧୀ ସଦସ୍ୟଙ୍କ ସ୍ଲୋଗାନବାଜି

ଦେଇଥିବା ମନ୍ତବ୍ୟକୁ ନେଇ ଗୃହରେ ହଙ୍ଗାମା ହୋଇଥିଲା । ଶାସକ ଦଳ ସଭ୍ୟମାନେ ରାହୁଲ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ । (୯ ପୃଷ୍ଠାରେ)

## ପାଣିରେ ଭାସିଲା ଗାଁ, ଯୁବକ ନିଖୋଜ

ଆନନ୍ଦପୁର, ୨୯ ।୭ (ସବ୍ୟୁ): ଲଘୁଚାପଜନିତ ଲଗାଣ ବର୍ଷା ଓ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ କେନ୍ଦୁଝର ଜିଲାର ଆନନ୍ଦପୁର ଅଞ୍ଚଳରେ ଭୟାବହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସୋମବାର ମଧ୍ୟରାତ୍ରିରେ ଆନନ୍ଦପୁର ରିଙ୍ଗ ରୋଡ଼ର ଏକ ବଡ଼ ଅଂଶ ଭାଙ୍ଗିଯିବା ଫଳରେ ବୈତରଣୀ ନଦୀର ପାଣି ହୁହୁ ହୋଇ ନିକଟସ୍ଥ ଅଞ୍ଚଳକୁ ପ୍ରବେଶ କରିଛି । ଏହାଫଳରେ ଶହ ଶହ ଲୋକ ଘରଛାଡ଼ା ହୋଇଥିବାବେଳେ ଜଣେ ଯୁବକ ନିଖୋଜ ହୋଇଛନ୍ତି । ଉପରମୁଣ୍ଡରେ ଅବିରତ ବର୍ଷା ହେବାରୁ ଆନନ୍ଦପୁର ବ୍ୟାରେଜର ସମସ୍ତ ଗେଟ ଖୋଲାଯାଇଥିଲା । ଜଳସ୍ତର ବଢ଼ିବା ସହ ରିଙ୍ଗ ରୋଡ଼ ଉପରେ ଚାପ ବୃଦ୍ଧି ପାଇଥିଲା । ସୋମବାର ରାତି ପ୍ରାୟ ୨ଟା ସମୟରେ ରିଙ୍ଗ ରୋଡ଼ର ଏକ ସ୍ଥାନରେ ପ୍ରାୟ ୫୦ ଫୁଟ ଚଉଡ଼ା ଘାଇ ସୃଷ୍ଟି ହୋଇ ବନ୍ଧ ଭାଙ୍ଗିଯାଇଥିଲା । ସେତେବେଳେ ରାତି ହୋଇଥିବାରୁ କେହି ଏହା ଜାଣିପାରି ନ ଥିଲେ । (୯ ପୃଷ୍ଠାରେ)

## ରାଜ୍ୟସଭାରେ ବନ୍ଦେ ମାତରମ ବିଲ୍ ପାରିତ

ନୂଆଦିଲ୍ଲୀ, ୨୯।୭ : ବନ୍ଦେ ମାତରମ୍‌ର ଅପମାନ କିମ୍ବା ଏହାର ଗାନରେ ଉଦ୍ଦେଶ୍ୟମୂଳକ ଭାବେ ବାଧା ସୃଷ୍ଟି କଲେ ଜେଲ୍ ଦଣ୍ଡ ମିଳିବ । ଆଜି ରାଜ୍ୟସଭାରେ ପ୍ରିଭେନ୍‌ସନ୍ ଅଫ୍ ଇନ୍‌ସଲ୍ଟସ୍ ଟୁ ନ୍ୟାସନାଲ ଅନର (ସଂଶୋଧିତ ବିଲ୍) ୨୦୨୬ ପାରିତ ହୋଇଛି । ବିଲ୍‌ର ଉଦ୍ଦେଶ୍ୟ ରହିଛି ଯେ ବନ୍ଦେ ମାତରମ୍ ଗାନକୁ ବାଧା ଦେବା ଓ ଏହାର ଅପମାନ ଦଣ୍ଡନୀୟ ଅପରାଧ ପରିସରକୁ ଆଣିବା ।

ସଂଶୋଧିତ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ଏଭଳି ଅପରାଧ ପାଇଁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍, ଜରିମାନ ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି । ପୂର୍ବରୁ ଏହି ବ୍ୟବସ୍ଥା ଜାତୀୟ ସଂଗୀତ ସମ୍ପର୍କିତ ଆଇନରେ ଥିଲା । ବିଲ୍ ଉପରେ ଆଲୋଚନା ସମୟରେ ସରକାରଙ୍କ ପକ୍ଷରୁ ବନ୍ଦେ ମାତରମ୍‌ର ଐତିହାସିକ ଓ ସାଂସ୍କୃତିକ ମହତ ଉପରେ ଗୁରୁତ୍ୱ ଦିଆଯାଇଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଏହି ଗୀତ ଲୋକଙ୍କ ମଧ୍ୟରେ ଜାତୀୟ ଚେତନା ଜାଗ୍ରତ କରିବାରେ ବଡ଼ ଭୂମିକା ଥିଲା । ସରକାରଙ୍କ ମତରେ ଏହି ସଂଶୋଧନ କେବଳ ଆଇନଗତ ପରିବର୍ତ୍ତନ ନୁହେଁ, ଦେଶର ଜାତୀୟ ଚେତନା ଓ ସାଂସ୍କୃତିକ ଐତିହ୍ୟ ପ୍ରତି ସମ୍ମାନକୁ ଆହୁରି ମଜଭୁତ କରିବ । ବିରୋଧୀ ଦଳର କିଛି ସାଂସଦ ବିଲ୍‌ର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇଥିଲେ ।

## ବାଇକ ଦୁର୍ଘଟଣା, ୨ ମୃତ

ଆନନ୍ଦପୁର, ୨୯ ।୭ (ସବ୍ୟୁ): ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସିଙ୍ଗଡୋଭ ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି । ବାଇକ ଦୁର୍ଘଟଣାରେ ଜଣେ ମହିଳା ଓ ଜଣେ ପୁରୁଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି ।

ମୃତ ମହିଳାଙ୍କ ନାମ ଗୁଲା ବେହେରା ବୋଲି ଜଣାପଡ଼ିଛି । ଘଟଣା ପରେ ସ୍ଥାନୀୟ ଲୋକେ ଓ ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି । ପୁରୁଷ ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ, ଦୁର୍ଘଟଣାର କାରଣ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ତେବେ ରାଜପଥରେ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ବେପରୁଆ ଗାଡ଼ିଚାଳନା ଲାଗି ଏଭଳି ହେଉଥିବା କୁହାଯାଉଛି । ଦୈନନ୍ଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଥିବା ଜଣାପଡୁଛି ।

## ରାହୁଲଙ୍କ ମନ୍ତବ୍ୟକୁ ନେଇ ଲୋକସଭାରେ ହଙ୍ଗାମା

ନୂଆଦିଲ୍ଲୀ, ୨୯।୭ : ପ୍ରଶ୍ନପତ୍ର ଲିକ୍ ନିରୋଧ ସଂଶୋଧିତ ବିଲ୍ ଆଲୋଚନା ସମୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ମନ୍ତବ୍ୟକୁ ନେଇ ଲୋକସଭାରେ ବଡ଼ଧରଣର ହଙ୍ଗାମା ହୋଇଛି । ରାହୁଲଙ୍କ ମନ୍ତବ୍ୟ ପାଇଁ ସେ କ୍ଷମା ମାଗନ୍ତୁ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁଙ୍କ ସମେତ ଶାସକ ଦଳର ସାଂସଦମାନେ ଦାବି କରିଥିଲେ । ହଟ୍ଟଗୋଳ ଅଧିକ ହେବାରୁ ଗୃହକୁ ମଧ୍ୟ କିଛି ସମୟ ଲାଗି ମୁଲତବୀ କରାଯାଇଥିଲା ।

ଆଲୋଚନାରେ ମତ ରଖିବା ସମୟରେ ରାହୁଲ କହିଥିଲେ ଯେ



ଗୃହମନ୍ତ୍ରୀ ଆଜି ଏଠାରେ ନାହାନ୍ତି । କାରଣ ସେ ଭୟଭୀତ । ପୋଲିସ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ସେଥିରେ ଗୃହମନ୍ତ୍ରୀଙ୍କ ହାତ ରହିଛି । ତେବେ ବାଚସ୍ପତି ଓମ୍ ବିର୍ଲା ତୁରନ୍ତ ଏଥିରେ ହସ୍ତକ୍ଷେପ କରି କହିଥିଲେ ଯେ ଆମେ ଆଜି ଗୃହମନ୍ତ୍ରୀଙ୍କ ସମ୍ପର୍କରେ ଆଲୋଚନା କରୁନାହୁଁ । ଗୃହରେ ଯେଉଁ ଅଭିଯୋଗ କରାଯିବ ତା'ର ପ୍ରମାଣ ଦେବା ଆବଶ୍ୟକ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ଅଭିଯୋଗ ସମ୍ପର୍କରେ ପ୍ରମାଣ ଦେବାକୁ ରାହୁଲଙ୍କୁ କହିବା ସହ ଏଭଳି ମନ୍ତବ୍ୟ ଆପତ୍ତିଜନକ ଓ ସେ (୯ ପୃଷ୍ଠାରେ)

### ଭାଷଣ ସମ୍ପୂର୍ଣ୍ଣ କରିପାରିଲେନି ବିରୋଧୀ ଦଳ ନେତା
### ମନ୍ତବ୍ୟ ଲାଗି କ୍ଷମା ମାଗନ୍ତୁ ରାହୁଲ : ରିଜିଜୁ

### ଜାପାନ ତତ୍ତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧିଙ୍କ ସହ ମୁଖ୍ୟ ସଚିବଙ୍କ ବୈଠକ

## ଓଡ଼ିଶା-ତତ୍ତୋରି ମୈତ୍ରୀ ଚୁକ୍ତି ଦିଗରେ ଅଗ୍ରଗତି

ଭୁବନେଶ୍ୱର, ୨୯ ।୭ (ସବ୍ୟୁ) : ଓଡ଼ିଶା ଓ ଜାପାନ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଜାପାନ ତତ୍ତୋରି ପ୍ରଦେଶ ( ପ୍ରିଫେକ୍ଚର)ର ମୁଖ୍ୟ ଶାସନ ସଚିବ ତୋଶିକି ଏଣ୍ଡୋଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ୧୩ ଜଣିଆ ପ୍ରତିନିଧି ଦଳଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ । ଏହି ବୈଠକରେ ପୁଞ୍ଜିନିବେଶ, ଶିଳ୍ପ ବିକାଶ, ମାନବ ସମ୍ବଳ, ଶିକ୍ଷା, ପର୍ଯ୍ୟଟନ, ସଂସ୍କୃତି, ପ୍ରଯୁକ୍ତି ବିଦ୍ୟା ଆଦି କ୍ଷେତ୍ରରେ ଦୀର୍ଘମିଆଦି ସହଯୋଗ ସଂପର୍କରେ ବିଭିନ୍ନ ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୈଠକରେ ଯୋଗଦେଇଥିବା ତତ୍ତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧିମାନଙ୍କୁ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟିକ ପରମ୍ପରା ଓ ବୌଦ୍ଧ ଐତିହ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଓଡ଼ିଶା ଓ ଜାପାନ ମଧ୍ୟରେ ଶତାବ୍ଦୀ ପୁରୁଣା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଆସିଛି । ଉଭୟ ଦେଶ ମଧ୍ୟରେ ବଢୁଥିବା ବାଣିଜ୍ୟିକ ସମ୍ପର୍କ ସମ୍ବନ୍ଧରେ ଉଲ୍ଲେଖ କରି ସେ ଜାପାନର କମ୍ପାନୀମାନଙ୍କୁ ଓଡ଼ିଶାରେ ସବୁଜ ଶକ୍ତି, ଉନ୍ନତ ପ୍ରଯୁକ୍ତି ଓ ଗବେଷଣା, ଦକ୍ଷତା ବିକାଶ, 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ, ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିର ବିକାଶ, ନୀଳ ଅର୍ଥନୀତି କ୍ଷେତ୍ରରେ ଦୂର ଓ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସଦୁପଯୋଗକୁ ପ୍ରୋତ୍ସାହନ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ କ୍ଷେତ୍ର (୯ ପୃଷ୍ଠାରେ)

# ଶନି ଗ୍ରହ ସମ୍ପର୍କରେ ନୂଆ ପରୀକ୍ଷା

ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶନି ଗ୍ରହର ବଳୟ ସମ୍ପର୍କିତ ବହୁ ପୁରୁଣା ରହସ୍ୟ ଉପରୁ ପରଦା ହଟାଇବା ପାଇଁ ବିଜ୍ଞାନୀମାନେ 'ପ୍ରାକ୍ସିସ' ନାମକ ଏକ ନୂତନ ମିଶନ୍ କନ୍‌ସେପ୍ଟ ଉପରେ କାମ କରୁଛନ୍ତି । ଯାହା ମାଧ୍ୟମରେ ପ୍ରଥମ ଥର ପାଇଁ ବଳୟର କଣିକାଗୁଡ଼ିକୁ ସିଧାସଳଖ ସଂଗ୍ରହ କରି ଅଧ୍ୟୟନ କରାଯାଇପାରିବ । କାସିନି ମିଶନ୍ ଶନି ଗ୍ରହ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ ବି, ବଳୟଗୁଡ଼ିକର ସୃଷ୍ଟି, ଗତିବିଧି ଓ ବିକାଶକୁ ନେଇ ଏବେ ବି ଅନେକ ପ୍ରଶ୍ନ ରହିଛି । ପ୍ରାକ୍ସିସ ପ୍ରଥମ ଥର ପାଇଁ ମିଲିମିଟରରୁ ସେଣ୍ଟିମିଟର ଆକାରର କଣିକାଗୁଡ଼ିକର ପ୍ରତ୍ୟକ୍ଷ ନିରୀକ୍ଷଣ କରିବ, ଯାହା ଶନି, ୟୁରେନସ୍ ଓ ନେପଚ୍ୟୁନ୍‌ର ବଳୟ ସମେତ ଗ୍ରହ ଓ ନକ୍ଷତ୍ର ସୃଷ୍ଟି କରୁଥିବା ଆଦ୍ୟ ଡିସ୍କଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିବ । ଏଆଇ ଏବଂ ପ୍ରକୃତିରୁ ପ୍ରେରିତ ରୋବୋଟିକ୍ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏହି ମହାକାଶଯାନ ସୁରକ୍ଷିତ ଦୂରତାରେ ରହି ଏକ ନରମ ତଥା ଲମ୍ବା ବୁମ୍ ସାହାଯ୍ୟରେ ସାମ୍ପୁଲ୍ ସଂଗ୍ରହ କରିବ ଏବଂ ସେଗୁଡ଼ିକର ଆକାର, ସାନ୍ଦ୍ରତା ଓ ଗଠନର ତତ୍କାଳ ଆନାଲିସିସ୍ କରିବ । 'ସାଟର୍ଣ୍ଣ ରିଙ୍ଗ୍ ଅବଜର୍ଭର' ଅଧ୍ୟୟନ ଉପରେ ଆଧାରିତ ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ସିମୁଲେସନ୍ ମାଧ୍ୟମରେ ଏହାର କାର୍ଯ୍ୟକ୍ଷମତା ପରୀକ୍ଷା କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହାର ଏକ ପ୍ରୋଟୋଟାଇପ୍ ପ୍ରସ୍ତୁତ କରାଯିବ; ଯାହା ଭବିଷ୍ୟତରେ ଆସିବାକୁ ଥିବା 'ୟୁରେନସ୍ ପ୍ରୋବ୍' ଭଳି ଅନ୍ୟାନ୍ୟ ଗ୍ରହ ଅଭିଯାନରେ ମଧ୍ୟ ସହାୟକ ହେବ ।





## ସାଇନସ

ବର୍ଷା ଋତୁ ଗ୍ରୀଷ୍ମରୁ ତ୍ରାହି ଦେଇଥାଏ ସତ, କିନ୍ତୁ ଅଧିକ ଆର୍ଦ୍ରତା, ଫଙ୍ଗସ୍, ଡଷ୍ଟ, ଭୂତାଣୁ ସଂକ୍ରମଣ ଓ ତାପମାତ୍ରାର ଆକସ୍ମିକ ପରିବର୍ତ୍ତନ ଯୋଗୁଁ ନାକ ଏବଂ ଚେହେରାର ହାଡ଼ ଭିତରେ ଥିବା ବାୟୁକୋଠରୀଗୁଡ଼ିକରେ ପ୍ରଦାହ (ଫୁଲିବା) ସୃଷ୍ଟି ହୋଇ ସାଇନସାଇଟିସ୍ ବା ସାଇନସ୍ ସଂକ୍ରମଣର ଆଶଙ୍କା ବହୁଗୁଣିତ କରିଦେଇଥାଏ । ଯାହାକୁ ସାଧାରଣ ଥଣ୍ଡା - କଫ ଭାବି ନଜର ଅନ୍ଦାଜ କଲେ ଏହା ଗମ୍ଭୀର ରୂପ ନେଇପାରେ । ବିଶେଷଜ୍ଞଙ୍କ ଅନୁଯାୟୀ, ମାଥା, ଗାଲ ଓ ନାକ ପଛରେ ଥିବା ୪ଟି ପ୍ରମୁଖ ସାଇନସ୍ କୋଠରୀରେ ଆର୍ଦ୍ରତା ଓ ଆଲର୍ଜି ଯୋଗୁଁ ଶ୍ଲେଷ୍ମା ଜମିବା ଏବଂ ବାଟ ବନ୍ଦ ହେବା ଦ୍ୱାରା ମୁଣ୍ଡବିନ୍ଧା, ଚେହେରାରେ ଯନ୍ତ୍ରଣା, ନାକ ବନ୍ଦ ହେବା ଓ ଜ୍ୱର ଭଳି ଲକ୍ଷଣ ଦେଖାଦିଏ । ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ବର୍ଷା ଜଳରେ ନଭିଜିବା, ଫ୍ରିଜ୍ ପାଣି ନପିଇ ଗରମ ପାଣି ପିଇବା ଓ ବାଷ୍ପ ନେବା, ନାକକୁ ପରିଷ୍କାର ରଖିବା ଏବଂ ସାଧାରଣ ଥଣ୍ଡା ୭-୧୦ ଦିନରୁ ଅଧିକ ସମୟ ରହିଲେ ବା ଦୃଷ୍ଟିଶକ୍ତିରେ ପରିବର୍ତ୍ତନ ଆସିଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ଦୀର୍ଘଦିନର କ୍ରୋନିକ୍ ସାଇନସାଇଟିସ୍ କ୍ଷେତ୍ରରେ ଔଷଧ ସହ ଏଣ୍ଡୋସ୍କୋପି, ସିଟି ସ୍କାନ୍ କିମ୍ବା ଆବଶ୍ୟକ ସ୍ଥଳେ ସର୍ଜରୀର ମଧ୍ୟ ଆବଶ୍ୟକତା ପଡ଼ିଥାଏ ।

## ମହାକାଶରେ ଯୋଗ

ଅନେକ ସମୟରେ ମହାକାଶଚାରୀମାନେ ବିଭିନ୍ନ ପ୍ରକାର ନିଆରା ଷ୍ଟଣ୍ଟ କରୁଥିବାର ଦେଖିବାକୁ ମିଳିଥାଏ । ସେହିଭଳି ଏକ ଷ୍ଟଣ୍ଟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ୟୁରୋପିଆନ୍ ସ୍ପେସ୍ ଏଜେନ୍ସିର ମହାକାଶଚାରୀ ସୋଫି ଏଡେନୋ ଶୂନ୍ୟ ମହାକାଶରେ ଭାସି ଭାସି ଯୋଗ କରୁଥିବାର ଏକ ଭିଡିଓ ସେୟାର କରିଛନ୍ତି । ଗୁରୁତ୍ୱାକର୍ଷଣ ନଥିବା ସ୍ଥାନରେ ଚାଲିବା ସହଜ ହୋଇ ନଥିବା ବେଳେ ସେ ସ୍ପେସ୍ ଷ୍ଟେସନର କାନ୍ଥରେ ଥିବା ହ୍ୟାଣ୍ଡେଲ୍, ଫୁଟ୍ ରେଷ୍ଟ୍ରାଣ୍ଟ ଓ ନିଜ ଶରୀରର ସନ୍ତୁଳନ ସାହାଯ୍ୟରେ ବିଭିନ୍ନ ଯୋଗ ମୁଦ୍ରା ପ୍ରଦର୍ଶନ କରିଛନ୍ତି । ଦିନସାରା କାମ କରିବା ପରେ ଶରୀରକୁ ଆରାମ ଦେବା ପାଇଁ ସେ ପ୍ରତି ସନ୍ଧ୍ୟାରେ ପ୍ରାୟ ୩୦ ମିନିଟ୍ 'ୟିନ୍ ଯୋଗ' କରୁଥିବା ବିଷୟରେ ଜଣାଇଛନ୍ତି ଏବଂ ଖୁବ୍‌ଶୀଘ୍ର ସେ ଅନ୍ତରୀକ୍ଷରେ ଯୋଗ କରିବା ସମ୍ପର୍କରେ ଏକ ବିସ୍ତୃତ ଭିଡିଓ ସେୟାର କରିବେ ବୋଲି ସୂଚନା ଦେଇଛନ୍ତି ।




## ସୋସିଆଲ କୋଟ୍ସ



ସଞ୍ଜୟ ଦତ୍ତ ଜଣେ ଖୁବ ଭଲ କଳାକାର । ସେ ସୁଟିଂ ସମୟରେ ଖୁବ ଉତ୍ସାହିତ ରହିବା ସହିତ ଗୁରୁତ୍ୱତା ଦେଇଥାଆନ୍ତି । ଏପରିକି ବିନା ବ୍ରେକରେ ସେ ୮ରୁ ୧୦ ଘଣ୍ଟା କାମ କରିଥାଆନ୍ତି ।

ଅମୃତ ମାନ, ସିଙ୍ଗର



କାଷ୍ଟିଂ କାଉଚକୁ ସାମନା କରିଛି । ଏହି ଅନୁଭବ ଖୁବ ଖରାପ । ଜଣେ ବିବାହିତ ପ୍ରଯୋଜକ ବ୍ରାଣ୍ଡ ଆମ୍ବାସଡର କରିବାକୁ ଅଜବ ସର୍ତ୍ତ ରଖିଥିଲେ । ଯାହାକୁ ନମାନିବାରୁ ମୋଠାରୁ ପ୍ରତିଶୋଧ ମଧ୍ୟ ନେଇଥିଲେ ।

ରେଣୁକା ସାହାଣେ, ଅଭିନେତ୍ରୀ



ମୁଁ ଡିପ୍ରେସନରେ ଥିବା ସମୟରେ ମୋର ହାଲତ ଖୁବ ଖରାପ ହୋଇଥିଲା । ଘଣ୍ଟାଘଣ୍ଟା ଧରି କାନ୍ଦୁଥିଲି । ଏଥିରୁ ବାହାରିବାକୁ ଆମିର ଖାନ୍‌ଙ୍କ ଝିଅ ଇରା ମୋତେ ଖୁବ ସାହାଯ୍ୟ କରିଛନ୍ତି ।

ବିଜୟ ବର୍ମା, ଅଭିନେତା

## ନିଆରା ଷ୍ଟଣ୍ଟ

ସୋସିଆଲ ମିଡିଆରେ ଏକ ଭିଡିଓ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଅଷ୍ଟ୍ରିଆର ମାଉଣ୍ଟେନ୍ ବାଇକ୍ ରାଇଡର୍ ଏଲିଆସ୍ ଶ୍ୱାର୍ଜଲର୍ ୩,୧୦୦ ଫୁଟ୍ ଉଚ୍ଚତାରେ ଉଡୁଥିବା ଏକ ହଟ୍ ଏୟାର୍ ବେଲୁନ୍ ଉପରେ ସାଇକେଲ୍ ଚଲାଇବା ପରେ ସେହି ସାଇକେଲ୍ ସହ ଖୋଲା ଆକାଶକୁ ଡେଇଁ ଏକ ଚାଞ୍ଚଲ୍ୟକର ଷ୍ଟଣ୍ଟ କରିଛନ୍ତି । ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଏହି ବିପଜ୍ଜନକ କାରନାମା ପାଇଁ ସାଇକେଲ୍ ନିମନ୍ତେ ଏକ ସ୍ୱତନ୍ତ୍ର ପାରାଚୁଟ୍ ସିଷ୍ଟମ୍ ପ୍ରସ୍ତୁତ କରାଯାଇଥିଲା ଏବଂ ଏଥିପାଇଁ ତାଙ୍କୁ ପ୍ରାୟ ଦୁଇ ବର୍ଷର କଠିନ ପ୍ରସ୍ତୁତି କରିବାକୁ ପଡ଼ିଥିଲା । ଉଡୁଥିବା ହଟ୍ ଏୟାର୍ ବେଲୁନ୍ ଉପରୁ ସାଇକେଲ୍ ସହ ଡେଇଁବାରେ ଏହା ବିଶ୍ୱର ପ୍ରଥମ ଷ୍ଟଣ୍ଟ । ଏହା ପୂର୍ବରୁ ୨୦୨୨ ମସିହାରେ ସାଧାରଣ ସାଇକେଲ୍‌ରେ ଘଣ୍ଟାପ୍ରତି ୨୭୨ କିଲୋମିଟର ବେଗରେ ସାଇକେଲ୍ ଚଲାଇ ଏଲିଆସ୍ ଗିନିଜ୍ ୱାର୍ଲ୍ଡ ରେକର୍ଡ ମଧ୍ୟ ନିଜ ନାମରେ ହାସଲ କରିସାରିଛନ୍ତି ।



## ଇତିହାସ

୧୮୩୮ - ଆମେରିକାର ହୱାଇରେ ପ୍ରଥମ ଇଂରାଜୀ ଖବରକାଗଜ ପ୍ରକାଶିତ ।

୧୮୮୬- ଦେଶର ପ୍ରଥମ ମହିଳା ବିଧାୟକ ତଥା ସମାଜ ସୁଧାରକ ପଦ୍ମ ଭୂଷଣ ସମ୍ମାନିତ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ ।

୧୯୬୬- ଫୁଟବଲ ବିଶ୍ୱକପ୍‌ରେ ଇଂଲଣ୍ଡର ପ୍ରଥମ ବିଜୟ ।

୨୦୦୨- ଅଲକାଏଦା ସମେତ ୭ଟି ସମୂହକୁ ଆତଙ୍କବାଦୀ ସଂଗଠନ ଘୋଷିତ କଲା କାନାଡା ।

୨୦୦୭- ଚୀନ୍ ବୈଜ୍ଞାନିକ ଝୋଙ୍ଗ୍‌ଝାଓଁରେ ୫୦ ଲକ୍ଷର ପୁରୁଣା ପାହାଡ ଠାବ କଲେ ।

୨୦୧୦- ବ୍ୟାଡ୍‌ମିଣ୍ଟନ୍ ପାଇଁ ସାଇନା ନେହୱାଲ୍‌ଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପ୍ରଦାନ ନେଇ ଘୋଷଣା କରାଗଲା ।



ଭୋଜପୁରୀ ଅଭିନେତ୍ରୀ ଆମ୍ରପାଲି ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି, ନିକଟରେ ସେ ବଲିଉଡ ହିରୋଇନକୁ ନେଇ ଦେଇଥିବା ବୟାନ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ରିଆଲିଟି ସୋ 'ଭୋଜପୁରୀ ବବାଲ'ର ସେଟରେ ଅଭିନେତ୍ରୀ ଆମ୍ରପାଲି ଦୁବେ, ରାନୀ ଚାଟାର୍ଜୀ ଓ ସେମାନଙ୍କ ସାଥୀ ଅଭିନେତ୍ରୀ ବଲିଉଡ୍ ଅଭିନେତ୍ରୀମାନଙ୍କ ପ୍ଲାଷ୍ଟିକ ସର୍ଜରୀ, ବୋଟକ୍ସ ଓ ଲିପ୍ ଫିଲର୍ସକୁ ନେଇ କଟାକ୍ଷ କରୁଥିବା ଦେଖିବାକୁ ମିଳୁଛି । ମେକଅପ୍ ରୁମ୍‌ରେ କଥାବାର୍ତ୍ତା ସମୟରେ ରାନୀ ଓ ଆମ୍ରପାଲି ଦାବି କରିଛନ୍ତି ଯେ ଭୋଜପୁରୀ ଇଣ୍ଡଷ୍ଟ୍ରିରେ ସବୁକିଛି ଶହେ ପ୍ରତିଶତ ପ୍ରାକୃତିକ, ଯେତେବେଳେ କି ବଲିଉଡ୍‌ରେ କାମ କରିବା ପାଇଁ ବୋଟକ୍ସ ଓ ଚେହେରା ବଦଳାଇବା ପାଇଁ ସର୍ଜରୀ କରାଇବାକୁ ପଡ଼ିଥାଏ । ବଲିଉଡ୍ ତାରକାମାନଙ୍କ କୃତ୍ରିମ ଆକ୍ସେଣ୍ଟ ଓ ଓଠର ସର୍ଜରୀକୁ ନେଇ ମଜାକ ଉଡାଉଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ, ମନୀଷା ରାନୀ ଓ କୃଷ୍ଣା ଅଭିଷେକଙ୍କ ସଞ୍ଚାଳନାରେ ପ୍ରସ୍ତୁତ ଭୋଜପୁରୀର ପ୍ରଥମ ରିଆଲିଟି ସୋ 'ଭୋଜପୁରୀ ବବାଲ' ଆସନ୍ତା ଅଗଷ୍ଟ ୨ ରୁ ଜିଓ ହଟଷ୍ଟାରରେ ପ୍ରସାରିତ ହେବାକୁ ଯାଉଛି । ଯେଉଁଥିରେ ପବନ ସିଂହ, ନିରହୁଆ, ଆମ୍ରପାଲି, କାଜଲ ରାଘୱାନୀ ଏବଂ ତେଜ ପ୍ରତାପ ଯାଦବଙ୍କ ଭଳି ଜଣାଶୁଣା ଚେହେରାମାନଙ୍କୁ ଏକାଠି ଦେଖିବାକୁ ମିଳିବ ।

## ଦାନ୍ତରେ କାର୍ ଭିଡ଼ା

ସାଧାରଣତଃ ଶ୍ରାବଣ ମାସରେ ଶିବଭକ୍ତମାନେ ପାଦରେ ଚାଲି, ସାଇକେଲ୍ କିମ୍ବା ବାଇକ୍ ସାହାଯ୍ୟରେ କାଉଡି ଯାତ୍ରା କରିଥାନ୍ତି । ମାତ୍ର ଉତ୍ତର ପ୍ରଦେଶର ଶିବଭକ୍ତ ନରେନ୍ଦ୍ର ଜାଟ୍ ଦାନ୍ତରେ କାର୍ ଟାଣି ଗଙ୍ଗାଜଳ ଧରି ଫେରୁଥିବାର ଏକ ଅନନ୍ୟ ଦୃଶ୍ୟ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । ନରେନ୍ଦ୍ର ଗତ ଜୁଲାଇ ୧୦ ତାରିଖରୁ ହରିଦ୍ୱାରରୁ ବାହାରିଛନ୍ତି, ଯେଉଁଥିରେ ସେ କାର୍‌ଟିକୁ ରସି ସାହାଯ୍ୟରେ ବାନ୍ଧି ନିଜ ଦାନ୍ତ ବଳରେ ଆଗକୁ ଟାଣି ଟାଣି ନେଉଛନ୍ତି । ଏହି କାର୍‌ର ଛାତ ଉପରେ ୧୧ ଲିଟର ଗଙ୍ଗାଜଳ ଏବଂ ଭଗବାନ ଶିବଙ୍କ ପ୍ରତିମା ସ୍ଥାପିତ ହୋଇଛି । ଏହି ଯାତ୍ରାରେ ତାଙ୍କ ଗାଁର ପାଞ୍ଚଜଣ ଶିବଭକ୍ତଙ୍କ ସହ ଜଣେ ୧୦ ବର୍ଷର ବାଳକ ମଧ୍ୟ ସାମିଲ ଅଛନ୍ତି । ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ଏହି ଯାତ୍ରା କେବଳ ଭଗବାନ ଶିବଙ୍କ ପ୍ରତି ଆସ୍ଥା ପ୍ରକଟ କରିବା ପାଇଁ ନୁହେଁ, ବରଂ ଗୋ-ମାତାଙ୍କୁ 'ରାଷ୍ଟ୍ରମାତା'ର ମାନ୍ୟତା ଦେବାର ସନ୍ଦେଶ ପ୍ରସାର କରିବା ପାଇଁ ଉଦ୍ଦିଷ୍ଟ । ସେ ଆଗାମୀ ଅଗଷ୍ଟ ୧୧ ତାରିଖରେ ଅଲୀଗଡ଼ରେ ପହଞ୍ଚି ନିଜର ଏହି ପ୍ରାୟ ଗୋଟିଏ ମାସର କଠିନ ଯାତ୍ରା ଶେଷ କରିବେ ଏବଂ ସେଠାରେ ଥିବା ପ୍ରାଚୀନ ମହାଦେବ ମନ୍ଦିରରେ ଗଙ୍ଗାଜଳ ଅର୍ପଣ କରି ଜଳାଭିଷେକ କରିବେ ।





**ମେଷ:** ବିଭିନ୍ନ କ୍ଷେତ୍ର ଦର୍ଶନ, ସୁସମ୍ବାଦ, କାର୍ଯ୍ୟରେ ଶାନ୍ତି, ଦେବଦର୍ଶନ, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଅଯଥା ଅଶାନ୍ତି, ଅନୁଷ୍ଠାନରୁ ଲାଭ, କର୍ମେ ପ୍ରଶଂସା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ପୂର୍ବକାର୍ଯ୍ୟ ପାଇଁ ଅନୁତପ୍ତ, ଶରୀର ସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଲୋକସମ୍ପର୍କ ବୃଦ୍ଧି, ନୂତନ ବ୍ୟବସାୟ ଆରମ୍ଭ, କିଛିକାର୍ଯ୍ୟରେ ଖୁସି, ସନ୍ତାନଖୁସି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ନାଗେଶ୍ୱର ମହାଦେବ ।

**ମିଥୁନ:** ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ଖୁସି, ଶୁଭକାର୍ଯ୍ୟରେ ଧନବ୍ୟୟ, ଦାମ୍ପତ୍ୟଖୁସି, ସ୍ୱଜନ ବିରୋଧ, ଆୟ ମଧ୍ୟମ, ଯାନବାହନେ ସତର୍କ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୭, ଆରାଧନା-ପ୍ରଭୁ ବଜରଙ୍ଗବାଲୀ ।

**କର୍କଟ:** ଖୁସିଖବର, ଶରୀର ସୁସ୍ଥ, ବ୍ୟବସାୟରେ ଉନ୍ନତି, ଶୁଭଆଲୋଚନା, ଦୂରଯାତ୍ରା ସଫଳ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ମାନସିକଶାନ୍ତି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଭଗବାନ ବାସୁଦେବ ।

**ସିଂହ:** ମାନସିକଶାନ୍ତି, ଆଶୁସମସ୍ୟାରୁ ମୁକ୍ତି, ଖୁସିଖବର, ଦେବକାର୍ଯ୍ୟରେ ଶାନ୍ତି, ଦ୍ରବ୍ୟପ୍ରାପ୍ତି, ଋଣପରିଶୋଧ, ନୂତନ ଚୁକ୍ତି ସମ୍ପାଦନ, ଦାମ୍ପତ୍ୟଖୁସି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**କନ୍ୟା:** ଅର୍ଥଲାଭ, କିଛି କାର୍ଯ୍ୟରେ ସମସ୍ୟା, ଦୂରଯାତ୍ରା, ବ୍ୟବସାୟିକ ଚିନ୍ତା, ଶୁଭଖବର, ଚୁକ୍ତିସମ୍ପାଦନ ଲୋକପ୍ରିୟତା ବୃଦ୍ଧି, ଦ୍ରବ୍ୟଲାଭ, ଶରୀର ସୁସ୍ଥ, ବନ୍ଧୁଦର୍ଶନ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସଫେଦ, ସଂଖ୍ୟା-୭, ଆରାଧନା-ଲକ୍ଷ୍ମୀନାରାୟଣ ।

**ତୁଳା:** ସମ୍ପର୍କରେ ବାଧା, ଆଳସ୍ୟଭାବ, ଗୃହେ ସହାୟତା, ଅର୍ଥଚିନ୍ତା, ସନ୍ତାନଲାଭ, ଉତ୍ସବକୁ ନେଇ ଦ୍ୱନ୍ଦ୍ୱ, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଅଯଥା ବିବାଦ, ଦୂରଯାତ୍ରାସଫଳ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଇସତଲାଲ୍, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସନ୍ତାନସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳତା, ପିତୃସମସ୍ୟା, କିଛି କାର୍ଯ୍ୟରେ ବିବାଦ, ସମ୍ପତ୍ତିସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ଅର୍ଥଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ମାନସିକ ଶାନ୍ତି, କାର୍ଯ୍ୟ ସଫଳ, ଆଶାପୂର୍ଣ୍ଣ, ବନ୍ଧୁସହଯୋଗ, ନୂତନ କର୍ମଲାଭ, ଆର୍ଥିକକଷ୍ଟ, ଶତ୍ରୁପରାଜିତ, ସନ୍ତାନଲାଭ, ବିଦ୍ୟାରେ ସଫଳତା, ସମ୍ପତ୍ତିଲାଭ, ଦୂରଯାତ୍ରାରେ ଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟରେ ପ୍ରଶଂସା, ଅର୍ଥଲାଭ, ଶତ୍ରୁସମସ୍ୟା, ଯାତ୍ରାରେ କଷ୍ଟ, ହଠାତ ଲାଭ, ଗୁରୁଜନେ ପ୍ରଶଂସା, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବାଣିଜ୍ୟରେ ସ୍ୱଳ୍ପ ଲାଭ, ବିଦ୍ୟାରେ ସଫଳତା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ଲକ୍ଷ୍ମୀ ।

**କୁମ୍ଭ:** ଧର୍ମକାର୍ଯ୍ୟରେ ଯୋଗ, ମାନସିକଶାନ୍ତି, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ପତ୍ତିଲାଭ, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନବୃଦ୍ଧି, ଆଶା ସଫଳ, ଶରୀର ସୁସ୍ଥ, ଅର୍ଥସମସ୍ୟା ସମାଧାନ, ସନ୍ତାନଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୧, ଆରାଧନା-ଭଗବାନ ଶଙ୍କର ।

**ମୀନ:** ଆର୍ଥିକଖୁସି, କିଛି ସମସ୍ୟା ସମାଧାନ, ଉଚ୍ଚଆଶାରେ କଷ୍ଟ, ଭ୍ରାତୃକଳହ, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ଶୁଭଖବ, ବନ୍ଧୁଗୃହେ ଯାତ୍ରା, ପିଲାଙ୍କ ସଫଳତା, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

ଶ୍ରାବଣ କୃଷ୍ଣପକ୍ଷ ପ୍ରତିପଦା
୩୦.୭.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ରଥଯାତ୍ରାର ସଫଳ ସମାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

## ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସାଧୁବାଦ

ଭୁବନେଶ୍ୱର, (ସବ୍ୟୁ) :ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଜଡିତ ଓଡିଶାର ସବୁଠାରୁ ବଡ ଏବଂ ମହତ୍ତ୍ୱପୂର୍ଣ୍ଣ ପର୍ବ ରଥଯାତ୍ରାର ସଫଳ ସମାପନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମସ୍ତ ଜଗନ୍ନାଥ ପ୍ରେମୀ, ସେବାୟତ, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଏହି ପବିତ୍ର କାର୍ଯ୍ୟ ସହ ଜଡିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରୀଜଗନ୍ନାଥ ଧାମ, ପୁରୀ ଠାରେ ଜଗନ୍ନାଥପ୍ରେମୀଙ୍କ ଅଭୂତପୂର୍ବ ସମାଗମ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ଶ୍ରଦ୍ଧା ସହିତ ସେବାୟତମାନେ ସମାପ୍ତ କରିଥିଲେ। ପାଗର ପ୍ରତିକୂଳ ପ୍ରଭାବ ଯୋଗୁଁ, ସାମାନ୍ୟ ବିଳମ୍ବ ହୋଇଥିଲେ ମଧ୍ୟ, ନବଯୌବନ ଦର୍ଶନଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ




କାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ସେବାୟତମାନେ ଶ୍ରଦ୍ଧା ଓ ଭକ୍ତି ସହିତ ସମସ୍ତ ନୀତିକାନ୍ତି କରିଥିଲେ। ଏଥିପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ସହ ଜଡିତ ସମସ୍ତ ସେବାୟତ ବନ୍ଧୁମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି ନବଦିନ ବ୍ୟାପୀ ଘୋଷଯାତ୍ରାକୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ଶୃଙ୍ଖଳିତ କରିବାରେ ଓଡିଶା ପୋଲିସର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି। ସାଢେ ୧୩ ହଜାରରୁ ବି ଅଧିକ ପୋଲିସ ବଳ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷା ଓ ସେବା ଯୋଗାଇ ଦେଇଥିଲେ। ତେଣୁ, ମୁଖ୍ୟମନ୍ତ୍ରୀ ପୋଲିସ ବାହିନୀକୁ ଧନ୍ୟବାଦ ଦେଇଛନ୍ତି। ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ କରିବାରେ ତାଙ୍କର ଶୃଙ୍ଖଳିତ ବ୍ୟବହାରକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ସବୁ ସେବାୟତ ଏବଂ ମଠଗୁଡିକୁ ଧନ୍ୟବାଦ ଦେଇଛନ୍ତି। ପୁରୀକୁ ଆସି ରଥଯାତ୍ରା, ସୁନାବେଶ ଓ ନୀଳାଦ୍ରୀବିଜେ ଉତ୍ସବରେ ସମସ୍ତ ଜଗନ୍ନାଥପ୍ରେମୀ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସାଧୁବାଦ ଜଣାଇଛନ୍ତି।

ରାଜ୍ୟ ସରକାର ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା ସହିତ ପୁରୀକୁ ଏକ ବିଶ୍ୱସ୍ତରୀୟ ଧର୍ମୀୟ-ପର୍ଯ୍ୟଟନ ସ୍ଥଳ କରିବା ପାଇଁ ସବୁ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ପୁରୀ ବିମାନବନ୍ଦର, ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ର, ମେରାଇନ ଆକ୍ୱାରିଆମ, ଶାମୁକା ପ୍ରକଳ୍ପ ମାଧ୍ୟମରେ ପୁରୀକୁ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରାଯାଉଛି। ରାଜ୍ୟ ସରକାର ପୁରୀକୁ ମହାନଗର ନିଗମ ଭାବେ ଘୋଷଣା କରିଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ ପୁରୀବାସୀ ତଥା ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ଗୁଣାତ୍ମକ ସେବା ପ୍ରଦାନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାଜ୍ୟ ସରକାରଙ୍କ ଆବେଦନ ଖାରଜ

# ମହାପ୍ରଭୁ ଜଗନ୍ନାଥ ଆନିମେଟେଡ ଫିଲ୍ମ ଚାଲିବ

କଟକ, (ସବ୍ୟୁ): 'ମହାପ୍ରଭୁ ଜଗନ୍ନାଥ ନାମରେ ନିର୍ମିତ ଆନିମେଟଡ୍ ଚଳଚ୍ଚିତ୍ରକୁ ନେଇ ଲାଗି ରହିଥିବା ବିବାଦରେ ବୁଧବାର ଅନ୍ତ ଘଟିଛି। ଏହି ଚଳଚ୍ଚିତ୍ର ପ୍ରଦର୍ଶନକୁ ବିରୋଧ କରି ରାଜ୍ୟ ସରକାରଙ୍କ ପକ୍ଷରୁ ରୁଜୁ ମାମଲାକୁ ସୁପ୍ରିମ୍‌କୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଯାହାଫଳରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ବାଟ ସଫା ହୋଇଯାଇଛି। ସୁପ୍ରିମ୍‌କୋର୍ଟ ବୁଧବାର ଏହି ମାମଲାର ଶୁଣାଣି ପରିପ୍ରେକ୍ଷୀରେ କହିଛନ୍ତି ଯେ, ବର୍ତ୍ତମାନ ଆନିମେସନ୍ ହେଉଛି କଳାର ଏକ ନୂଆ ଦିଗ। ଯାହାକି ପିଲାମାନଙ୍କୁ ଦୃଷ୍ଟିରେ ରଖି ତିଆରି କରାଯାଇଛି। ତେଣୁ ଏହି ଆବେଦନ ପାଇଁ ଚଳଚ୍ଚିତ୍ରଟିକୁ କାଣ୍ଟଛାଣ୍ଟ ଇରାଯାଇ ପାରିବ ନାହିଁ। ରାଜ୍ୟ ସରକାର, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ବିଭି ନାଗରତ୍ନା ଏବଂ ଜଷ୍ଟିସ୍ ଆର. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ପୂର୍ବ ଆଦେଶକୁ ସଂଶୋଧନ ପାଇଁ ମନା କରିବା ସହ ଚଳଚ୍ଚିତ୍ରର ପ୍ରଦର୍ଶନ ପାଇଁ ଅନୁମତି ଦେଇଛନ୍ତି।

### କଳାର ଅନ୍ୟ ଏକ ଦିଗ ହେଉଛି ଆନିମେସନ୍:ସୁପ୍ରିମ୍‌କୋର୍ଟ

ଚଳଚ୍ଚିତ୍ର ସଂସ୍ଥା ପକ୍ଷରୁ ଏହାର ଆଇନଜୀବୀ ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଥିଲେ ଯେ, ଏହି ଚଳଚ୍ଚିତ୍ର ନିର୍ମାଣରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଫିଲ୍ମ ପ୍ରଦର୍ଶନ ପାଇଁ ହଲ୍ ମଧ୍ୟ ବୁକ୍ କରାଯାଇ ସରିଛି। ଯଦି ଏହି ଚଳଚ୍ଚିତ୍ର ପ୍ରଦର୍ଶନ ନହୁଏ ତାହେଲେ ବହୁ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିବ। ସୁପ୍ରିମ୍‌କୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଏହି ଆନିମେସନ୍ ଚଳଚ୍ଚିତ୍ର ୱେବ୍ ସିରିଜ୍ ହୋଇଥିଲାବେଳେ ଇତିମଧ୍ୟରେ ଏହା ୟୁଟ୍ୟୁବ୍‌ରେ ପ୍ରଦର୍ଶିତ ହୋଇସାରିଛି। ସେନ୍ସର ବୋର୍ଡ ମଧ୍ୟ ଏଥିପାଇଁ ଅନୁମତି ପ୍ରଦାନ କରି ସାରିଛନ୍ତି। ଏହି ଚଳଚ୍ଚିତ୍ର ପ୍ରଦର୍ଶନକୁ ବିରୋଧ କରି ପ୍ରଥମେ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ରଥଯାତ୍ରା ସମୟରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ ପାଇଁ ନିଆଯାଇଥିବା ନିଷ୍ପତ୍ତି ଉପରେ ହାଇକୋର୍ଟ ରୋକ୍ ଲଗାଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଚଳଚ୍ଚିତ୍ର ନିର୍ମାଣକାରୀ ସଂସ୍ଥା ସୁପ୍ରିମ୍‌କୋର୍ଟଙ୍କୁ ଯାଇଥିଲେ। ସୁପ୍ରିମ୍‌କୋର୍ଟ ମାମଲାର ଶୁଣାଣି କରି ରଥଯାତ୍ରା ପରେ ଅର୍ଥାତ ୨୮ ତାରିଖରେ ପ୍ରଦର୍ଶନ କରାଯାଇ ପାରିବ ବୋଲି ସ୍ପଷ୍ଟ କରିଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ସରକାର, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପୁନର୍ବାର ସୁପ୍ରିମ୍‌କୋର୍ଟଙ୍କୁ ଯାଇଥିଲେ। ସୁପ୍ରିମ୍‌କୋର୍ଟ ମଙ୍ଗଳବାର ଏବଂ ବୁଧବାର ଏହା ଉପରେ ବିସ୍ତୃତ ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି।

## ୧୫ ଦିନ ହେଲା ପାଣି ଘେରରେ ୨୦ ପରିବାର

ବାଲେଶ୍ୱର, (ସବ୍ୟୁ):ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସାନତଭା ଗାଁରେ ଏବେ ଜଳବନ୍ଦୀ ଅବସ୍ଥାରେ ୨୦ରୁ ଅଧିକ ପରିବାର। ଲଘୁଚାପ ଜନିତ ବର୍ଷା ଛାଡ଼ିଥିଲେ ମଧ୍ୟ ଗାଁରୁ ପାଣି ନିଷ୍କାସିତ ହୋଇପାରୁନାହିଁ। ଫଳରେ ଦୀର୍ଘ ୧୫ ଦିନ ହେବ ଏହି ପରିବାରଗୁଡ଼ିକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ ବାଜିତପୁର ପଞ୍ଚାୟତର ସାନତଭା ଗ୍ରାମବାସୀ ଏବେ ପ୍ରକୃତି ଓ ପରିସ୍ଥିତିର ଶିକାର ହୋଇଛନ୍ତି। ପାଣି ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ ଗାଁ ଭିତରେ ବର୍ଷା ପାଣି ଜମି ରହିଛି। ଲୋକଙ୍କ ଘର ଚାରିପାଖରେ ପାଣି ଘେରି ରହିଥିବା ବେଳେ ରାସ୍ତାଘାଟ, ଚୁଲି ଓ ଶୌଚାଳୟ ମଧ୍ୟ ପାଣିରେ ବୁଡ଼ି ରହିଛି। ରୋଷେଇ କରିବା ଠାରୁ ଆରମ୍ଭ କରି ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି ୨୦ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ଯେଉଁ ପଥ ଦେଇ ବର୍ଷା ପାଣି ନିଷ୍କାସିତ ହେଉଥିଲା, ପଡ଼ୋଶୀମାନେ ସେହି ସ୍ଥାନରେ ମାଟି ପକାଇ ଉଚ୍ଚ କରିଦେବାରୁ ପାଣି ବାହାରକୁ ଯାଇପାରୁ ନାହିଁ। ସମସ୍ୟା ଗୁରୁତର ହେବାରୁ ସ୍ଥାନୀୟ ସମିତି ସଭ୍ୟ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ସାଳନ୍ଦୀ ନଦୀରେ ପ୍ରଥମ ବନ୍ୟାଜଳ

ଭଦ୍ରକ, (ସବ୍ୟୁ) : ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଚଳିତ ବର୍ଷ ସାଳନ୍ଦୀ ନଦୀରେ ପ୍ରଥମ ବନ୍ୟାଜଳ ଆସିଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଅନେକ ଗାଁର ଲୋକମାନେ ଜଳବନ୍ଦୀ ଜୀବନ ବିତାଉଥିବା ବେଳେ ଶହ ଶହ ହେକ୍ଟର ଚାଷ ଜମି ଜଳାର୍ଣ୍ଣବ ହୋଇପଡିଛି। ହଦଗଡ଼ ଡ୍ୟାମରୁ ପ୍ରତି ସେକେଣ୍ଡରେ ୧୮୦୦କ୍ୟୁସେକ ଜଳ ଆସିବା ଦ୍ୱାରା ସାଳନ୍ଦୀ ଓ ନାଳିଆ ନଦୀର ତଟବର୍ତ୍ତୀ ଅଂଚଳର ଲୋକଙ୍କୁ ଅଧିକ ପ୍ରଭାବିତ କରିଛି। ବିଶେଷ କରି ତିହିଡି ବ୍ଲକର ବାରୋ, କାଁପଡ଼ା, ବିଲଣା, କୁବେରା ଓ ତଳଗୋପବିନ୍ଧା ଆଦି ପଞ୍ଚାୟତର ବନ୍ୟା ଜଳ ପ୍ରବେଶ କରି ନାହିଁ ନଥିବାର ସମସ୍ୟା ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଧାମନଗର ବ୍ଲକର କଟସାହି ପଞ୍ଚାୟତ, ଭଦ୍ରକ ବ୍ଲକର ଅର୍ଣ୍ଣପାଳ ଓ ବିଷ୍ଣୁପୁର ପଞ୍ଚାୟତ ମଧ୍ୟ ପ୍ରଭାବିତ ହୋଇଛି। କଟସାହି ପଞ୍ଚାୟତର ପଥରଡିଅ ମୁଦୁଲୀ ସାହି ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ପରିବାର ଦୁଇ ଦିନ ହେବ ଜଳବନ୍ଦୀ ହୋଇ ରହିଥିବାବେଳେ ବାରୋ ପଂଚାୟତର ବଳିଆରପୁର ଗ୍ରାମର ୮୦ରୁ ଉର୍ଦ୍ଧ୍ୱ ପରିବାରର ଲୋକମାନେ ମଧ୍ୟ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଅଧିକାଂଶଙ୍କ ଘରେ ବନ୍ୟା ଜଳ ପ୍ରବେଶ କରିଥିବାବେଳେ ଗାଁ ଦାଣ୍ଡରେ ୪ଫୁଟରେ ପ୍ରବାହିତ ହେଉଛି। ସାଳନ୍ଦୀ ନଦୀର ଦେଉଳପାଳ ଠାରେ ୧୦୦ଫୁଟର ଅଧିକ ନଦୀବନ୍ଧ ଧସି ଘାଇ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି କରିଛି। ଲୋକମାନେ ଜଳବନ୍ଦୀ ଜୀବନ ବିତାଉଥିବା ଖବରପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତିହିଡି ବିଡ଼ିଓ ବନ୍ୟାଂଚଳରେ ପହଂଚି ବିପନ୍ନଙ୍କ ସମସ୍ୟା ଦେଖିଛନ୍ତି।

## ପାଣିରେ ବୁଡ଼ି ଦୁଇ ମୃତ

କେନ୍ଦୁଝର ,(ଜିପ୍ର) :କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରେ ପାଣିରେ ବୁଡ଼ି ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଖୁଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ କନ୍ତଲେଇ ଦାଣ୍ଡିଆସାହିର ରଙ୍ଗାଧର ଦେହୁରୀଙ୍କ ସ୍ତ୍ରୀ ଅଖାରୀ ଦେହୁରୀ(୫୮) ଓ କାଳିଆହତା ଘାଷିସାହିର ଶିତୁଲ ମୁଣ୍ଡାଙ୍କ ଶିଶୁକନ୍ୟା ଏଲିନା ମୁଣ୍ଡା (୧୨ବର୍ଷ)। ମଙ୍ଗଳବାର ଅଖାରୀ ଗୋରୁ ଚରାଇବା ଯାଇ ସନ୍ଧ୍ୟାରେ ଘରକୁ ଫେରିବା ବେଳେ ଗାଁ ମୁଣ୍ଡ ଚାଷ ଜମିରେ ପ୍ରବାହିତ ବର୍ଷା ପାଣିରେ ପଡି ଯାଇଥିଲେ। ବୁଧବାର ସକାଳେ ତାର ଶବ ଉଦ୍ଧାର କରାଯାଇଥିଲା। କାଳିଆହତାର ଶିତୁଲ ମୁଣ୍ଡାଙ୍କ ଝିଅ ଏଲିନା ବୁଧବାର ଅପରାହ୍ନରେ ଘର ନିକଟସ୍ଥ ନାଳ ପାରି ହେଉଥିବା ବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ।

## ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ସୁରକ୍ଷା କଡ଼ାକଡ଼ି

# ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସର ନୋ ଫ୍ଲାଇଂ ଜୋନ୍

କଟକ(ସବ୍ୟୁ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ଅଗଷ୍ଟ ୩ ତାରିଖରେ ବାଙ୍କୀସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗସ୍ତ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଏନଏସଏସ ଆଇନ, ୨୦୨୩ର ଧାରା ୧୪(୧) ଓ ଧାରା ୧୬୩ ଅନୁଯାୟୀ ଆଦେଶ ଜାରି କରିଛନ୍ତି। ଆସନ୍ତା ଅଗଷ୍ଟ ୧ ତାରିଖଠାରୁ ରାଷ୍ଟ୍ରପତିଙ୍କ କଟକ ଜିଲ୍ଲା ଗସ୍ତ ସମାପ୍ତି ପର୍ଯ୍ୟନ୍ତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସର, ହେଲିପ୍ୟାଡ୍, ନିର୍ଦ୍ଧାରିତ ସୁରକ୍ଷିତ ସ୍ଥାନ, ଭିଭିଆଇପି ରୁଟ୍ ଏବଂ ସମ୍ପୃକ୍ତ ସୁରକ୍ଷା ସମ୍ବେଦନଶୀଳ ଅଞ୍ଚଳକୁ 'ନୋ ଡ୍ରୋନ୍/ନୋ ଫ୍ଲାଇଂ ଜୋନ୍' ଭାବେ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମର ସୂଚାରୁ ପରିଚାଳନା ନିମନ୍ତେ କାର୍ଯ୍ୟକ୍ରମ ସ୍ଥଳୀ ଓ ଏହାର ଆଖପାଖ ଅଞ୍ଚଳରେ ପାରା ଗ୍ଲାଇଡର୍, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ଡ୍ରୋନ୍ ଉଡ଼ାଣକୁ ନିଷେଧ କରାଯାଇଛି। ଏହି ଆଦେଶର ଉଲ୍ଲଂଘନ କଲେ ନିଷିଦ୍ଧ ଉପକରଣଗୁଡ଼ିକୁ ଜବତ କରାଯିବା ସହିତ ଡ୍ରୋନ୍ ନିୟମ, ୨୦୨୧, ଏୟାରକ୍ରାଫ୍ଟ ଆଇନ, ୧୯୩୪ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ସମେତ ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରାଯିବ। ଏଣୁ ଏହି ଆଦେଶକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଦେଶର ସଫଳ କାର୍ଯ୍ୟକାରିତା ଓ ସମନ୍ୱୟ ପାଇଁ ବାଙ୍କୀ ଉପଜିଲ୍ଲାପାଳଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି। ନୋଡାଲ୍ ଅଧିକାରୀଙ୍କ ପୂର୍ବ ଲିଖିତ ଅନୁମତି ବିନା ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ଅବଧି ମଧ୍ୟରେ କୌଣସି ପ୍ରକାର ଡ୍ରୋନ୍ ପରିଚାଳନାକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ବ୍ୟାଙ୍କ ଅଫ୍ ବରୋଦାର ନୂତନ ଜାଗମରା ଶାଖା ଉଦ୍‌ଘାଟିତ

କଟକ, (ସବ୍ୟୁ) : ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳରେ ନୂତନ ଜାଗମରା ଶାଖାର ଉଦ୍‌ଘାଟନ କରି ଓଡିଶାରେ ନିଜର ବ୍ୟାଙ୍କିଙ୍ଗ୍ ସେବାକୁ ଆହୁରି ସୁଦୃଢ଼ କରିପାରିଛି। ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ଦେବଦତ୍ତ ଚାନ୍ଦ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ନୂତନ ଶାଖା ସହିତ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳରେ ମୋଟ୍ ଶାଖା ସଂଖ୍ୟା ୩୫୨କୁ ବୃଦ୍ଧି ପାଇଥିବା ବେଳେ ଓଡିଶାରେ ଏହାର ଶାଖା ସଂଖ୍ୟା ୨୧୦କୁ ବୃଦ୍ଧି ପାଇଛି। ଏହା ରାଜ୍ୟରେ ସମସ୍ତ ବର୍ଗର ଗ୍ରାହକଙ୍କୁ ସୁବିଧାଜନକ ଓ ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ କରିବା ପ୍ରତି ବ୍ୟାଙ୍କର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରୁଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ, ଭୁବନେଶ୍ୱର କ୍ଷେତ୍ରର ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ସତ୍ୟ ରଞ୍ଜନ ମହାପାତ୍ର, ଉପ-ମହାପ୍ରବନ୍ଧକ ଦେବୀ ପ୍ରସାଦ ମହାନ୍ତି (ବ୍ୟବସାୟିକ ବିକାଶ), ଉପ-ମହାପ୍ରବନ୍ଧକ ରାକେଶ ଝା (କମ୍ପ୍ଲିଆନ୍ସ ଆଣ୍ଡ ଆସ୍ୟୁରାନ୍ସ) ଏବଂ ଉପ-ମହାପ୍ରବନ୍ଧକ ଏବଂ ଜେଡ୍‌ଆଇଏଡି ମୁଖ୍ୟ ଜଗଜୀବନ ମହାପାତ୍ରଙ୍କ ସମେତ ମୂଲ୍ୟବାନ ଗ୍ରାହକ ଓ ସମ୍ମାନିତ ଅତିଥି ଉପସ୍ଥିତ ଥିଲେ।




## ୩୬ ଦିନର ଏକ୍‌ମୋ ସହାୟତା ପରେ

# ରୋଗୀଙ୍କ ଜୀବନ ବଞ୍ଚାଇଲା ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, (ସବ୍ୟୁ) : ମୃତ୍ୟୁ ସହିତ ୩୬ ଦିନର ସଂଘର୍ଷ। ଗୁରୁତର ଶ୍ୱାସକ୍ରିୟା ବିଫଳତା ପରେ ପ୍ରତିଟି ମୁହୂର୍ତ୍ତ ଥିଲା ମୂଲ୍ୟବାନ। ମାତ୍ର ଏମ୍ସ ଭୁବନେଶ୍ୱର ଡାକ୍ତରୀ ଦଳଙ୍କ ପ୍ରତିବଦ୍ଧତା, ନିଷ୍ଠାପର ଉଦ୍ୟମ, ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଏକପ୍ରକାର ଅସମ୍ଭବ ଲାଗୁଥିବା ଘଟଣାକୁ ସମ୍ଭବରେ ପରିଣତ କରିଛି। ଗୁରୁତର ନିମୋନିଆରେ ପୀଡ଼ିତ ହୋଇ ଝାରସୁଗୁଡାର ଜଣେ ୪୯ ବର୍ଷୀୟା ମହିଳା ପୁଲିସ ଅଧିକାରୀଙ୍କୁ ଏପ୍ରିଲ୍ ମାସ ୧୮ ତାରିଖରେ ଭୁବନେଶ୍ୱରର ଏକ କର୍ପୋରେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସର୍ବୋତ୍ତମ ଆଇସିୟୁ କେୟାର ଏବଂ ଯାନ୍ତ୍ରିକ ଭେଣ୍ଟିଲେସନ୍ ପାଇବା ସତ୍ତ୍ୱେ, ଉକ୍ତ ମହିଳା ପୁଲିସ ଅଧିକାରୀଙ୍କ ଅମ୍ଳଜାନ ସ୍ତର ଖରାପ ହେବାକୁ ଲାଗିଲା। ଗୁରୁତର ଶ୍ୱାସକ୍ରିୟା ବିଫଳତାର ସମ୍ମୁଖୀନ ହୋଇ, ତାଙ୍କୁ ଉନ୍ନତ ଜୀବନ ସହାୟତା ପାଇଁ ମେ ମାସ ୭ ତାରିଖରେ ଏମ୍ସ ଭୁବନେଶ୍ୱରକୁ ରେଫର କରାଯାଇଥିଲା। ମଧ୍ୟରାତ୍ରିରେ ଗୁରୁତର ହାଇପୋକ୍ସେମିଆ ସହିତ ଅତ୍ୟନ୍ତ ସଙ୍କଟଜନକ



ଅବସ୍ଥାରେ ମେଡିକାଲ ଇଣ୍ଟେନ୍ସିଭ୍ କେୟାରୟୁନିଟ୍ ରେ ପହଞ୍ଚିବା ପରେ, ଇଣ୍ଟେନ୍ସିଭ୍ କେୟାର ମେଡିସିନ୍ ଏବଂ ଏକମୋ ବିଶେଷଜ୍ଞ ଡ. ଶ୍ରୀକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତୁରନ୍ତ ଜୀବନ ରକ୍ଷାକାରୀ ଭିଭି-ଏକମୋ ଥେରାପି ଆରମ୍ଭ କରିଥିଲେ। ମହିଳାଙ୍କ ଫୁସଫୁସକୁ ସୁସ୍ଥ କରିବା ପାଇଁ ୩୬ ଦିନ ନିରନ୍ତର ଏକମୋ ସହାୟତା (୭ ମେ ରୁ ୧୨ ଜୁନ୍, ୨୦୨୬) ପ୍ରଦାନ କରଯାଇଥିଲା। ଆକ୍ୟୁଟ୍ ରେସ୍ପିରେଟୋରୀ ଡିଷ୍ଟ୍ରେସ୍ ସିଣ୍ଡ୍ରୋମ୍ (ଏଆରଡିଏସ) ପାଇଁ ୩୬ ଦିନ ଧରି ଭେନୋ-ଭେନସ୍ ଏକ୍ସଟ୍ରାକର୍ପୋରିଆଲ୍ ମେମ୍ବ୍ରାନ୍ ଅକ୍ସିଜେନେସନ୍ (ଭିଭି-ଏକମୋ) ସହାୟତା ପରେ ମହିଳା ପୁଲିସ ଅଧିକାରୀଙ୍କ ସଫଳତାର ସହ ଚିକିତ୍ସା କରି ଏମ୍ସ ଭୁବନେଶ୍ୱର ଉନ୍ନତ ଇଣ୍ଟେନ୍ସିଭ୍ କେୟାର ମେଡିସିନ୍ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଏହି ୩୬ ଦିନ ସମୟ ମଧ୍ୟରେ, ମହିଳାଙ୍କୁ ବ୍ୟାପକ ଇଣ୍ଟେନ୍ସିଭ୍ କେୟାର ମିଳିଥିଲା। ରୋଗୀଙ୍କ ଫୁସଫୁସ ଧୀରେ ଧୀରେ ସୁସ୍ଥ ହେବା ପରେ, ତାଙ୍କୁ ୧୨ ଜୁନ୍, ୨୦୨୬ ରେ ଏକମୋ ସହାୟତାରୁ ସଫଳତାର ସହ ମୁକ୍ତ କରାଯାଇଥିଲା ଏବଂ ୨୭ ଜୁନ୍ ରେ ଯାନ୍ତ୍ରିକ ଭେଣ୍ଟିଲେସନରୁ ବାହାର କରାଯାଇଥିଲା। ଏକାଧିକ ମେଡିକାଲ୍ ପ୍ରକ୍ରିୟା ପରେ ମହିଳା ପୁଲିସ ଅଧିକାରୀଙ୍କୁ ୬ ଜୁଲାଇରେ ଏମଆଇସିୟୁ ରୁ ଜେନେରାଲ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଥିଲା। ୧୮ ଜୁଲାଇ ସୁଦ୍ଧା ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ସପ୍ଲିମେଣ୍ଟାଲ୍ ଅକ୍ସିଜେନ୍ ମୁକ୍ତ କରାଯାଇଥିଲା। ସ୍ୱାଭାବିକ ଭାବେ ମହିଳା ଜଣଙ୍କ ନିଜର ଦୈନନ୍ଦିନ କାର୍ଯ୍ୟକଳାପ ସମ୍ପନ୍ନ କରିବା ପରେ, ରୋଗୀଙ୍କୁ ୨୪ ଜୁଲାଇରେ ଏମ୍ସରୁ ଡିସଚାର୍ଜ କରାଯାଇଥିଲା। ଉଲ୍ଲେଖନୀୟ କ୍ଲିନିକାଲ୍ ସଫଳତା ହାସଲ କରିଥିବାରୁ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ୨୪୫ଗ୍ରାମ୍ ବ୍ରାଉନସୁଗର ଜବତ, ୬ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚାରୋଟି ମାମଲାରେ ଭୁବନେଶ୍ୱର ଅବକାରୀ ୬ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୪୫ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି। ଗୋଟିଏ ମାମଲାରେ ୩ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୧୯ଗ୍ରାମ୍ ବ୍ରାଉନସୁଗର ଓ ଅଟୋରିକ୍ସା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଦ୍ଧି ଖାନ୍, ଦୁର୍ଗା ରାଉତ, ସର୍ଦ୍ଦାମ ହୋସେନ। ସମସ୍ତଙ୍କ ଘର ଶିଖରଚଣ୍ଡି ଅଞ୍ଚଳରେ ବୋଲି ଅବକାରୀ ଟିମ୍ କହିଛି। ମହିଷିଆଖାଲ ବସ୍ତିରେ ଚଢାଉ କରାଯାଇ ୪୫ଗ୍ରାମ୍ ବ୍ରାଉନସୁଗର ଜବତ କରାଯିବା ସହ ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ମହିଳା ହେଲେ ସନ୍ତୋଷୀ ବେହେରା। ସେ ବ୍ରାଉନସୁଗର ବିକ୍ରି କରୁଥିବା ଖବର ପାଇ ଅବକାରୀ ଟିମ୍ ଚଢାଉ କରି ତାକୁ କାବୁ କରିନେଇଥିଲା। ସେହିପରି ରାଜମହଲ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବର ପାଇ ଅବକାରୀ ଟିମ୍ ସେଠାକୁ ଯାଇ ପଦ୍ମା ପଣ୍ଡାକୁ ଗିରଫ କରିବା ସହ ତା'ନିକଟରୁ ୪୫ ଗ୍ରାମ୍ ବ୍ରାଉନସୁଗର ଜବତ କରିବାରେ ସମର୍ଥ ହେଲା। ରାଜମହଲ ନିକଟରେ ସେ ଠିଆ ହୋଇ ବ୍ରାଉନସୁଗର ପୁଡିଆ ବିକ୍ରି କରୁଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିବା ପରେ ଚଢାଉ କରାଯାଇଥିଲା। ପାହାଳ ନିକଟ ଇଷ୍ଟ କଲେଜ ପାଖରେ ବ୍ରାଉନସୁଗର ବିକ୍ରି କରୁଥିବା ବିକ୍ରମ ବେହେରାକୁ ବାଲିଅନ୍ତା ଅବକାରୀ ଷ୍ଟେସନ ଟିମ୍ ଗିରଫ କରିବା ସହ ତା'ନିକଟରୁ ୩୭ ଗ୍ରାମ୍ ବ୍ରାଉନସୁଗର ଜବତ କରିବାରେ ସମର୍ଥ ହୋଇଥିବା ସୂଚନା ମିଳିଛି। ଗିରଫ ୬ ବ୍ରାଉନସୁଗର ବ୍ୟବସାୟୀଙ୍କୁ ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## ବେଦାନ୍ତ ଆଲୁମିନିୟମ କୋଇଲା ଖଣି

# ଝାରସୁଗୁଡା, ସୁନ୍ଦରଗଡ଼ ଜିଲ୍ଲାରେ ଦିବ୍ୟାଙ୍ଗଙ୍କ ପାଇଁ ସହାୟତାକୁ ବ୍ୟାପକ କରିଛି

ଭୁବନେଶ୍ୱର,(ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଦିବ୍ୟାଙ୍ଗଙ୍କ ପାଇଁ ଏହାର ସହାୟତା ପଦକ୍ଷେପକୁ ବ୍ୟାପକ କରିଛି। ଯାହା ସମାବେଶୀ ଗୋଷ୍ଠୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, ଗତିଶୀଳତା ଏବଂ ସୁଗମ୍ୟତାକୁ ବୃଦ୍ଧି କରିବା ପାଇଁ ୪୯ ଜଣ ହିତାଧିକାରୀ ହ୍ୱିଲଚେୟାର ଏବଂ ଶ୍ରବଣ ଯନ୍ତ୍ର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜାମଖାନି, ଗିରିସିମା, ଝାରପଲମ, ମେଣ୍ଡ୍ରାର ଆର ଆଣ୍ଡ ଆର କଲୋନୀ, ଗର୍ଜନଜୋର, ବିଲିମୁଣ୍ଡା, ଛତାବର ଏବଂ ଘୋଘରପଲ୍ଲୀକୁ ସମ୍ପ୍ରସାରିତ ହୋଇଥିଲା, ଯେଉଁଠାରେ ଚିହ୍ନଟ ହୋଇଥିବା ହିତାଧିକାରୀମାନଙ୍କୁ ୧୯ଟି ହୁଇଲଚେୟାର ବଣ୍ଟନ କରାଯାଇଥିଲା। ହୁଇଲଚେୟାର ବଣ୍ଟନ ମାଧ୍ୟମରେ ପୂର୍ବରୁ କୁରାଲୋଇରେ ହିତାଧିକାରୀମାନଙ୍କୁ ସମାନ ସହାୟତା ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦିବ୍ୟାଙ୍ଗ ଏବଂ ବୟସ୍କ ଲୋକଙ୍କ ଗତିଶୀଳତା ଏବଂ ଉପଲବ୍ଧତା ଆବଶ୍ୟକତାକୁ ସମାଧାନ କରିବା, ସେମାନଙ୍କୁ ଦୈନନ୍ଦିନ ଏବଂ ଗୋଷ୍ଠୀ ଜୀବନରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାରେ ସାହାଯ୍ୟ କରିବା। ଏଭଳି ପ୍ରୟାସ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ କୋଇଲା



ଖଣି ଏହାର କାର୍ଯ୍ୟ କ୍ଷେତ୍ରରେ ଅତ୍ୟାବଶ୍ୟକ ସହାୟତା ସେବାଗୁଡ଼ିକୁ ସୁଦୃଢ଼ କରିଛି। ଏହି ସହାୟକ ଉପକରଣ ଗୁଡ଼ିକୁ ଗର୍ଜନଜୋର ପଞ୍ଚାୟତର ସରପଞ୍ଚ ସୁନନ୍ଦା କାଲୋଙ୍କ ସମେତ ମାନ୍ୟତାପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) କର୍ମୀ, କମିଟି ସଦସ୍ୟ ଏବଂ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା। ଯେଉଁଥିରେ ଏଡାକୁ ଆଗେଇ ନେବାରେ ଅଂଶୀଦାରମାନଙ୍କ ସହିତ ଦୃଢ଼ ସହଯୋଗ ଉପରେ ଆଲୋକପାତ କରାଯାଇଥିଲା।ଏହି ପଦକ୍ଷେପ ଉପରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମ କୋଇଲା ଖଣିରେ, ବ୍ୟବହାରିକ ଏବଂ ସମାବେଶୀ ହସ୍ତକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ଆବଶ୍ୟକତାକୁ ସମାଧାନ କରିବା ଉପରେ ଆମର ଧ୍ୟାନ ରହିଛି। ଆବଶ୍ୟକ ସହାୟତା ପ୍ରଦାନ କରି, ଆମେ ଦିବ୍ୟାଙ୍ଗ ଏବଂ ବୟସ୍କ ସଦସ୍ୟମାନଙ୍କ ସୁଗମ୍ୟତାକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ସେମାନଙ୍କୁ ଅଧିକ ସ୍ୱାଧୀନ ଏବଂ ପରିପୂର୍ଣ୍ଣ ଜୀବନଯାପନ କରିବାରେ ସକ୍ଷମ କରିବ। ଅର୍ଥପୂର୍ଣ୍ଣ ଏବଂ ସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟି କରିବା ପାଇଁ ସମ୍ପ୍ରଦାୟ ଏବଂ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ।

# ରାହୁଲ ଗାନ୍ଧୀଙ୍କୁ ହତ୍ୟା ଧମକ ଉପରେ କଂଗ୍ରେସର ତୀବ୍ର ପ୍ରତିକ୍ରିୟା

ଭୁବନେଶ୍ୱର,(ସବ୍ୟୁ): ସାମାଜିକ ଗଣମାଧ୍ୟମରେ ବିରୋଧୀ ଦଳ ନେତା ସାଂସଦ ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ ତଥା ହତ୍ୟା ଧମକ ଦେବାକୁ ନେଇ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଓ ମୁଖପାତ୍ର ଜୟଶ୍ରୀ ପାତ୍ର ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ପ୍ରତିକ୍ରିୟା ପ୍ରକାଶକରି କହିଛନ୍ତି ଯେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପୁରୀ ଜିଲ୍ଲାର ସୁବ୍ରତ ଜେନା ନାମକ ଜଣେ ଯୁବକ ଗୁଳି ମାରି ହତ୍ୟା କରିବାକୁ ତାର ଏକ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରି ଧମକ ଦେଇଛି। ସେ ତା ପୋଷ୍ଟରେ ଉଲ୍ଲେଖ କରିଛି ଯେ ଜାତିର ପିତା ମହାତ୍ମା ଗାନ୍ଧୀ ତଥା




ସ୍ୱର୍ଗୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଭଳି ରାହୁଲ ଗାନ୍ଧୀଙ୍କୁ ଗୁଳି କରି ହତ୍ୟା କରାଯିବା ଉଚିତ। କଂଗ୍ରେସ ଦଳ ଓଡିଶା ତଥା ସମଗ୍ର ଦେଶରେ ଲୋକଙ୍କର ବିଭିନ୍ନ ପ୍ରସଙ୍ଗକୁ ନେଇ ଲୋକସଭାରେ ବିରୋଧୀ ଦଳ ନେତା ସ୍ୱର ଉତ୍ତୋଳନ କରୁଥିବାରୁ ବିଜେପି ଦଳ ଏଥିରେ ହତୋତ୍ସାହିତ ହୋଇ ପଡିଛନ୍ତି। ସମଗ୍ର ଦେଶରେ ଛାତ୍ରୋଂ କି ଗୁଞ୍ଜ ଅଭିଯାନ ମାଧ୍ୟମରେ ରାହୁଲ ଗାନ୍ଧୀ ଜେନ ଜୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଫଳରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ତେଣୁ ରାହୁଲ ଗାନ୍ଧୀଙ୍କୁ ବଦନାମ କରିବା ସହ ଗୁଳି ମାରି ହତ୍ୟା କରିବାକୁ ଧମକ ଦିଆଯାଉଛି। ଉକ୍ତ ଫେସବୁକ ପୋଷ୍ଟକୁ ନେଇ କଂଗ୍ରେସ ପକ୍ଷରୁ ଓପିସିସି ଲିଗାଲ ବିଭାଗର ସହ ଅଧ୍ୟକ୍ଷ ଆଲୋକ ପ୍ରସାଦ ନନ୍ଦ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି ୨୭ ତାରିଖରେ ସାଇବର ଥାନାରେ ଏଫଆଇଆର ଦିଆ ଯାଇଛି। କିନ୍ତୁ ଏଯାବତ ସଂପୃକ୍ତ ଯୁବକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

### "ଆଗାମୀ ୩ ବର୍ଷରେ ଗାଁ ରେ ପହଞ୍ଚିବ ଅପ୍ଟିକାଲ ଫାଇବର ଇଣ୍ଟରନେଟ

# ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ) : ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ରାଜ୍ୟର ୬,୭୯୯ଟି ଗ୍ରାମ ପଞ୍ଚାୟତକୁ ଆଇପି ଏମ୍ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବ । ଗ୍ରାମ ସ୍ତର ପର୍ଯ୍ୟନ୍ତ ଏଫଟିଟିଏଚ୍ ସଂଯୋଗ ବିସ୍ତାର କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ମିଶନରେ "ଭାରତ ନେଟ୍ ପରିଯୋଜନା" ଫେଜ୍-୩ର ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ହାଇସ୍ପିଡ ଇଣ୍ଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ଼ କରାଯିବା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୩୩୮୪ କୋଟିର ଅଧିକ ଟଙ୍କା ଖର୍ଚ୍ଚ କରିବେ । ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ । ଏହା ଅଧୀନରେ ୫୦ ହଜାରରୁ ଅଧିକ ଗାଁକୁ ଇଣ୍ଟରନେଟ



ସେବା ଉପଲବ୍ଧ କରାଯିବ ଏବଂ ଏଥି ନିମନ୍ତେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ । ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଞ୍ଚାୟତକୁ ଯୋଡି ପଞ୍ଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଞ୍ଚାୟତରୁ ଗାଁ ର ଘରକୁ ଘର ସଂଯୋଗ କରାଯିବ । ଏହି ବ୍ୟବସ୍ଥାରେ ପ୍ରତ୍ୟେକ ବ୍ଲକକୁ ଡାଟା ଏକ୍ସଚେଞ୍ଜ ସେଣ୍ଟର ଏବଂ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରରେ ମଧ୍ୟ ଏକ ଡାଟା ଏକ୍ସଚେଞ୍ଜ ସେଣ୍ଟର ଭାବେ ବିକଶିତ କରାଯିବ । ସରକାରଙ୍କ ସଂକଳ୍ପ ପତ୍ର ଅନୁସାରେ ଆଜି ଡିଜିଟାଲ୍ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା, ଉନ୍ନତ ପ୍ରଯୁକ୍ତିର ପ୍ରସାର ଏବଂ ନାଗରିକମାନଙ୍କୁ ଉନ୍ନତମାନର ଡିଜିଟାଲ୍ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ନିଶ୍ଚିତ ରୂପେ ବାସ୍ତବ ରୂପ ନେଇଛି ବୋଲି ମନ୍ତ୍ରୀ କହିଛନ୍ତି । ପ୍ରଥମ ବୁଝାମଣା ପତ୍ରଟି ଓଡ଼ିଶାରେ ସଂଶୋଧିତ ଭାରତନେଟ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଡିଜିଟାଲ୍ ଭାରତ ନିଧି , ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ଏବଂ ବିଏସଏନଏଲ ମଧ୍ୟରେ ତ୍ରିପକ୍ଷୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

### ନନ୍ଦନକାନନରେ ଅନ୍ତର୍ଜାତୀୟ ବାଘ ଦିବସ ପାଳିତ

# ସଚେତନତା ଓ ସଂରକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର/ବାରଙ୍ଗ, (ସବ୍ୟୁ) : ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ବାଘ ଦିବସ ୨୦୨୬ ଅବସରରେ ବିଭିନ୍ନ ସଚେତନତା, ଶିକ୍ଷାମୂଳକ ଓ ସଂରକ୍ଷଣଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବାଘ ସଂରକ୍ଷଣ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏବଂ ବନ୍ୟଜନ୍ତୁ ସୁରକ୍ଷାରେ ସାଧାରଣ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଥିଲେ ଯେ, ଅନ୍ତର୍ଜାତୀୟ ବାଘ ଦିବସ ବାଘ ଓ ଏହାର ବାସସ୍ଥଳୀର ସଂରକ୍ଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ସାମୂହିକ ପ୍ରୟାସକୁ ସୁଦୃଢ଼ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ । ଶିକ୍ଷା, ସମ୍ପ୍ରଦାୟର ସହଭାଗିତା ଏବଂ ସଂରକ୍ଷଣମୂଳକ ପଦକ୍ଷେପ ମାଧ୍ୟମରେ ନନ୍ଦନକାନନ



ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତାକୁ ସଫଳତାର ସହ ପ୍ରସାର କରିଆସୁଛି । କାର୍ଯ୍ୟକ୍ରମର ଅଂଶସ୍ୱରୂପ ସ୍ୱାକ୍ଷର ଅଭିଯାନ ଏବଂ ବାଘ ସଂରକ୍ଷଣ ଶପଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହା ମାଧ୍ୟମରେ ପରିଦର୍ଶକମାନଙ୍କୁ ଭାରତର ଜାତୀୟ ପଶୁ ବାଘ ଓ ଏହାର ବାସସ୍ଥଳୀର ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରିବାକୁ ଆହ୍ୱାନ କରାଯାଇଥିଲା । ସେହିପରି "୧ ପ୍ରଶ୍ନ ୧ ଉତ୍ତର ୧ ପୁରସ୍କାର" ମୋବାଇଲ ସଚେତନତା ଅଭିଯାନର ମଧ୍ୟ ଶୁଭାରମ୍ଭ କରାଯାଇଥିଲା । ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ବାଘ ସଂରକ୍ଷଣ ସମ୍ପର୍କିତ ପ୍ରଶ୍ନୋତ୍ତର ଓ ପୁରସ୍କାର ବ୍ୟବସ୍ଥା ଜରିଆରେ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି । ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ସେମାନଙ୍କର ଉତ୍ସର୍ଗୀକୃତ ସେବାକୁ ସମ୍ମାନ ଜଣାଇ ନନ୍ଦନକାନନର ବାଘ ପରିଚର୍ଯ୍ୟାକାରୀ (ଟାଇଗର କିପର୍ସ) ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନ୍ତର୍ଜାତୀୟ ବାଘ ଦିବସ ଅବସରରେ ଆୟୋଜିତ ସିଟ୍ ଆଣ୍ଡ ଡ୍ର' ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ସନତ କୁମାର, ଉପ-ନିର୍ଦ୍ଦେଶକ ପ୍ରଦୀପ ମିରାସେଙ୍କ ସମେତ ଛାତ୍ରଛାତ୍ରୀ, ବନ୍ୟଜନ୍ତୁ ପ୍ରେମୀ, ପରିଦର୍ଶକ ଏବଂ ସଂରକ୍ଷଣ କ୍ଷେତ୍ରର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ । ଏହି ଉତ୍ସବ ବାଘର ପରିବେଶଗତ ଗୁରୁତ୍ୱକୁ ଉଜାଗର କରିବା ସହିତ ଭବିଷ୍ୟତ ପିଢ଼ି ପାଇଁ ବାଘ ଓ ଏହାର ବାସସ୍ଥଳୀର ସୁରକ୍ଷା ଦିଗରେ ସମସ୍ତଙ୍କ ସାମୂହିକ ଦାୟିତ୍ୱକୁ ପୁନର୍ବାର ଦୃଢ଼ କରିଥିଲା ।

# ସମର୍ପଣ ପରିବାର ପକ୍ଷରୁ ୨୧ତମ ଗୁରୁପୂଜନ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର) : ବୁଧବାର ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାକୁ ପ୍ରୟାସ ଜାରି ରଖିଥିବା ସମର୍ପଣ ପରିବାର ପକ୍ଷରୁ ୨୧ତମ ଗୁରୁପୂର୍ଣ୍ଣିମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଟକ, ତିନିଘରିଆ ବେଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଗୁରୁପୂଜନ କାର୍ଯ୍ୟକ୍ରମରେ ପ୍ରତ୍ୟକ ବର୍ଷ ଭଳି ଚଳିତବର୍ଷ ଓଡ଼ିଶାର ୫ ଗୋଟି ଜିଲ୍ଲା (କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ପୁରୀ)ର ବିଭିନ୍ନ ଶିକ୍ଷା, ଯୋଗ, ଶ୍ରୀରାମଲୀଳା, ଆଖଡ଼ା, ସଂକୀର୍ତନ, ଲଉଡି, ଘୋଡାନାଚ ଗୁରୁ, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ୩୫୦ରୁ ଉର୍ଦ୍ଧ ଗୁରୁ ମାନଙ୍କୁ ନିମନ୍ତ୍ରଣ କରାଯାଇ ପାଦ ପୂଜା ସହ ସମ୍ମାନିତ କରାଯାଇଥିଲା । ୨୧ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଏକ ସ୍ମାରକୀ ସଂକଳନ ହୃଦୟରୁ ସମର୍ପିତ ସମର୍ପଣ ପରିବାର ଯାହା ଆସନ୍ତା ଗହ୍ମା ପୂର୍ଣ୍ଣିମାରେ ଉନ୍ମୋଚନ ହେବ ତାହାର ମଲାଟ ପୃଷ୍ଠା ପ୍ରଦର୍ଶନ କରାଯାଇଥିଲା । ବିଶିଷ୍ଟ ପୌରାଣିକ ଗୀତିନାଟ୍ୟ ଲେଖକ ସତ୍ୟ ବେହେରାଙ୍କ ରଚିତ ରାମାୟଣ ପୁସ୍ତକ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀରୁ ସେବାୟତ ଶ୍ୟାମସୁନ୍ଦର ବେଜ, ଡ଼. ଗଜେନ୍ଦ୍ର ସେନାପତି, ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ସମ୍ପାଦିକା ସ୍ମୃତି ପଟ୍ଟନାୟକ, କଟକ ୭୨ ସଂକୀର୍ତନ ମଣ୍ଡଳୀର ସର୍ବାଧିକାରୀ ଦେବେନ୍ଦ୍ର ସାହୁ, ୨୨ ଦିଗଭାଗ ସଂକୀର୍ତନ ମଣ୍ଡଳୀର ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁ, ୨୫ ଦିଗଭାଗ ସଂକୀର୍ତନ ମଣ୍ଡଳୀର ସର୍ବାଧିକାରୀ ସୁରେଶ ଚନ୍ଦ୍ର ସାହୁ, ୧୬ ଦିଗଭାଗ ସଂକୀର୍ତନ



ମଣ୍ଡଳୀର ସର୍ବାଧିକାରୀ ପ୍ରଦୀପ କୁମାର ସାହୁ ବଲାଙ୍ଗୀରରୁ ସାଲୀନ ବାବୁ, କେନ୍ଦ୍ରାପଡାର ଶିକ୍ଷାବିତ ତଥା ସମାଜସେବୀ ରଞ୍ଜନ ବେହେରା, ଓଡିଶା ସିନେମାର ବରିଷ୍ଠ ନିର୍ଦ୍ଦେଶକ ବାପୁ ଲେଙ୍କା, ଧର୍ମପଦ ପୁରସ୍କାର ପ୍ରାପ୍ତ ମହେନ୍ଦ୍ର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମର୍ପଣ ପରିବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହାୟତା କରିଥିଲେ ।

## ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ, କାର୍ଯ୍ୟାନୁଷ୍ଠାନ ପାଇଁଦାବି

ପୁରୀ, (ସବ୍ୟୁ) : ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ପାଇଁ ଅନୁମତି ଦେଇଛି ଜିଲ୍ଲା ପ୍ରଶାସନ । ଏଭଳି ତଥ୍ୟ ଭିତ୍ତିକ ଅଭିଯୋଗ ଆଣିଛି ଆମ ଆଦମୀ ପାର୍ଟି । ଏହି ଅଭିଯୋଗର ତଦନ୍ତ ଓ ସରକାରଙ୍କ ସ୍ପଷ୍ଟୀକରଣ ଦାବୀ ହୋଇଛି । ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ଚାଲୁଥିବା ପ୍ରସଙ୍ଗ ଉଠାଇଥିଲା । ସେହି ଘଟଣା ପରେ ପୁରୀର ଜଣେ ଅତିରିକ୍ତ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ସେ ସସ୍ପେଣ୍ଡ ହୋଇଥିଲେ । ଏତେ ସବୁ ଘଟଣା ପରେ ମଧ ନୂତନ ଅବକାରୀ ନୀତି ଓ ନୂତନ ଲାଇସେନ୍ସ ପ୍ରଦାନ ପରେ ପୁରୀ ଜେଲ୍ ରୋଡ଼ରେ ଥିବା ଏକ ମଦ ଦୋକାନ ଶ୍ରୀଜଗନ୍ନାଥଙ୍କ ଜମିରେ ଚାଲୁଥିବା ନେଇ ଆମ୍ ଆଦ୍‌ମୀ ପାର୍ଟି ପୁନର୍ବାର ଅଭିଯୋଗ ଆଣିଛି । ଉକ୍ତ ଜମି କୁମ୍ଭାରପଡ଼ା ମଉଜା, ଖାତା ନଂ ୧୧୪, ସାବକ ପ୍ଲଟ ନଂ ୭୮ ଏବଂ ହାଲ ପ୍ଲଟ ନଂ ୪୫୪ ବୋଲି ସୂଚନା ମିଳିଛି । ପୂର୍ବରୁ ମଧ ସେହି ସ୍ଥାନରେ ମଦ ଦୋକାନ ଥିଲା ଏବଂ ବର୍ତ୍ତମାନ ତାହାର ନବୀକରଣ କରାଯାଇଛି । ଆଇନ ଅନୁଯାୟୀ ଏଭଳି ଅନୁମତି ଦିଆଯାଇପାରିବ ନାହିଁ ଏବଂ ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଯେଉଁ ପ୍ରଶାସନିକ ଅଧିକାରୀମାନେ ଏହାକୁ ଅନୁମତି ପ୍ରଦାନ କରିଛନ୍ତି ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗିରଫ କରାଯାଉ ବୋଲି ଆମ୍ ଆଦ୍‌ମୀ ପାର୍ଟିର ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଦାବି କରିଛନ୍ତି ।

## ପ୍ରଭାତଙ୍କୁ ବିଜେପି ଓ ରିଟେଲ ଡିଲର ଆସୋସିଏସନର ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର) : ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଂଜନ ବିଶ୍ୱାଳ ଓ ତାଙ୍କ ସମର୍ଥକ ଭାରତୀୟ ଜନତା ପାର୍ଟିରେ ଯୋଗଦାନ ପରେ ତାଙ୍କ କର୍ମୀ, ଚୌଦ୍ୱାର-କଟକର ବିଭିନ୍ନ ଅନୁଷ୍ଠାନ, ସଂଘର କର୍ମକର୍ତ୍ତା ଓ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି । ଏନେଇ ପ୍ରତ୍ୟହ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଥିବାବେଳେ ରବିବାର ଓଏମପି ଡାକବଙ୍ଗଳା ଠାରେ କଟକ ଜିଲ୍ଲା ବିଜେପି (କଟକସଦର ଭାଗ) ଓ କଟକ ରିଟେଲ ଡିଲର ଆସୋସିଏସନ ପକ୍ଷରୁ ଡଃ ବିଶ୍ୱାଳଙ୍କୁ ବିପୁଳ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେପି (କଟକସଦର ଭାଗ)ର ପୂର୍ବତନ ଚେୟାରମ୍ୟାନ-ସାଧୁ ଚରଣ ଜେନା, ସଦସ୍ୟ- ପରମାନନ୍ଦ ଚୌଧୁରୀ, ବିମଳ ଚରଣ ପଣ୍ଡା, ବିରଜା ସାହୁ, ଉଦୟନାଥ ରାଉତ, ଶିବୁ ମିତ୍ର ଓ କଟକ ରିଟେଲ ଡିଲର ଆସୋସିଏସନର କାର୍ଯ୍ୟକାରୀ ସଭାପତି- ସୟଦ ଏକାମ୍ର ହୁସେନ, ସଦସ୍ୟ- ପ୍ରେମ କୁମାର ସେନ, ବିନୟ ବୈଶାକ, ଅଲୋକ ଦାସ, ଶାରଦା ପ୍ରସନ୍ନ ମହାନ୍ତି, ଅଂଜନ କୁମାର ସିଗଦାର, ବିଜୟ କୁମାର ସାହୁ, ବଳରାମ ସାହୁ, ଦେବେନ୍ଦ୍ର ବିଶ୍ୱାଳ, ଶଙ୍କର ପ୍ରତାପ



ଛାଟୋଇ, ନିବେଦିତା ପାତ୍ର, ଶିବ ରାଉତ, କବିତା ସାହୁ, ଉମେଶ ଚନ୍ଦ୍ର ସାହ, ଏସକେ ଜାଫିରୁଦ୍ଦିନ, ଶକୁନ୍ତଳା ଭୁୟାଁ, ଅଫଜଲ ମହମ୍ମଦ, ସରୋଜିନୀ ସାହୁ, ଫିରୋଜ ଖାନ, ହସିନା ଅଫୋରଜ, ଏସ.କେ ମହାରଣାଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ବନ୍ୟା କ୍ଷତିଗ୍ରସ୍ତ ରାସ୍ତା ଓ କୋଠାବାଡ଼ିର ତୁରନ୍ତ ମରାମତି ନେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର: (ସବ୍ୟୁ) : ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ବିଭିନ୍ନ ଅଞ୍ଚଳରେ ରାସ୍ତା ଓ ସରକାରୀ କୋଠା ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ନଜରକୁ ଆସିଛି । ଏହାକୁ ଦୃଷ୍ଟିରେ ରଖି ନିର୍ମାଣ ବିଭାଗ ଅଧୀନରେ ଥିବା ରାସ୍ତା ଓ ଜାତୀୟ ରାଜପଥ ଗୁଡ଼ିକର ତୁରନ୍ତ ମରାମତି ଓ ପୁନରୁଦ୍ଧାର କରି ଯାତାୟତ ଉପଯୋଗୀ କରିବା ଓ କୋଠାବାଡ଼ିର ମରାମତି ପାଇଁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲଘୁଚାପ ଜନିତ ବର୍ଷା ଓ ବନ୍ୟା ସ୍ଥିତି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ପ୍ରଭାବିତ ରାସ୍ତା, ସେତୁ ଓ କୋଠା ଗୁଡ଼ିକର ଶୀଘ୍ର ମରାମତି ଉପରେ ଗୁରୁତ୍ୱ ଦେଇଥିଲେ । ପରେ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନେଇ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ୍ ଲିମିଟେଡ୍, ଇଞ୍ଜିନିୟର-ଇନ୍-ଚିଫ୍ (ସିଭିଲ୍-କମ୍-ରୋଡ୍ସ), ଜାତୀୟ ରାଜପଥ ପ୍ରାଧିକରଣ (କ୍ଷଓଅଓ), ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ ସମେତ ରାସ୍ତା, ସେତୁ ଓ ଜାତୀୟ ରାଜପଥ ସଂଗଠନର ସମସ୍ତ ମୁଖ୍ୟଯନ୍ତ୍ରୀଙ୍କୁ ପତ୍ର ଜାରି କରାଯିବା ସହ କ୍ଷତିଗ୍ରସ୍ତ ସଡ଼କର ତୁରନ୍ତ ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ କୁହାଯାଇଛି । ଏଥି ସହିତ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯାତାୟତ ସ୍ୱାଭାବିକ କରିବାକୁ ନିର୍ମାଣ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି ।ଆହୁରି ଏହି ପ୍ରସଙ୍ଗକୁ "ଅତ୍ୟନ୍ତ ଜରୁରୀ" ଭାବେ ବିବେଚନା କରି ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ସ୍ଥିତି ଉପରେ ନିରନ୍ତର ନଜର ରଖି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଜନସାଧାରଣଙ୍କ ସୁରକ୍ଷିତ ଯାତାୟତ ସୁନିଶ୍ଚିତ କରିବାକୁ ପତ୍ର ଜରିଆରେ ସବୁ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ରୌପ୍ୟ ଜୟନ୍ତୀ ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ରୌପ୍ୟ ଜୟନ୍ତୀ ମହୋତ୍ସବ ଓ ସାଧାରଣ ଅଧିବେଶନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ରାଜ୍ୟର ବିଭିନ୍ନ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଏବଂ ସ୍ୱୟଂଶାସିତ ଅନୁଷ୍ଠାନର କର୍ମଚାରୀଙ୍କ ଉତ୍ସାହପୂର୍ଣ୍ଣ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ରାଜ୍ୟର ବିଭିନ୍ନ କ୍ଷେତ୍ରର କର୍ମଚାରୀ, କର୍ମଚାରୀ ନେତୃବୃନ୍ଦ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଇପିଏଫ୍ ପେନସନ୍ଭୋଗୀମାନଙ୍କର ବ୍ୟାପକ ସମାଗମ ମହାସଂଘର ଐକ୍ୟ, ସଂଗଠନାତ୍ମକ ଶକ୍ତି ଓ ଦୀର୍ଘ ୨୫ ବର୍ଷର ସଂଘର୍ଷମୟ ଯାତ୍ରାର ଏକ ଉଜ୍ଜ୍ୱଳ ପ୍ରତିଫଳନ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଓ ସ୍ୱୟଂଶାସିତ ଅନୁଷ୍ଠାନର କର୍ମଚାରୀମାନଙ୍କର ରାଜ୍ୟ ଗଠନ ଓ ବିକାଶରେ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ । କର୍ମଚାରୀମାନଙ୍କର ନ୍ୟାୟସଙ୍ଗତ




ଦାବିଗୁଡିକ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ ଆଶ୍ୱାସନ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ତଥା ମହାସଂଘର ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର, ସ୍ୱତନ୍ତ୍ର ଅତିଥି ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ପ୍ରମୁଖ ମହାସଂଘର ୨୫ ବର୍ଷର ସଂଘର୍ଷ, ସଫଳତା ଏବଂ କର୍ମଚାରୀ କଲ୍ୟାଣ କ୍ଷେତ୍ରରେ ଏହାର ଐତିହାସିକ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ । ମହାସଂଘର ସଭାପତି ଡ଼. ସରୋଜ କାନ୍ତ ମଲ୍ଲିକ ସଭାପତିତ୍ୱ କରି କହିଥିଲେ ଯେ, ରୌପ୍ୟ ଜୟନ୍ତୀ କେବଳ ଏକ ଉତ୍ସବ ନୁହେଁ ବରଂ କର୍ମଚାରୀଙ୍କ ଅଧିକାର, ସାମାଜିକ ସୁରକ୍ଷା, ଚାକିରିର ସ୍ଥାୟୀତ୍ୱ ଓ ମର୍ଯ୍ୟାଦା ପାଇଁ ମହାସଂଘର ଦୀର୍ଘ ୨୫ ବର୍ଷର ଅବିରତ ସଂଘର୍ଷର ଏକ ଐତିହାସିକ ମାଇଲଖୁଣ୍ଟ । ସେ କହିଥିଲେ ଯେ, ଆଗାମୀ ଦିନରେ ମଧ୍ୟ ମହାସଂଘ ସମସ୍ତ ବର୍ଗର କର୍ମଚାରୀଙ୍କ ସ୍ୱାର୍ଥ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ଏକତାବଦ୍ଧ ଭାବେ ସଂଘର୍ଷ ଜାରି ରଖିବ ।

ଏହି ଅବସରରେ ମହାସଂଘ ପକ୍ଷରୁ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଏବଂ ସ୍ୱୟଂଶାସିତ ଅନୁଷ୍ଠାନର କର୍ମଚାରୀମାନଙ୍କ ବିଭିନ୍ନ ନ୍ୟାୟସଙ୍ଗତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା । ସେହିପରି ରୌପ୍ୟ ଜୟନ୍ତୀ ସ୍ମରଣିକା ରୌପ୍ୟ ସ୍ମୃତିର ଉନ୍ମୋଚନ, ବରିଷ୍ଠ କର୍ମଚାରୀ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନା, ବିଭିନ୍ନ ସଂଗଠନର ପ୍ରତିନିଧିମାନଙ୍କୁ ସମ୍ମାନିତ ଏବଂ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ସମାରୋହକୁ ଅଧିକ ଗରିମାମୟ କରିଥିଲା । ମହାସଂଘର ମହାସଚିବ ପ୍ରଭାତ କୁମାର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।



୨୯ ଜୁଲାଇ ଶ୍ରୀ ଶ୍ରୀ ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଭାରତ ସେବାଶ୍ରମ ସଂଘର ହବନ କାର୍ଯ୍ୟକ୍ରମ ସଂଘମୁଖ୍ୟ ସ୍ୱାମୀ ଜଗନ୍ନାଥାନନ୍ଦଙ୍କ ଦ୍ୱାରା ଭୁବନେଶ୍ୱର ଶାଖାରେ ପାଳିତ ହୋଇଛି । ଏଥିରେ ଅନେକ ଭକ୍ତ ବୃନ୍ଦ ଯୋଗଦାନ କରି ପ୍ରସାଦ ସେବନ କରିଥିଲେ ।

## ପାଣିଟାଙ୍କିରୁ ମିଳିଲା ନିଖୋଜ ଛାତ୍ରୀଙ୍କ ଶବ

ଭୁବନେଶ୍ୱର, (ସବ୍ୟୁ) : ସ୍କୁଲ ଯାଇ ନିଖୋଜ ହୋଇଯାଇଥିବା ୭ବର୍ଷୀୟା ଛାତ୍ରୀଙ୍କ ଶବ ପାଣିଟାଙ୍କିରୁ ମିଳିଛି । ସ୍କୁଲ ବିରୋଧରେ ଛାତ୍ରୀଙ୍କ ପରିବାର ସହୀଦନଗର ଥାନାରେ ଏତଲା ଦାଏର କରିଛନ୍ତି । ୭ ବର୍ଷୀୟା ଛାତ୍ରୀ ଆଚାର୍ଯ୍ୟବିହାର ନିକଟ ଏକ ସରକାରୀ ସ୍କୁଲରେ ପାଠ ପଢନ୍ତି । ସେ ସ୍କୁଲକୁ ଯାଇ ନିଖୋଜ ହୋଇଯିବା ପରେ ପରିବାର ଲୋକେ ଖୋଜଖବର କରି ପାଇନଥିଲେ । ସ୍କୁଲରେ ପଚାରିବାରୁ ଛାତ୍ରୀଙ୍କ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ମିଳିନଥିଲା । ବହୁ ଖୋଜଖବର କରିବା ପରେ ପୋଲିସ ରିଜର୍ଭ ପଡିଆ ପଛପାଖ ପାଣିକୁଣ୍ଡରୁ ଛାତ୍ରୀଙ୍କ ଶବ ମିଳିବା ପରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା । ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ଉତ୍‌କ୍ଷିପ୍ତ ହୋଇ ସ୍କୁଲକୁ ଦୋଷାରୋପ କରିଥିଲେ । ଶେଷରେ ସହୀଦନଗର ଥାନାରେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦାଏର କରିଛି ପରିବାର । ଏତଲା ଗ୍ରହଣ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ତଦନ୍ତର ଅଗ୍ରଗତି ହେଲେ ଛାତ୍ରୀଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି ।

### ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ

# 'ଟ୍ରାଡିସନାଲ୍ ଆଣ୍ଡ ଟେକ୍ନୋଲୋଜି ଇଣ୍ଟରଫେସ୍ ଲର୍ଣ୍ଣିଂ ଲ୍ୟାବ୍' ଉଦ୍‌ଘାଟିତ

ଜଟଣୀ, (ସବ୍ୟୁ) : ଦିବ୍ୟାଙ୍ଗ ଯୁବକ ଏବଂ ବୁଣାକାରଙ୍କୁ ସଶକ୍ତ କରିବା ତଥା ପାରମ୍ପରିକ ବୁଣାକାରୀ ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟାର ତାଳମେଳ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୁରୁବାର ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ପରିସରରେ 'ଟ୍ରାଡିସନାଲ୍ ଆଣ୍ଡ ଟେକ୍ନୋଲୋଜି ଇଣ୍ଟରଫେସ୍ ଲର୍ଣ୍ଣିଂ ଲ୍ୟାବ୍' ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟି ଏବଂ ଡକ୍ଟର ଜୟଶ୍ରୀ କମ୍ଭମପଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅଭିନବ ଲ୍ୟାବ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅତ୍ୟାଧୁନିକ ଲ୍ୟାବ୍ ମୁଖ୍ୟତଃ ଶ୍ରବଣ ଏବଂ ବାକ୍ ବାଧିତ ଦିବ୍ୟାଙ୍ଗ ଯୁବକ ତଥା ତାଲିମ ନେଉଥିବା ବୁଣାକାରମାନଙ୍କ ପାଇଁ ବେଶ୍ ସହାୟକ ହେବ । ଏହି ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ବୁଣାକାରମାନେ ସେମାନଙ୍କର ପାରମ୍ପରିକ



ବୁଣାକାରୀ ପଦ୍ଧତିରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ନୂତନ ଏବଂ ଆକର୍ଷଣୀୟ ଡିଜାଇନ୍ ପ୍ରସ୍ତୁତ କରିବା ଶିଖିବେ । ଏହାଦ୍ୱାରା ନିଖୁଣ ହସ୍ତତନ୍ତ କଳାର ବିକାଶ ହେବା ସହିତ ସେମାନଙ୍କର ରୋଜଗାର ଓ ବଜାର ପ୍ରବେଶ ସୁବିଧା ବୃଦ୍ଧି ପାଇବ ବୋଲି ଆଶା ରଖାଯାଇଛି ।ଏହି ଉଦ୍‌ଘାଟନୀ ସମାରୋହ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୁଳପତି ଡକ୍ଟର ସୁପ୍ରିୟା ପଟ୍ଟନାୟକ, ପ୍ରୋ-ଭାଇସ୍ ଚାନ୍ସେଲର୍ (ପ୍ରଶାସନ) ଡକ୍ଟର ଅଜୟ କୁମାର ନାୟକ, ଏବଂ ପ୍ରୋ-ଭାଇସ୍ ଚାନ୍ସେଲର୍ (ଏକାଡେମିକ୍ସ) ପ୍ରଫେସର ବିଶ୍ୱଜିତ୍ ମିଶ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ଦିବ୍ୟାଙ୍ଗମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଏହି ସ୍ୱତନ୍ତ୍ର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ରାଜ୍ୟପାଳ । ଡକ୍ଟର ହରିବାବୁ କମ୍ଭମପଟି ନିଜ ବକ୍ତବ୍ୟରେ କହିଥିଲେ ଯେ"ଏହି 'ଟ୍ରାଡିସନାଲ୍ ଆଣ୍ଡ ଟେକ୍ନୋଲୋଜି ଇଣ୍ଟରଫେସ୍ ଲର୍ଣ୍ଣିଂ ଲ୍ୟାବ୍' ହେଉଛି ସମାବେଶୀ ଶିକ୍ଷା ଏବଂ ନବସୃଜନର ଏକ ଜ୍ୱଳନ୍ତ ଉଦାହରଣ । ଆମର ଦିବ୍ୟାଙ୍ଗ ଯୁବକ ଏବଂ ଦକ୍ଷ ସ୍ଥାନୀୟ ବୁଣାକାରମାନଙ୍କୁ ସେମାନଙ୍କର ପାରମ୍ପରିକ କାରିଗରୀକୁ ଆହୁରି ଉନ୍ନତ କରିବା ପାଇଁ ଆଧୁନିକ ବୈଷୟିକ ଉପକରଣ ପ୍ରଦାନ କରାଯାଉଛି ।

## ଯୁକ୍ତ ଦୁଇ ତତ୍କାଳ, ଉନ୍ନତି ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର(ସବ୍ୟୁ): ପ୍ରକାଶ ପାଇଲା ଯୁକ୍ତ ଦୁଇ ତତ୍କାଳ ଓ ଉନ୍ନତି ପରୀକ୍ଷାର ଫଳାଫଳ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ଇ ପକ୍ଷରୁ ଏହି ରେଜଲଟ ଘୋଷଣା କରାଯାଇଛି । ପରୀକ୍ଷାର୍ଥୀମାନେ ଇଓଗଭର ଅଫିସିଆଲ ଓ୍ୱେବସାଇଟରେ ଯାଇ ନିଜ ରୋଲ୍ ନମ୍ବର ମାଧ୍ୟମରେ ରେଜଲଟ ଯାଞ୍ଚ କରିପାରିବେ । ପରୀକ୍ଷାର୍ଥୀମାନେ ସିଏଚ୍‌ଏସ୍‌ଇର ଅଫିସିଆଲ ଓ୍ୱେବସାଇଟରେ ଯାଇ ନିଜ ରୋଲ୍ ନମ୍ବର ମାଧ୍ୟମରେ ରେଜଲଟ ଯାଞ୍ଚ କରିପାରିବେ । ତତ୍କାଳ ଓ ଉନ୍ନତି ପରୀକ୍ଷାରେ ସାମିଲ ହୋଇଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ଅପେକ୍ଷାର ଅନ୍ତ ଘଟିଛି ।

## ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ନେତାଜୀର ସଂସ୍ଥାପନ ଓ ଦୀକ୍ଷାଗ୍ରହଣ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ନେତାଜୀ ପକ୍ଷରୁ ୨୦୨୬–୨୭ ଲାୟନିଷ୍ଟିକ ବର୍ଷ ପାଇଁ ସଂସ୍ଥାପନ ଓ ଦୀକ୍ଷାଗ୍ରହଣ ଉତ୍ସବ ଗତ ଜୁଲାଇ ୨୬ ତାରିଖରେ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଆଞ୍ଚଳିକ ଅଧ୍ୟକ୍ଷ (ଜୋନ୍ ଚେୟାରପର୍ସନ୍) ଲାୟନ୍ ଡଃ ଜି. ଏସ୍. ପି. ମିଶ୍ର ସଭାପତିତ୍ୱ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପୂର୍ବତନ ସମ୍ପାଦିକା ଲାୟନ୍ ସ୍ମିତାଞ୍ଜଳି ନାଥ କ୍ଲବର ବାର୍ଷିକ କାର୍ଯ୍ୟବିବରଣୀ ଉପସ୍ଥାପନ କରିଥିଲେ । ଗାଇଡିଂ ଲାୟନ୍ ସ୍ୱର୍ଣ୍ଣପ୍ରଭା ପାତ୍ର ଏବଂ ଲାୟନ୍ ଏସ୍. ସି. ନାୟକଙ୍କ ପ୍ରେରଣାଦାୟକ ଅଭିଭାଷଣ ପରେ, ଦୀକ୍ଷାଗ୍ରହଣ ଅଧିକାରୀ ଲାୟନ୍ ମେଜର ବ୍ରଜେନ୍ଦ୍ର ନାରାୟଣ ପଟ୍ଟନାୟକ ନୂତନ ସଦସ୍ୟମାନଙ୍କୁ ଶପଥ ପାଠ କରାଇ ଆନୁଷ୍ଠାନିକ ଭାବେ କ୍ଲବର ସଦସ୍ୟତା ପ୍ରଦାନ କରିଥିଲେ । ଏହାପରେ ସଂସ୍ଥାପନ ଅଧିକାରୀ ଲାୟନ୍ ଦିଲ୍ଲୀପ କୁମାର ଦାସ ୨୦୨୬–୨୭ ଲାୟନିଷ୍ଟିକ ବର୍ଷ ପାଇଁ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇ ଔପଚାରିକ ଭାବେ ଦାୟିତ୍ୱ ଅର୍ପଣ କରିଥିଲେ । ନୂତନ କାର୍ଯ୍ୟକାରିଣୀରେ ଲାୟନ୍ ପ୍ରଭାତୀ ସିଂହ ସଭାପତି, ଲାୟନ୍ ସନ୍ଧ୍ୟା ସାହୁ




ସମ୍ପାଦିକା ଏବଂ ଲାୟନ୍ ଶସ୍ମିତା ପାତ୍ର କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲାୟନ୍ ସୁରେଶ ଚନ୍ଦ୍ର ନାୟକ ଏବଂ ଆଞ୍ଚଳିକ ଅଧ୍ୟକ୍ଷା (ରିଜିଓନାଲ୍ ଚେୟାରପର୍ସନ୍) ଲାୟନ୍ ସୁରଭି ଦାଶ ଉପସ୍ଥିତ ଥିଲେ । ପରିଶେଷରେ ନୂତନ ସମ୍ପାଦିକା ଲାୟନ୍ ସନ୍ଧ୍ୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜାମକୁ ଏକ ନମ୍ବର 'ଅପପୁଷ୍ଟି ମୁକ୍ତ' ଜିଲ୍ଲା କରିବାକୁ ଅଙ୍ଗନୱାଡି କର୍ମୀଙ୍କ ସଂକଳ୍ପ

# ମହିଳାଙ୍କ ଶାରୀରିକ-ମାନସିକ ଓ ସାଇବର ସୁରକ୍ଷା ଉପରେ ଉପମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଉପକଣ୍ଠ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଯାଇଛି । ଆଜି ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଅଙ୍ଗନୱାଡି କର୍ମୀ ମାନଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସିଧାସଳଖ ବାର୍ତ୍ତାଳାପକରି ସେମାନଙ୍କ ସମସ୍ୟା ଶୁଣିବା ସହିତ ଗଠନମୂଳକ ପରାମର୍ଶ ନେଇଥିଲେ । ଗଞ୍ଜାମକୁ ଏକ ନମ୍ବର "ଅପପୁଷ୍ଟି ମୁକ୍ତ' ଜିଲ୍ଲାରେ ପରିଣତ କରିବାକୁ ସେ ଅଙ୍ଗନୱାଡି କର୍ମୀ ମାନଙ୍କୁ ସଂକଳ୍ପ କରାଇଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଅଙ୍ଗନୱାଡ଼ି




କର୍ମୀଙ୍କ ନିଷ୍ଠାକୁ ପ୍ରଶଂସା କରି କହିଥିଲେ ଯେ ସେମାନଙ୍କ ଉଦ୍ୟମ ଯୋଗୁଁ କେବଳ ଜିଲ୍ଲାରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା 'ସୁଭଦ୍ରା ଯୋଜନା'ର ଲାଭ ପାଇପାରିଛନ୍ତି ।

ଏହି ପରିଶ୍ରମ ପାଇଁ ସରକାର ୧୫୦୦ ଟଙ୍କାର ପ୍ରୋତ୍ସାହନ ରାଶି ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପ୍ରଦାନ କରୁଛନ୍ତି । କୋମଳ ଶିଶୁକୁ ପିତା ମାତାମାନେ ଅଙ୍ଗନୱାଡ଼ି ଦିଦିଙ୍କ ଭରସାରେ ଛାଡୁଥିବାରୁ, ସେମାନେ କେବେ ସ୍ୱେଚ୍ଛାସେବୀ ନୁହଁନ୍ତି ବରଂ ଦେଶର ଭବିଷ୍ୟତ ନିର୍ମାତା ବୋଲି ସେ କହିଥିଲେ। ରାଜ୍ୟକୁ କୁପୋଷଣ ମୁକ୍ତ କରିବା ସରକାରଙ୍କ ଏକ ପ୍ରମୁଖ ଲକ୍ଷ୍ୟ । ତେଣୁ ପିଲା ମାନଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ଖରାପ ମନେ ହେଲେ ତାହାକୁ ପ୍ରତ୍ୟାଖ୍ୟାନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା 'ଅଦ୍ୱିକା' କାର୍ଯ୍ୟକ୍ରମ ଜରିଆରେ କିଶୋର-କିଶୋରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଅନଲାଇନ୍ ନିରାପତ୍ତା ସମସ୍ୟାର ସମାଧାନ ମଧ୍ୟ କରାଯାଉଛି ।

୨୦୩୬ ମସିହା ସୁଦ୍ଧା ଏକ 'ବିକଶିତ ଓଡ଼ିଶା' ଏବଂ 'ସୁପୋଷିତ ଓଡ଼ିଶା' ଗଠନ ପାଇଁ ଅଙ୍ଗନୱାଡ଼ି କର୍ମୀମାନେ ନିଷ୍ଠାର ସହ କାମ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗର କମିସନର ତଥା ଶାସନ ସଚିବ ମୃଣାଳିନୀ ଦର୍ଶଲ୍, ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ଯୋଗ ଦେଇ ଥିଲେ । ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ଶତାଧିକ ଅଙ୍ଗନୱାଡି କର୍ମୀଙ୍କ ସହିତ ସିଡ଼ିପିଓ ଓ ସୁପର ଭାଇଜରମାନେ ଯୋଗ ଦେଇଥିଲେ ।

# ଆଇପିଏଲ ବୁକି ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଆଇପିଏଲ୍ ବେଟିଂର ହବ୍ ପାଲଟିଯାଇଛି । ବ୍ରହ୍ମପୁରରେ ଆଇପିଏଲ୍ ବେଟିଂ ରକେଟ ସକ୍ରିୟ ରହିଛି । ବୈଦ୍ୟନାଥପୁର ଥାନା ପୋଲିସ ଏପ୍ରିଲ୍ ୩୦ ତାରିଖରେ କରିଥିବା ଏକ ଆଇପିଏଲ୍ ବେଟିଂ ମାମଲାର ତଦନ୍ତ ସମୟରେ ଆଉ ଜଣଙ୍କ ଲିଙ୍କ୍ ପଦାକୁ ଆସିଛି । ଲାଞ୍ଜିପଲ୍ଲୀ ଗାଇଗୋଠ ପଡ଼ିଆ ଅଞ୍ଚଳର ମନୋଜ ବେହେରାଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏନେଇ ଏଲ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍ପି ଡା.ସରବଣା ବିବେକ ଏମ୍ । ଅଭିଯୁକ୍ତ ଠାରୁ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଅଭିଯୁକ୍ତ ନାମରେ ଥିବା ବ୍ୟାଙ୍କ୍ ଆକାଉଣ୍ଟ ପୋଲିସ ଯାଞ୍ଚ କରୁଥିବାବେଳେ ତାହା ଫ୍ରିଜ୍ କରିବାକୁ ବ୍ୟାଙ୍କୁକୁ ଚିଠି କରାଯିବ ବୋଲି ପୋଲିସ ପ୍ରକାଶ କରିଛି । ଏହି ମାମଲାରେ ପୂର୍ବରୁ ଗୋସାଇଁନୂଆଗାଁ ନେହେରୁ ନଗରର ଶୁଭମ ପ୍ରଧାନ(୨୧)ଙ୍କୁ ଗିରଫ କରିଥିଲା ପୋଲିସ । ଅଭିଯୁକ୍ତ ଠାରୁ ଦୁଇଟି ଦାମୀ ମୋବାଇଲ୍ ଫୋନ୍ ଜବତ ହୋଇଥିଲା ।

ଗୋଟିଏ ବ୍ୟାଙ୍କ ଆକାଉଣ୍ଟରେ ୭.୩୭ଲକ୍ଷ ଟଙ୍କା ବେଟିଂ ପାଇଁ ସେ ରଖିଥିବା ବେଳେ ଆଉଗୋଟିଏ ଆକାଉଣ୍ଟରେ ବେଟ୍ ଲଗାଇଥିବା ୭୦ଜଣଙ୍କ ୧୨.୮୬ଲକ୍ଷ ଟଙ୍କା ଥିବା ଜଣାପଡିଥିଲା । ଦୁଇଟି ବ୍ୟାଙ୍କ୍ ଆକାଉଣ୍ଟରେ ଥିବା ୨୦.୨୩ଲକ୍ଷ ଟଙ୍କା ଫ୍ରିଜ୍ ହୋଇଥିବାବେଳେ ଜବତ ମୋବାଇଲର ତଥ୍ୟ ଯାଞ୍ଚ ପାଇଁ ଫରେନ୍ସିକ୍ ଲାବ୍ ପଠାଯାଇଥିଲା । ଶୁଭମ ସହ ମନୋଜ ବେହେରାଙ୍କ ଲିଙ୍କ୍ ଥିବା ଜଣାପଡିବା ପରେ ପୋ ଲିସ ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି । ଏହି ମ୍ୟାକେଟ୍ରେ ଆହୁରି ବହୁ ବୁକିଙ୍କ ଲିଙ୍କ୍ ଥିବା ପୁଲିସ ତଦନ୍ତରେ ଜଣାପଡିଛି । ସେମାନଙ୍କ ଉପରେ ପୋଲିସ ନଜର ରଖିଛି ।

## ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ଗୁରୁ ପୂର୍ଣ୍ଣିମା ପାଳିତ



ବାରିପଦା, (ସବ୍ୟୁ) : ମହାରାଜପୁରସ୍ଥିତ ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାପସୀ ମହୁଆଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଗୁରୁ ହେଉଛନ୍ତି ଜଣେ ବ୍ୟକ୍ତିର ଜୀବନର ପ୍ରକୃତ ପଥପ୍ରଦର୍ଶକ । ଗୁରୁଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ଅନୁସରଣ କରି ଛାତ୍ରଛାତ୍ରୀମାନେ ଜୀବନରେ ସଫଳତା ହାସଲ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ-ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପତି, ସମ୍ବିତ ସାହୁ, ରଶ୍ମିତା ରାଉତ, ମାମାଲିଶା ଟୁଡୁ, ସନ୍ତୋଷିନୀ ବାରିକ, ନୈଶ୍ୱର୍ଗୀକା ଲେଙ୍କା, ମାନି ଦଳାଇ, ଦେବବ୍ରତ ସ୍ୱାଇଁ ଓ ଫୁଲମଣୀ ମାର୍ଣ୍ଡି ପ୍ରମୁଖ ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷଣ, ଚିତ୍ରାଙ୍କନ, ସଙ୍ଗୀତ ଓ ଅନ୍ୟାନ୍ୟ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ କାର୍ଯ୍ୟକ୍ରମଟି ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଥିଲା । ଶେଷରେ ସ୍ମୃତିରଞ୍ଜନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷାବିତ ପ୍ରହ୍ଲାଦ ଚନ୍ଦ୍ର ଦାସଙ୍କ ପରଲୋକ

କଟକ, (ସ୍ୱପ୍ର) : ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରହ୍ଲାଦ ଚନ୍ଦ୍ର ଦାସଙ୍କ ପରଲୋକ ଘଟିଛି । ସ୍ୱର୍ଗତ ଦାସ ଜଣେ ସୁନାମଧନ୍ୟ ପ୍ରଧାନଶିକ୍ଷକ ଥିଲେ । କଟକ ସହରର ଅନେକ ଶିକ୍ଷାନୁଷ୍ଠାନ ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ମକତ ନଗର, ସେକଫର-୧୦ ଠାରେ ମଣ୍ଟେସୋରୀ ମଡେଲ ହାଇସ୍କୁଲ ପ୍ରତିଷ୍ଠା କରି ଜୀବନର ଶେଷ ପର୍ଯ୍ୟନ୍ତ ଉକ୍ତ ବିଦ୍ୟାଳୟର ଉନ୍ନତି ପାଇଁ ଉତ୍ସର୍ଗୀକୃତ ଥିଲେ । ଜଣେ ଦକ୍ଷ ପ୍ରଶାସକ, ପରୋପକାରୀ, ସ୍ପଷ୍ଟବାଦୀ ଓ ଉଚ୍ଚଚିନ୍ତାଧାରାର ମଣିଷ ଥିଲେ । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଉପସ୍ଥିତ ଥିଲେ । ତାଙ୍କ ପାର୍ଥିବ ଶରୀରକୁ ମଣ୍ଟେସୋରୀ ମଡେଲ ହାଇସ୍କୁଲକୁ ନିଆଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ପରେ ରାଜବଗିଚା ସ୍ଥିତ ନିଜ ବାସଭବନକୁ ନିଆଯାଇଥିଲା । ଖାନନଗର ସ୍ଥିତ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁତ୍ର ବିଶ୍ୱ ଭୂଷଣ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଦାସଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା ।

## ଚନ୍ଦ୍ରଶେଖର ପତି ମଜଦୁର ମଞ୍ଚ ମିଡିଆ ସେଲ ସଚିବ

କଟକ, (ସ୍ୱପ୍ର) : ସାମ୍ବାଦିକ ଚନ୍ଦ୍ରଶେଖର ପତିଙ୍କୁ ଭାରତୀୟ ଜନତା ମଜଦୁର ମଞ୍ଚର ଓଡିଶା ପ୍ରଦେଶର ମିଡ଼ିଆ ସେଲ ସଚିବ ପଦରେ ନିଯୁକ୍ତ ଦିଆଯାଇଛି । ଏହି ପ୍ରରିପ୍ରେକ୍ଷୀରେ ସେ ସଂଘର ସଂସ୍ଥାପକ ଡ଼ ମହେଶ ଶର୍ମା, ଅଧ୍ୟକ୍ଷ ରଜନୀ କାନ୍ତ ମିଶ୍ର ଓ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି ।



ରାଜ୍ୟବ୍ୟାପି ରାଷ୍ଟ୍ରଭକ୍ତ ନାଗରିକ, ଯୁବକ, ମହିଳା ଏବଂ ସାମାଜିକ ସଙ୍ଗଠନମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଛନ୍ତି । ପ୍ରକାଶ ଥାଉକି ଶ୍ରୀ ପତି କଟକ ସଦର ନିର୍ବାଚନ ମଣ୍ଡଳୀ ବୟାଳିଶ ମୌଜା ବଉଳକୁଦର ବାସିନ୍ଦା ଅଟନ୍ତି । ଏହି ଅବସରରେ ସେ ଶ୍ରମିକଙ୍କ ନ୍ୟାୟ ପାଇଁ ନିଷ୍ଠା ଓ ଅନୁଶାସନ ସହ କାର୍ଯ୍ୟ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଫାଷ୍ଟଗେଟ୍ ନିକଟରୁ ୮୦ କେଜି ଗଞ୍ଜେଇ ଜବତ, ତିନି ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଗୋଇନ୍ଦା ଡ଼ିଏସପି ଶ୍ରୀକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ସକାଳେ ବ୍ରହ୍ମପୁର ଫାଷ୍ଟ ଗେଟ ପେଟ୍ରୋଲ ପମ୍ପ ନିକଟରୁ ନିକଟରୁ ଦୁଇଟି ଗାଡି ଅଟକାଇ ଯାଞ୍ଚ ବେଳେ ସେଥିରୁ ୮୦ କେଜି ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା । ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଏହି ଘଟଣାରେ ୩ ଜଣ ଯୁବକଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ କନ୍ଧମାଳ ଜିଲ୍ଲା ଗାଡ଼ିପଦର ଗ୍ରାମର କରୁଣା ଦିଗାଳ (୧୮), କେରଳ କାଶାରାଗଡ ଅଞ୍ଚଳର ଅବଦୁଲ ରଜାକ୍(୩୭) ଏବଂ ବାରିକାଧ ର ମହମ୍ମଦ ଜାଫରଅଲ୍ଲି ଏଏମ୍ (୨୬) ।

ଚାଲାଣରେ ବ୍ୟବହୃତ ଏହ ହ୍ୟୁଣ୍ଡାଇ ଆଇ ୧୦ କାର (ଓଆର୍ ୦୭ ଡବ୍ଲୁ ୬୦୫୦) ଏବଂ ହୋଣ୍ଡା ସିଟି କାର (ଓଡି ୦୨ୟୁ ୦୭୮୧) କୁ ଜବତ କରିବା ସହ ୮୦ କେଜି ଗଞ୍ଜେଇ ଜବତ କରିଥିଲା । ଗଜପତିରୁ ଉକ୍ତ ଗଞ୍ଜେଇ ଅଣାଯାଇ ବ୍ରହ୍ମପୁର ଦେଇ ବେଙ୍ଗାଲୋର ଚାଲାଣ ହୋଇଥାନ୍ତା ବୋଲି ପୋଲିସ ଅଭିଯୁକ୍ତଙ୍କୁ ଜେରା ବେଳେ ଜାଣିବାକୁ ପାଇଛି । ଏଥିରେ ଗୋଟିଏ ଗାଡି ଗାଡ଼ି ଉକ୍ତ ଗଂଜେଇ ଚାଲାଣ ପାଇଁ ପାଇଲେଟିଂ କରୁଥିବା ଡ଼ିଏସପି ରାଉତ ସୂଚନା ଦେଇଛନ୍ତି । ଜବତ ଗଞ୍ଜେଇ ଓ କାରର ମୂଲ୍ୟ ୨୦ ଲକ୍ଷ ଟଙ୍କା ଆକଳନ କରାଯାଇଛି ବୋଲି ସେ କହିଛନ୍ତି ।

## ବିଶ୍ୱ ବ୍ୟାଘ୍ର ଦିବସ ପାଳନ ଅବସରରେ ଶିମିଳିପାଳରେ ବ୍ୟାପକ ସଚେତନତା ଓ ଫଟୋ ପ୍ରଦର୍ଶନୀ

ବାରିପଦା, (ସବ୍ୟୁ) : ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ଶିମିଳିପାଳ ଟାଇଗର ରିଜର୍ଭ ପକ୍ଷରୁ ବୁଧବାର ବ୍ୟାପକ ସଚେତନତା ଓ ସଂରକ୍ଷଣମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁରସ୍ଥିତ ସେଣ୍ଟର ଫର୍ ଶିମିଳିପାଳ ଷ୍ଟଡିଜ୍ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ୍ୟଜନ୍ତୁ ସଂରକ୍ଷଣ ବିଶେଷଜ୍ଞ, ବୈଜ୍ଞାନିକ, ଛାତ୍ରଛାତ୍ରୀ, ବନ ଅଧିକାରୀ, ଫଟୋଗ୍ରାଫର ଓ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷର ବିଶ୍ୱ ବାଘ ଦିବସର ବିଷୟବସ୍ତୁ "Securing the Future of Tigers with Indigenous Peoples and Local Communities at the Heart" ରହିଥିବାବେଳେ ବାଘ ସଂରକ୍ଷଣରେ ଆଦିବାସୀ ଓ ସ୍ଥାନୀୟ ସମୁଦାୟଙ୍କ ସକ୍ରିୟ ଭୂମିକା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ, ବାଘ ସଂରକ୍ଷଣ କେବଳ ଏକ ପ୍ରଜାତିର ସୁରକ୍ଷା ନୁହେଁ, ବରଂ ସମଗ୍ର ବନ ପରିବେଶ ଓ ଜୈବ ବିବିଧତାର ସୁରକ୍ଷା ସହ ଜଡ଼ିତ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଶିମିଳିପାଳର ଜୈବ ବିବିଧତା ଶୀର୍ଷକ ଫଟୋଗ୍ରାଫି ପ୍ରତିଯୋଗିତା ଓ ଫଟୋ ପ୍ରଦର୍ଶନୀ । ଦେଶର ବିଭିନ୍ନ ରାଜ୍ୟରୁ ଏକ ଶହରୁ ଅଧିକ ବନ୍ୟଜନ୍ତୁ ଫଟୋଗ୍ରାଫର ଏଥିରେ ଅଂଶଗ୍ରହଣ କରିଥିବାବେଳେ ୨୫୦ରୁ ଅଧିକ ଫଟୋ ପ୍ରଦର୍ଶିତ ହୋଇଥିଲା, ଯାହା ଶିମିଳିପାଳର ସମୃଦ୍ଧ ଜୈବ ବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉଜାଗର କରିଥିଲା ।

ଏହି ଅବସରରେ ଏମ୍ଏସସିବି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଡଃ ପ୍ରକାଶ ଚନ୍ଦ୍ର ଗୋଗିନେନୀ (ଆଇଏଫଏସ), ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି (ଆଇପିଏସ), ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବିଭାଗର ଉପନିର୍ଦ୍ଦେଶକ ସୁମିତ କୁମାର କର (ଆଇଏଫଏସ), ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବିଭାଗର ଉପନିର୍ଦ୍ଦେଶକ ରମେଶ କୁମାର ବିଷ୍ଣୋଇ (ଆଇଏଫଏସ), ବାରିପଦା ଡିଏଫଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଏବଂ ବିଶିଷ୍ଟ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଫିଲ୍ଡ ଡାଇରେକ୍ଟର ଡଃ ପ୍ରକାଶ ଚନ୍ଦ୍ର ଗୋଗିନେନୀ ନିଜ ଅଭିଭାଷଣରେ କହିଥିଲେ ଯେ, ଶିମିଳିପାଳରେ ବାଘ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି ।

୨୦୧୪ ମସିହାରେ ମାତ୍ର ୫ଟି ବାଘ ଥିବାବେଳେ ବର୍ତ୍ତମାନ ସେହି ସଂଖ୍ୟା ୩୫ରେ ପହଞ୍ଚିଛି । ବନ କର୍ମଚାରୀଙ୍କ ନିଷ୍ଠା, ବୈଜ୍ଞାନିକ ପରିଚାଳନା ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି । ଫଟୋଗ୍ରାଫି ପ୍ରତିଯୋଗିତାରେ ବାଲେଶ୍ୱରର ଶ୍ରୀ ସୃତମ କୁମାର ସେଠୀ ପ୍ରଥମ, ଶ୍ରୀ ହିମାଦ୍ରି ନନ୍ଦନ ମିଶ୍ର ଦ୍ୱିତୀୟ ଏବଂ ଡ଼. ଗୌରୀ ଶଙ୍କର ପାତ୍ର ଓ ଡ଼. ଆଲୋକ ପଟ୍ଟନାୟକ ମିଳିତ ଭାବେ ତୃତୀୟ ପୁରସ୍କାର ହାସଲ କରିଥିଲେ । ବିଜେତାମାନଙ୍କୁ ନଗଦ ପୁରସ୍କାର ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା ।

ଏହା ସହିତ ଶିମିଳିପାଳର ବିଭିନ୍ନ ରେଞ୍ଜରେ ଚିତ୍ରାଙ୍କନ, କୁଇଜ୍, ଫଟୋଗ୍ରାଫି ପ୍ରତିଯୋଗିତା ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀ, ସ୍ଥାନୀୟ ସମୁଦାୟ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ବାଘ ସଂରକ୍ଷଣ, ଜୈବ ବିବିଧତା ଏବଂ ବନ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବନ୍ୟଜନ୍ତୁ ସଂରକ୍ଷଣ ପ୍ରତି ସମସ୍ତଙ୍କ ସାମୂହିକ ପ୍ରତିବଦ୍ଧତାର ପୁନରୁଚ୍ଚାରଣ କରାଯାଇଥିଲା ।

# ଟିପିଏସ୍ଓଡିଏଲ୍ ପକ୍ଷରୁ ନୈତିକତା ଦିବସ

ବ୍ରହ୍ମପୁର, (ସବ୍ୟୁ) : ନୈତିକ ମୂଲ୍ୟବୋଧ ଏବଂ ଦାୟିତ୍ୱପୂର୍ଣ୍ଣ କର୍ପୋରେଟ ଶାସନ ବ୍ୟବସ୍ଥା ପ୍ରତି ନିଜର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ତରଫରୁ ଶ୍ରୀ ଜାହାଙ୍ଗୀର ରତନଜୀ ଦାଦାଭୋଏ (ଜେ.ଆର୍.ଡି.) ଟାଟାଙ୍କ ଜୟନ୍ତୀ ଅବସରରେ ନୈତିକତା ଦିବସ ପାଳନ କରାଯାଇଛି ।



ଏହି ଅବସରରେ କମ୍ପାନୀ ତରଫରୁ ଟାଟା ଆଚରଣ ସଂହିତା, ନୈତିକ ନେତୃତ୍ୱ ଏବଂ ଦାୟିତ୍ୱବାନ ବ୍ୟବସାୟିକ ଅଭ୍ୟାସ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଯାଇଥିଲା। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏଥିସହିତ ଜେ.ଆର୍.ଡି. ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ଷେତ୍ରରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ଉତ୍କର୍ଷତା ବଜାୟ ରଖିବାର ପ୍ରତିଶ୍ରୁତିକୁ ଦୋହରାଇଥିଲେ ।

ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, ନୈତିକତା ହେଉଛି ବିଶ୍ୱାସର ମୂଳଦୁଆ ଏବଂ ବିଶ୍ୱାସ ହେଉଛି ପ୍ରତ୍ୟେକ ଦୀର୍ଘସ୍ଥାୟୀ ଅନୁଷ୍ଠାନର ଆଧାର । ଜେ.ଆର୍. ଡି. ଟାଟାଙ୍କ ନୀତି ଆଦର୍ଶ ଆମର ପ୍ରତ୍ୟେକ ନିଷ୍ପତ୍ତିକୁ ଆଜି ମଧ୍ୟ ପଥପ୍ରଦର୍ଶନ କରୁଛି । ଏହି ଦିବସକୁ ଆହୁରି ସ୍ମରଣୀୟ କରିବା ପାଇଁ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲଙ୍କ ଦ୍ୱାରା କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଏକ ଆଧୁନିକ ଜିମ୍ନାସିୟମ୍ର ଉଦଘାଟନ ହୋଇଛି। କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ, ଶାରୀରିକ ସୁସ୍ଥତା ଓ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି ନୂତନ ସୁବିଧାର ବ୍ୟବସ୍ଥା କରାଯାଇଛି ।

## ଚୁଡ଼ିଆଲାଞ୍ଜି ଡବଲ ମର୍ଡର ମାମଲା, ମାଈଁ ଓ ଭଣଜାଙ୍କୁ ଆଜୀବନ

ବ୍ରହ୍ମପୁର, (ସବ୍ୟୁ) : ଓପିଆଇଡ଼ି କୋର୍ଟ ଜଜ ସଂଗୀତା ପାଣି ମା 'ପୁଅ ଡବଲ ମର୍ଡର ମାମଲାର ଶୁଣାଣି କରି ଦୁଇଜଣଙ୍କୁ ଅଭିଯୁକ୍ତ ତଥା ମାଇଁ ଓ ଭଣଜା ପ୍ରତ୍ୟେକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଚୁଡାଲାଞ୍ଜି ଗ୍ରାମର ଡ଼ି. ଗୁନାମ୍ମା ରେଡ୍ଡୀ ଓରଫ କୁନାମ୍ମା(୨୭) ଓ ତାଙ୍କ ଭଣଜା ଜି.ଦେବେନ୍ଦ୍ର ରେଡ୍ଡୀ (୨୬) । ସେହିପରି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୭ହଜାର ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ପ୍ରତ୍ୟେକଙ୍କୁ ଅତିରିକ୍ତ ୫ମାସ ଲେଖାଏଁ ସଶ୍ରମ ଜେଲ ଦଣ୍ଡର ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଯେ , ଜରଡ଼ା ଥାନା ଅନ୍ତର୍ଗତ ଚୁଡ଼ିଆଲାଞ୍ଜି ଗ୍ରାମର ଡ଼ି.ଫକୀର ରେଡ୍ଡୀଙ୍କ ତିନିପୁଅ ଗାଁରେ ରୁହନ୍ତି । ମଝିଆ ପୁଅ ଡ଼ି.ମୋହନ ରେଡ୍ଡୀ, ବୋହୁ ଡ଼ି. ନିଳବେଣୀ (୨୭) ଓ ନାତି ନିଜ ବାପାଙ୍କ ଘରେ ରହୁଥିବା ବେଳେ ସେହି ସାହିରେ ଅନ୍ୟ ପୁଅ ଓ ବୋହୁ ମାନେ ରୁହନ୍ତି । ଡ଼ି.ମୋହନ ଓ ତାଙ୍କ ଭାଇ ଓ ସମ୍ପର୍କୀୟ ମନେ ମଧ୍ୟ ଆବୁଧାବିରେ ଦାଦନ ଖଟିବାକୁ ଚାଲିଯାଇଥିଲେ । ଗତ ୨୦୨୪ ଫେବୃଆରୀ ୧୮ ରେ ମୋହନ ତାଙ୍କ ସ୍ତ୍ରୀ ନିଳବେଣୀ ସହ ଫୋନରେ କଥାବାର୍ତ୍ତା ହୋଇଥିଲେ । ୨୦ ତାରିଖ ତାଙ୍କ ସ୍ତ୍ରୀ ଓ ପୁଅର ମୃତ୍ୟୁ ଖବର ପାଇ ସେ ଗାଁକୁ ଫେରିଥିଲେ । ଅନ୍ୟପଟେ ଜରଡ଼ା ପୋଲିସ ଗାଁରେ ପହଞ୍ଚି ଉଭୟ ନୀଳବେଣୀ ଓ ତାଙ୍କ ୭ବର୍ଷର ପୁଅ ଡ଼ି.ରୁଷିଙ୍କ ମୃତଦେହ ଜବତ କରି ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

ଏନେଇ ୩/୨୪ ଓ୪/୨୪ ରେ ପୃଥକ ଭାବେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ପରେ ମୃତ ନିଳବେଣୀଙ୍କ ସ୍ୱାମୀ ଆବୁଧାବିରୁ ସେହିମାସ ୨୪ ତାରିଖରେ ଫେରି ଥାନାରେ ତାଙ୍କ ଭଣଜା ଓ ଭାଇ ବୋହୁ ନାଁରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ୭୧/୨୪ ରେ ଉଭୟଙ୍କ ନାମରେ ମାମଲା ରୁଜୁ କରିଥିଲା । ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ କରାଯାଇଥିଲା । ଅଭିଯୁକ୍ତ ଦେବେନ୍ଦ୍ରଙ୍କ ମୋବାଇଲ ଫୋନ ଜବତ କରି ସିଡ଼ିଆର ସଂଗ୍ରହ କରି ତଦନ୍ତ ବେଳେ ଦେବେନ୍ଦ୍ର ଓ ତାଙ୍କ ମାଇଁଙ୍କ ବିରୋଧରେ ପୋଲିସ ଯଥେଷ୍ଟ ପ୍ରମାଣ ପାଇଥିଲା । ପରେ ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଟୁନା ଶାସମଲ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ତଦନ୍ତ ବେଳେ ଉଭୟ ମାଇଁ ଓ ଭଣଜାଙ୍କ ଅନୈତିକ ପ୍ରେମ ସମ୍ପର୍କ କୁ ଡ଼ି. ନୀଳବେଣୀ ବିରୋଧ କରୁଥିଲେ । ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା ବୋଲି ପୋଲିସ ଜାଣିବାକୁ ପାଇଥିଲା । ଶେଷରେ ନୀଳବେଣୀଙ୍କୁ ହତ୍ୟା ପାଇଁ ଉକ୍ତ ଦୁଇ ଅଭିଯୁକ୍ତ ଯୋଜନା କରିଥିଲେ । ଦେବେନ୍ଦ୍ର ୨୦୨୪ ଫେବୃଆରୀ ୧୯ ତାରିଖ ବିଳମ୍ବିତ ରାତ୍ର ନୀଳବେଣୀଙ୍କ ଛାତ ସିଡି ରାସ୍ତାରେ ଘର ଭିତରକୁ ଯାଇଥିଲେ । ଘରେ ସୋଇଥିବା ତାଙ୍କର ମାଇଁ ନୀଳବେଣୀଙ୍କ ତଣ୍ଟି ଚିପି ସେ ହତ୍ୟା କରିଥିଲେ । ପାଖରେ ଶୋଇଥିବା ତାଙ୍କ ପୁଅ ରଷି ଉଠିପଡିଥିଲେ । ସେ ଜଣାପଡିଯିବା ଭୟରେ ରଷିଙ୍କ ବେକ ଚିପି ସେଠାରେ ତାଙ୍କୁ ମଧ୍ୟ ହତ୍ୟା କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ । ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଘଟଣା ସ୍ଥଳକୁ ନେଇଥିଲା । ସେଠାରେ କ୍ରାଇମ ସିନ ରିକ୍ରିଏସନ କରିଥିଲା । ମାମଲାର ବିଚାରଣା ବେଳେ ୩୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଗିରଫ ପରଠାରୁ ଜେଲରେ ଥିବା ଉକ୍ତ ମାଇଁ ଓ ଭଣଜାଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା । ସାକ୍ଷୀ ମାନଙ୍କ ବୟାନ ଓ ପୋଲିସ ଚାର୍ଜସିଟ ଆଧାରରେ ଜଜ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସନ୍ତୋସିନୀ ପୁରୋହିତ ମକଦ୍ଦମା ପରିଚାଳନା କରିଥିଲେ ।

# ଏମ୍ପିସି ସ୍ୱୟଂଶାସିତ କଲେଜ ଦର୍ଶନ ବିଭାଗର ଆଲୋଚନାଚକ୍ର

ବାରିପଦା, (ସବ୍ୟୁ) : ଭାରତୀୟ ଦାର୍ଶନିକ ଦିବସ ପରିପ୍ରେକ୍ଷୀରେ ଏମ୍ପିସି ସ୍ୱୟଂଶାସିତ କଲେଜ ଦର୍ଶନ ଶାସ୍ତ୍ର ବିଭାଗ ତରଫରୁ ଏକଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟରେ ସେ କହିଲେ ଯେ, ଜୀବନ ଏକ ଦର୍ଶନ । ଭାରତୀୟ ଦାର୍ଶନିକ ପରମ୍ପରାରେ ଅନେକ କୃତବିଦ୍ୟ ଦାର୍ଶନିକ ସେମାନଙ୍କ ଦୃଷ୍ଟିଭଙ୍ଗୀ ମାଧ୍ୟମରେ ସମାଜକୁ ସଂସ୍କାରିତ କରିଛନ୍ତି । ସେମାନେ ଆମର ଚିର ସ୍ମରଣୀୟ । ବିଷୟ ବିଶାରଦ ଭାବରେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ପଶ୍ଚିମବଙ୍ଗର ପ୍ରଫେସର ଝାଡେଶ୍ୱର ଘୋଷ ଓ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ କେ ଓମ୍ ନାରାୟଣ ରାଓ ଯୋଗଦେଇ ଭାରତୀୟ ଦର୍ଶନ ପରମ୍ପରା ଓ ବିଶିଷ୍ଟ ଦାର୍ଶନିକ ମାନଙ୍କର ମତବାଦ ସମ୍ପର୍କରେ ବିଶଦ ବ୍ୟାଖ୍ୟା କରିଥିଲେ । ଦର୍ଶନ ବିଭାଗର ମୁଖ୍ୟ ଡଃ ଦୀପକ କୁମାର ବେହେରା ସ୍ୱାଗତ ଭାଷଣ ରଖିବା ସହ ମଞ୍ଚାସୀନ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ । ବିଭାଗୀୟ ଅଧ୍ୟାପକ ଡଃ ଜୟଦେବ ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଆଲୋଚନା ଚକ୍ର ଶେଷରେ ଛାତ୍ରଛାତ୍ରୀ ଓ ଆଲୋଚକଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ବିଭିନ୍ନ କଲେଜର ଦର୍ଶନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ । ପରିଶେଷରେ ଡଃ ନରେନ୍ଦ୍ର ପ୍ରସାଦ ବେହେରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ସଫଳ ସହଯୋଗ କରିଥିଲେ ।

## ବିଜେପି କୃଷକ ମୋର୍ଚ୍ଚା ମୟୂରଭଞ୍ଜ (ପୂର୍ବ) ଜିଲ୍ଲାର ନୂତନ ପଦାଧିକାରୀଙ୍କ ନାମ ଘୋଷଣା

ବାରିପଦା, (ସବ୍ୟୁ) : ବିଜେପି କୃଷକ ମୋର୍ଚ୍ଚା, ମୟୂରଭଞ୍ଜ (ପୂର୍ବ) ଜିଲ୍ଲାର ଜିଲ୍ଲା ସଭାପତି ଟୁନାରାମ ଥୟାଲଙ୍କ ସୁପାରିଶକ୍ରମେ ଏବଂ ବିଜେପି ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅନୁମୋଦନକ୍ରମେ ନୂତନ ଜିଲ୍ଲା କମିଟି ଓ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି । ଘୋଷିତ ଜିଲ୍ଲା କମିଟିରେ ଉପସଭାପତି ଭାବେ ରଘୁପୁର ମଣ୍ଡଳର ଚନ୍ଦ୍ରହାସ୍ୟ ପାଣିଗ୍ରାହୀ, ବାରିପଦା ମଣ୍ଡଳର ଜୟନ୍ତୀ ମଣି ସି, ନୁଦୁଡିହା ମଣ୍ଡଳର ସନ୍ତୋଷ କୁମାର ମହାନ୍ତି, ଶୁଳିଆପଦା ମଣ୍ଡଳର ଚିତ୍ତରଞ୍ଜନ ଦାସ, ସାଧାରଣ ସମ୍ପାଦକ ଭାବେ ଖୁଣ୍ଟା ମଣ୍ଡଳର ଅଶୋକ କୁମାର ବ୍ରହ୍ମାଙ୍କୁ ଓ ବାରିପଦା ମଣ୍ଡଳର ରତିକାନ୍ତ ମହାନ୍ତ ପ୍ରମୁଖଙ୍କୁ ମନୋନୀତ କରାଯାଇଛି । ସେହିପରି ସମ୍ପାଦକ ଭାବେ ବାରିପଦା ମଣ୍ଡଳର କମଳଲୋଚନ ରାୟ, ଉଦଳା



ମଣ୍ଡଳର ନିରାକାର ମାଝୀ, ଦେଉଳି ମଣ୍ଡଳର ସ୍ନେହଲତା ସି, କୁଲିଆଣା ମଣ୍ଡଳର ଶଶିଧର କର, ବଡ଼ସାହି ମଣ୍ଡଳର ରାଜେନ୍ଦ୍ର କୁମାର ଜେନା, କୋଷାଧ୍ୟକ୍ଷ ଭାବେ ବାରିପଦା (ଉତ୍ତର) ମଣ୍ଡଳର ଅଭିଜିତ ପଣ୍ଡା, ଆଇଟିରେ ବାରିପଦା (ଦକ୍ଷିଣ) ମଣ୍ଡଳର ସୁଶାନ୍ତ ନାୟକ ଏବଂ ଗଜେନ୍ଦ୍ରନାଥ ମହାନ୍ତଙ୍କୁ ସୋସିଆଲ ମିଡିଆ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହାସହ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚାନ୍ଦୁଆ ମଣ୍ଡଳର ମନୋରଞ୍ଜନ ଡାଳା, କୁଆମରା ମଣ୍ଡଳର ଯଶୋମନ୍ତ ଆଚାର୍ଯ୍ୟ, ରାସଗୋବିନ୍ଦପୁର ମଣ୍ଡଳର ପରେଶ ମହାନ୍ତି, ଶ୍ୟାମାଖୁଣ୍ଟା ମଣ୍ଡଳର ଭାରତ ମହାନ୍ତ, ବଡ଼ସାହି ମଣ୍ଡଳର କମଳାକାନ୍ତ ବେହେରା, ମାଣତ୍ରୀ ମଣ୍ଡଳର ଦିବାକର ବେହେରା, ଦେଉଳି ମଣ୍ଡଳର ଦେବାଶିଷ ସିଂହ, ଉଦଳା ସଦର ମଣ୍ଡଳର ଶ୍ୟାମସୁନ୍ଦର ସିଂହ, ଚିତ୍ରଡା ମଣ୍ଡଳର ଆଦିତ୍ୟ ସିଂହ, ସାରସକଣା ମଣ୍ଡଳର ଅକ୍ଷୟ କୁମାର ଦାସ, ବେତନଟୀ ମଣ୍ଡଳର ରବୀନ୍ଦ୍ର ମହାନ୍ତି, ବୈଶିଙ୍ଗା ମଣ୍ଡଳର ଉମାକାନ୍ତ ସାହୁ, ଦାନ୍ତିଆମୁହାଁ ମଣ୍ଡଳର ଖିତିଶ ଧୁଙ୍ଗିଆ, କପ୍ତିପଦା ମଣ୍ଡଳର ସନ୍ଦୀପ କୁମାର ବେହେରା ଏବଂ ବାଙ୍ଗିରିପୋଷି ମଣ୍ଡଳର ସାହାନ କୁମାର ସିଂହଙ୍କୁ ମନୋନୀତ କରାଯାଇଛି । ଜିଲ୍ଲା ସଭାପତି ଶ୍ରୀ ମୋଦୀ ଏବଂ କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ଶ୍ରୀ ଥୟାଲ ନବନିଯୁକ୍ତ ସମସ୍ତ ପଦାଧିକାରୀ ଓ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି ।

# କେବଳ ଖଣି ନୁହେଁ ବରଂ ସମନ୍ୱିତ ସାମାଜିକ ନିବେଶ ମାଧ୍ୟମରେ ନୂଆ ଓଡ଼ିଶା ଗଠନ

ଦୀର୍ଘ ଦଶନ୍ଧି ଧରି, ଖଣି କୈନ୍ଦ୍ରିକ ବିକାଶ ଉପରେ ଯେତେବେଳେ ବି ଆଲୋଚନା ହୋଇଛି ତାହା ମୁଖ୍ୟତଃ ଖଣିଜ ଉତ୍ପାଦନ ପରିମାଣ, ଖଣିଜ ରାଜସ୍ୱ, ନିଯୁକ୍ତି ସୃଷ୍ଟି ଏବଂ ଭିତ୍ତିଭୂମି ବିକାଶ ଭଳି ଆର୍ଥିକ ସୂଚକାଙ୍କ ଉପରେ କେନ୍ଦ୍ରିତ ହୋଇଆସୁଛି। ଏହା ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଏକ ଗଭୀର ପ୍ରଶ୍ନ ଆମ ସମସ୍ତଙ୍କୁ ଆନ୍ଦୋଳିତ କରିବା ଉଚିତ ଯେ କିପରି ଦାୟିତ୍ୱବାନ ଶିଳ୍ପ ପ୍ରତିଷ୍ଠାନଗୁଡିକ ଭବିଷ୍ୟତକୁ କ୍ରମଶଃ ଆକାର ଦେବା ସହ ଶିଳ୍ପ ଅଭିବୃଦ୍ଧି ମାନବ ବିକାଶ ଏବଂ ସମ୍ପ୍ରଦାୟ କଲ୍ୟାଣରେ ନିରନ୍ତର ଉନ୍ନତିରେ ଲାଗିପାରିବ?

ଏହି ପ୍ରଶ୍ନର ଉତ୍ତର ମଧ୍ୟ ରହିଛି । ଉତ୍ତର ହେଉଛି ଯେ କେବଳ ଖଣିଜ କାରବାରରୁ ଦୂରେଇ ଯାଇ ସମନ୍ୱିତ ସାମାଜିକ ନିବେଶ ଦିଗକୁ ଅଗ୍ରସର ହେବା, ଯାହା କି ଲୋକ, ସମ୍ପ୍ରଦାୟ ଏବଂ ପରିବେଶର ଆନ୍ତଃସଂଯୁକ୍ତ ଜନିତ ଆବଶ୍ୟକତା ପୂରଣ କରିବ। ଖଣି ଏବଂ ଶିଳ୍ପ ଓଡ଼ିଶାର ଅର୍ଥନୈତିକ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଏବେ କ୍ରମଶଃ ଏକ ନୂତନ ମଡେଲ୍ ଉଭା ହେଉଛି, ଯେଉଁଥିରେ ଦେଖା ଯାଉଛି ଯେ ସ୍ୱାସ୍ଥ୍ୟସେବା, ଜୀବିକା, ମହିଳା ସଶକ୍ତିକରଣ ଏବଂ ପଶୁ କଲ୍ୟାଣ ପୃଥକ ପ୍ରସଙ୍ଗ ନୁହେଁ ବରଂ ଏସବୁ ସ୍ଥାୟୀ ବିକାଶଜନିତ ପାରସ୍ପରିକ କ୍ରିୟା ସହିତ ଦୃଢ଼ ଭାବରେ ସଂଯୁକ୍ତ। ଏହି ବିବର୍ତ୍ତନ ଏକ ସରଳ କିନ୍ତୁ ଶକ୍ତିଶାଳୀ ଧାରଣାରୁ ଉତ୍ପନ୍ନ ଯାହା ସମୃଦ୍ଧ ସମ୍ପ୍ରଦାୟ ସ୍ଥାୟୀ ଆର୍ଥିକ ଉନ୍ନତି ପାଇଁ ମୂଳଦୁଆ ସୃଷ୍ଟି କରେ। ସମନ୍ୱିତ ବିକାଶ ମଡେଲ୍ ସମନ୍ୱିତ ବିକାଶ କ୍ରମଶଃ ଦାୟିତ୍ୱପୂର୍ଣ୍ଣ ଶିଳ୍ପର ଚିତ୍ର ଏବଂ ଚରିତ୍ର ହେବାକୁ ଯାଉଛି। ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ଏବଂ ପରିବେଶଗତ ପରିଚାଳନାକୁ ପୃଥକ ପୃଥକ ଭାବରେ ବ୍ୟବହାର କରିବା ପରିବର୍ତ୍ତେ, ପ୍ରମୁଖ କମ୍ପାନୀଗୁଡ଼ିକ କ୍ଷେତ୍ର-ଭିତ୍ତିକ ବିକାଶ ମଡେଲ ଗ୍ରହଣ କରି ସମ୍ପ୍ରଦାୟ କଲ୍ୟାଣର ବିଭିନ୍ନ ସମସ୍ୟାକୁ ସମାଧାନ କରିପାରୁଛନ୍ତି।

ଓଡ଼ିଶାରେ, ବେଦାନ୍ତ ଏବଂ ସେଲ ( ଗଅଔକ) ଭଳି କମ୍ପାନୀଗୁଡ଼ିକ ପ୍ରମାଣ କରିଛନ୍ତି ଯେ ସ୍ଥାୟୀ ସାମାଜିକ ନିବେଶ ଶିଳ୍ପ ବିକାଶକୁ ପରିପୂର୍ଣ୍ଣ କରିପାରିବ। କେବିକେ (କଳାହାଣ୍ଡି-ବଲାଙ୍ଗୀର-କୋରାପୁଟ) ଅଞ୍ଚଳରେ ବେଦାନ୍ତର ଲାଞ୍ଜିଗଡ଼ରେ, ସମ୍ପ୍ରଦାୟ ବିକାଶ ଏକ ସମନ୍ୱିତ ପରିସଂସ୍ଥାରେ ବିକଶିତ ହୋଇଛି ଯାହା ସ୍ୱାସ୍ଥ୍ୟସେବା, ମହିଳାମାନଙ୍କ ଜୀବିକା, ସ୍ଥାୟୀକୃଷି, ପଶୁପାଳନ ବିକାଶ, ଶିକ୍ଷା ଏବଂ ଦକ୍ଷତା-ନିର୍ମାଣ ଆଦି କ୍ଷେତ୍ରରେ ସଫଳତା ହାସଲ କରିଛି। ସେହିପରି, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ସେଲ ସିଏସ୍ଆର କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ପାନୀୟ ଜଳ, ଭିତ୍ତିଭୂମି, ଦକ୍ଷତା ବିକାଶ ଏବଂ ଆଦିବାସୀ କଲ୍ୟାଣରେ ମିଳିତ ନିବେଶ କରିଛି। ଏହିପରି ସମନ୍ୱିତ ମଡେଲଗୁଡ଼ିକ ସ୍ୱୀକାର କରନ୍ତି ଯେ ପୃଥକ ପୃଥକ ପ୍ରକଳ୍ପ ମାଧ୍ୟମରେ ସ୍ଥାୟୀ ସାମାଜିକ ପ୍ରଗତି ହାସଲ

କରାଯାଇପାରିବ ନାହିଁ। ଯେତେବେଳେ ସ୍ୱାସ୍ଥ୍ୟସେବା, ଜୀବିକା ଏବଂ ସମ୍ପ୍ରଦାୟ ପ୍ରତିଷ୍ଠାନଗୁଡ଼ିକୁ ଏକ ସମୟରେ ଏକାଠି ସୁଦୃଢ଼ କରାଯାଏ, ସେତେବେଳେ ଗୋଟିଏ ପଦକ୍ଷେପ ଅନ୍ୟ ପଦକ୍ଷେପକୁ ସୁଦୃଢ଼ କରିଥାଏ ଯାହା ଦ୍ୱାରା ବିକାଶ ଅଧିକ ସ୍ଥିର ଏବଂ ସ୍ଥାୟୀ ହୋଇଥାଏ। ଗ୍ରାମାଞ୍ଚଳ, ବିଶେଷକରି ଦୁର୍ଗମ ଅଞ୍ଚଳରେ ସାମାଜିକ ଗତିଶୀଳତାର ସବୁଠାରୁ ବଡ଼ ବାହକ ହେଉଛି ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁଲଭତା। ସ୍ୱାସ୍ଥ୍ୟ ଖରାପଜନିତ ଜରୁରୀକାଳୀନ ପରିସ୍ଥିତି ଅନେକ ପରିବାର ପାଇଁ ଖୁବ ଶୀଘ୍ର ଏକ ଆର୍ଥିକ ଦୁଃସ୍ୱପ୍ନ ଆଣିଦେଇପାରେ, ଯାହାଦ୍ୱାରା ଦୁର୍ବଳ ପରିବାରର ଆର୍ଥିକ ସୁରକ୍ଷା ବିପଦରେ ପଡିଥାଏ । ସେଥିପାଇଁ ସ୍ୱାସ୍ଥ୍ୟସେବା ପାଇଁ ନିଆ ଯାଉଥିବା ପଦକ୍ଷେପକୁ କଲ୍ୟାଣମୂଳକ କାର୍ଯ୍ୟକଳାପ ଭାବରେ ନୁହେଁ ବରଂ ଏହାକୁ ସମ୍ପ୍ରଦାୟର ସ୍ଥିରତାରେ ନିବେଶ ଭାବରେ ଦେଖାଯାଉଛି। କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ୨୪ ଡ ୭ ଟେଲିମେଡିସିନ୍ ସୁବିଧା ଲକ୍ଷ୍ୟଭିତ୍ତିକ ସ୍ୱାସ୍ଥ୍ୟସେବାର ପ୍ରସାର ଓ ଚିକିତ୍ସା ସେବାର ଉପଲବ୍ଧତା ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟକୁ ପୂରଣ କରେ। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ଦୂରବର୍ତ୍ତୀ ଗ୍ରାମଗୁଡ଼ିକରେ ରହୁଥିବା ସମ୍ପ୍ରଦାୟମାନଙ୍କ ପାଖରେ ସମୟାନୁସାରେ ବିଶେଷଜ୍ଞ ଡାକ୍ତରୀ ପରାମର୍ଶ ପହଞ୍ଚିଥାଏ। ଏହାର ପ୍ରଭାବ କେବଳ ବ୍ୟକ୍ତିଗତ ରୋଗୀଙ୍କ ଉପରେ ପଡେନାହିଁ ବରଂ ଏକ ସୁସ୍ଥ ସମ୍ପ୍ରଦାୟ ଗଠନରେ ସହାୟକ ହୁଏ। ସମ୍ପ୍ରଦାୟର ଲୋକମାନେ ଅଧିକ କାର୍ଯ୍ୟକ୍ଷମ ହେବା ସଙ୍ଗେ ସଙ୍ଗେ ପିଲାମାନେ ନିୟମିତ ଭାବରେ ସ୍କୁଲ ଯିବାର ସମ୍ଭାବନା ବଢିଥାଏ ଏବଂ ପରିବାରଗୁଡ଼ିକ ଆର୍ଥିକ ସୁଯୋଗ ହାସଲ କରିପାରନ୍ତି। ମୋଟ୍ ଉପରେ କହିବାକୁ ଗଲେ ସ୍ୱାସ୍ଥ୍ୟସେବା ହେଉଛି ଏକ ଭିତ୍ତିଭୂମି ଯାହା ଉପରେ ବ୍ୟାପକ ବିକାଶର ସ୍ୱରୂପ ନିର୍ଭର କରେ।

ଅନ୍ୟ ଏକ ଦିଗରୁ ଦେଖିଲେ, ସ୍ୱାସ୍ଥ୍ୟସେବା ହସ୍ତକ୍ଷେପ ମଧ୍ୟ ଅନୁଷ୍ଠାନ ଏବଂ ସମ୍ପ୍ରଦାୟ ମଧ୍ୟରେ ବିଶ୍ୱାସ ସୃଷ୍ଟି କରେ। ଯେତେବେଳେ ଲୋକମାନେ ସେମାନଙ୍କ ଜୀବନର ଗୁଣବତ୍ତାରେ ସ୍ପଷ୍ଟ ଉନ୍ନତି ଦେଖନ୍ତି, ସେତେବେଳେ ସେମାନେ ବିଶ୍ୱାସ କରିବାକୁ ବାଧ ହୁଅନ୍ତି ଯେ ବିକାଶ କେବଳ ଏକ ବାହ୍ୟ ଏଜେଣ୍ଡା ନୁହେଁ, ବରଂ ସେମାନେ ବିକାଶ ପଥରେ ନିରନ୍ତର ସହଯାତ୍ରୀ । ଗ୍ରାମୀଣ ଅର୍ଥନୀତିର ନୀରବ ଅଂଶୀଦାରମାନଙ୍କୁ ଚିହ୍ନିବା ଗ୍ରାମୀଣ ଓଡ଼ିଶାରେ ପଶୁପାଳନକୁ କେବଳ ଯେ ଏକ ଆର୍ଥିକ ସମ୍ପତ୍ତି ଭାବେ ବିଚାର କରାଯାଏ ତାହା ନୁହେଁ ବରଂ ଏହାର ଗୁରୁତ୍ୱ ଏହାଠୁ ବହୁତ ଅଧିକ । ଗାଇ, ଛେଳି ଏବଂ ଅନ୍ୟାନ୍ୟ ପ୍ରାଣୀ ପରିବାରର ଜୀବିକା, କୃଷି ଉତ୍ପାଦକତା ଏବଂ ଆର୍ଥିକ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହୁଅନ୍ତି । କିନ୍ତୁ କାହିଁକି କେଜାଣି ଐତିହାସିକ ଭାବରେ ପ୍ରାଣୀ କଲ୍ୟାଣ ମୁଖ୍ୟଧାରାର ବିକାଶ ଢାଞ୍ଚାରୁ ପ୍ରାୟତଃ ବାଦ୍ ପଡିଆସୁଛି । ଏଥିରେ ଏବେ ପରିବର୍ତ୍ତନ ହେବା ଆରମ୍ଭ ହୋଇଛି। ପଶୁ ସ୍ୱାସ୍ଥ୍ୟ ଏବଂ ମାନବ କଲ୍ୟାଣ ମଧ୍ୟରେ ଥିବା ସମ୍ପର୍କକୁ ବର୍ଦ୍ଧିତ ସ୍ୱୀକୃତି ମିଳୁଛି ଯାହା ଫଳରେ ଏହା ଗ୍ରାମୀଣ ବିକାଶ ପାଇଁ ଉତ୍ପ୍ରେରକ ପରି କାମ କରି ପରିବର୍ତ୍ତନକୁ ପ୍ରୋତ୍ସାହିତ କରୁଛି। ପଶୁପାଳନ ସେବା, ରୋଗ ନିବାରଣ, ଟୀକାକରଣ ଅଭିଯାନ ଏବଂ ପଶୁ ଯତ୍ନ ପଦକ୍ଷେପଗୁଡ଼ିକ ବିଶେଷକରି କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀଙ୍କ ଜୀବିକା ସୁରକ୍ଷାରେ ସିଧାସଳଖ ଯୋଗଦାନ ଦେଉଛି । ସୁସ୍ଥ ପଶୁପାଳନ ଦ୍ୱାରା ପରିବାରର ଆୟରେ ସ୍ଥିରତା ଆଣିବା ସହ ଉଚ୍ଚ କୃଷି ଉତ୍ପାଦକତା ସୁନିଶ୍ଚିତ ହୋଇଥାଏ । କେବିକେ ଅଞ୍ଚଳରେ, ବେଦାନ୍ତ ପଶୁପାଳନ ସ୍ୱାସ୍ଥ୍ୟ ଶିବିର, କୃମିନାଶକ ଏବଂ ଟୀକାକରଣ ଅଭିଯାନ, ପଶୁ ପ୍ରଜାତିରେ ଉନ୍ନତି ପାଇଁ ପଦକ୍ଷେପ ଏବଂ ପଶୁପାଳକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପଶୁପାଳନ ବିକାଶକୁ ସହଯୋଗ କରିଛି। ଏହି ହସ୍ତକ୍ଷେପ ପଶୁ ମୃତ୍ୟୁହାର ହ୍ରାସ କରିବାରେ, କ୍ଷୀର ଉତ୍ପାଦନକୁ ବୃଦ୍ଧି କରିବାରେ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଗ୍ରାମାଞ୍ଚଳ ପରିବାର ପାଇଁ ପରିପୂରକ ଆୟ। ଏହିପରି ନିବେଶଗୁଡ଼ିକ ଦର୍ଶାଏ ଯେ ପଶୁ କଲ୍ୟାଣ କିପରି ଜୀବିକା ସୁରକ୍ଷାରେ ସିଧାସଳଖ ଯୋଗଦାନ ଦିଏ ଏବଂ ଆର୍ଥିକ ଆଘାତ ବିରୁଦ୍ଧରେ ପରିବାରର ସ୍ଥିରତା ବୃଦ୍ଧି କରେ। ତେଣୁ, ପଶୁ କଲ୍ୟାଣ କେବଳ ଏକ ନୈତିକ ବାଧ୍ୟତାମୂଳକ ନୁହେଁ ବରଂ ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏକ ବ୍ୟବହାରିକ ରଣନୀତି ମଧ୍ୟ। ଏହିପରି ନିବେଶଗୁଡ଼ିକ ଦର୍ଶାଏ ଯେ ପଶୁପାଳନ କିପରି ସିଧାସଳଖ ଜୀବିକା ସୁରକ୍ଷାରେ ଯୋଗଦାନ କରେ ଏବଂ ଆର୍ଥିକ ଦୂରାବସ୍ଥା ବିରୋଧରେ ପରିବାରର ଲଢେଇରେ ସହଯୋଗ କରିଥାଏ । ତେଣୁ, ପଶୁପାଳନ କେବଳ ଏକ ସାଧାରଣ ଆବଶ୍ୟକତା ନୁହେଁ ବରଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏକ ବ୍ୟବହାରିକ ରଣନୀତି ମଧ୍ୟ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ହସ୍ତକ୍ଷେପଗୁଡ଼ିକ ଯାହା ପ୍ରାୟତଃ ଭୁଲିହୋଇଯାଉଥିବା ଏକ ବାସ୍ତବତାକୁ ମନେ ପକାଇଥାଏ । ସ୍ଥାନୀୟ ସମ୍ପ୍ରଦାୟର କଲ୍ୟାଣକୁ ପରିବେଶ ଏବଂ ପ୍ରାଣୀଙ୍କ କଲ୍ୟାଣଠାରୁ ଅଲଗା କରାଯାଇ ପାରିବ ନାହିଁ କାରଣ ଏହା ଉପରେ ସ୍ଥାନୀୟ ଜୀବିକା ନିର୍ଭର କରେଛ ସ୍ଥାୟୀ ବିକାଶ ହେଉଛି ମାନବ, ପଶୁ ଏବଂ ପରିବେଶଗତ ସ୍ୱାସ୍ଥ୍ୟକୁ ପୃଥକ ଭାବରେ ନଦେଖି ସେମାନଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା । ସମ୍ପ୍ରଦାୟ ପରିବର୍ତ୍ତନ ପାଇଁ ମହିଳାମାନେ ହିଁ ଉତ୍ପ୍ରେରକ ଯଦି ସ୍ୱାସ୍ଥ୍ୟସେବା ମୂଳଦୁଆ, ଜୀବିକା ସୁରକ୍ଷା ହେଉଛି ସ୍ଥିରତା, ତେବେ ମହିଳା ସଶକ୍ତିକରଣ ହେଉଛି ଦୀର୍ଘକାଳୀନସାମାଜିକ ପରିବର୍ତ୍ତନ ପାଇଁ ଅନ୍ୟତମ ଆବଶ୍ୟକତା। ସମଗ୍ର ଓଡ଼ିଶାରେ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ତୃଣମୂଳ ସ୍ତରର ପରିବର୍ତ୍ତନର ଶକ୍ତିଶାଳୀ କାରକ ଭାବରେ ଉଭା ହୋଇଛନ୍ତି । ଏକଦା ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ଆରମ୍ଭ ହୋଇଥିବା ଏହି ଗୋଷ୍ଠୀସବୁ ଏବେ ଉଦ୍ୟୋଗ, ନେତୃତ୍ୱ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ପାଇଁ ପ୍ଲାଟଫର୍ମ ପାଲଟିଛନ୍ତି । ସଞ୍ଚୟ ଏବଂ ଋଣ କାର୍ଯ୍ୟକଳାପ ବ୍ୟତୀତ, ସ୍ୱୟଂ ସହାୟକ ଗୋଷ୍ଠୀସହିତ ଜଡିତ ମହିଳାମାନେ ଅଣୁ ଉଦ୍ୟୋଗ କାର୍ଯ୍ୟକଳାପ, ମୂଲ୍ୟଯୁକ୍ତ ଉତ୍ପାଦନ, ସ୍ଥାନୀୟ ସେବା ଏବଂ ସମ୍ପ୍ରଦାୟ ବିକାଶ କାର୍ଯ୍ୟକଳାପରେ ଭାଗ ନେଉଛନ୍ତି । ଏହି ଗୋଷ୍ଠୀଗୁଡ଼ିକ ମହିଳାମାନଙ୍କୁ ସେମାନଙ୍କ ପରିବାର ଏବଂ ଗ୍ରାମଗୁଡ଼ିକରେ ଆର୍ଥିକ ଯୋଗଦାନକାରୀ, ନିଷ୍ପତ୍ତି ଗ୍ରହଣକାରୀ ଏବଂ ପରିବର୍ତ୍ତନର କାରକ ହେବାପାଇଁ ସଶକ୍ତ କରୁଛନ୍ତି। ଏହାର ପ୍ରଭାବ ବ୍ୟାପକ ପ୍ରସାରୀ । ଅଧ୍ୟୟନରୁ ଜଣାପଡିଛି ଯେ ଆର୍ଥିକ ସମ୍ବଳ ଉପରେ ଅଧିକ ନିୟନ୍ତ୍ରଣ ଥିବା ମହିଳାମାନେ ପିଲାମାନଙ୍କ ଶିକ୍ଷା, ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟସେବା ପାଇଁ ଅଧିକ ଖର୍ଚ୍ଚ କରନ୍ତିଛ ତେଣୁ ଯେତେବେଳେ ଆପଣ ଜଣେ ମହିଳାଙ୍କୁ ସଶକ୍ତ କରନ୍ତି, ସେତେବେଳେ ଆପଣ ପ୍ରାୟତଃ ଏକ ସମ୍ପୂର୍ଣ୍ଣ ପରିବାରକୁ ଏବଂ ତାଙ୍କ ସହିତ ଜଡ଼ିତ ଥିବା ସମ୍ପ୍ରଦାୟକୁ ସଶକ୍ତ କରନ୍ତି। ଦକ୍ଷତା ବିକାଶ ଏବଂ ବଜାର ସଂଯୋଗ ସହିତ ଜୀବିକା ସୁଯୋଗର ଏକୀକରଣ ଦ୍ୱାରା ଏହି ପ୍ରଭାବ ଆହୁରି ବୃଦ୍ଧିପାଇଥାଏ । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସ୍ଥାୟୀ ରୋଜଗାରର ବାଟ ତିଆରି କରନ୍ତି ଯାହା ହିତାଧିକାରୀମାନଙ୍କୁ ସ୍ଥାନୀୟ ବିକାଶରେ ସକ୍ରିୟ ଅଂଶୀଦାର କରିଥାଏ। ବେଦାନ୍ତ, କେବିକେ ଅଞ୍ଚଳରେ ବୈଜ୍ଞାନିକ ପ୍ରଣାଳୀରେ ଛତୁ ଚାଷ, ବାଜରା ପ୍ରକ୍ରିୟାକରଣ, ଟେଲରିଂ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଅନ୍ୟାନ୍ୟ କ୍ଷୁଦ୍ର-ଉଦ୍ୟୋଗ ମାଧ୍ୟମରେ ମହିଳାମାନଙ୍କୁ ସହାୟତା ଦେଇ ସ୍ଥାନୀୟ ଉଦ୍ୟୋଗୀ ପ୍ରସ୍ତୁତ କରିଛି । ଏହି କାର୍ଯ୍ୟକ୍ରମଗୁଡ଼ିକ ବଜାର ସଂଯୋଗ, ଆର୍ଥିକ ସାକ୍ଷରତା ଏବଂ ଉଦ୍ୟୋଗ ବିକାଶ ସମର୍ଥନ ଦ୍ୱାରା ପରିପୂରକ ଯାହା ମହିଳାମାନଙ୍କୁ ନିରନ୍ତର ଆୟ ସହ ଜୀବିକାଜନିତ କାର୍ଯ୍ୟକଳାପରୁ ଆଗକୁ ବଢ଼ିବାକୁ ସହାୟତା ପ୍ରଦାନ କରିଥାଏ। ଓଡ଼ିଶା ଏକ ପ୍ରମୁଖ ଶିଳ୍ପ ଏବଂ ଅର୍ଥନୈତିକ ଶକ୍ତି କେନ୍ଦ୍ର ହେବା ପାଇଁ ଯେଉଁ ଯାତ୍ରାରେ ଆଗକୁ ବଢିଛି ସେଥିରେ ବିକାଶର ପରିଭାଷାକୁ ପୁନଃପରିଭାଷିତ କରାଯାଉଛି। କେବଳ ଆର୍ଥିକ ଉତ୍ପାଦନ ଦ୍ୱାରା ନୁହେଁ ବରଂ ସମ୍ପ୍ରଦାୟ ଦ୍ୱାରା ଅନୁଭୂତ ଜୀବନର ଗୁଣବତ୍ତା ଦ୍ୱାରା ସଫଳତା ମାପ କରାଯିବାକୁ ଓଡ଼ିଶାରେ ଏବେ ପ୍ରାଥମିକତା ଦିଆଯାଉଛି। ଭୂମିରୁ ନିଆଯାଇଥିବା ଜିନିଷକୁ ନେଇ ନୁହେଁ, ବରଂ ଲୋକଙ୍କ ମଧ୍ୟରେ କ'ଣ ବିନିଯୋଗ କରାଯାଇଛି ତାହା ହିଁ ଦାୟିତ୍ୱବାନ ଶିଳ୍ପର ଐତିହ୍ୟ ରୂପେ ପରିଗଣିତ ହୁଏ ।

**ବିମଳ କୃଷ୍ଣ ମିଶ୍ର**
**ପୂର୍ବତନ ସିଇଓ, ଆରଏସବି ମେଟାଲଟେକ୍**

# ବଢୁଛି ମହାନଦୀ ଜଳସ୍ତର : ବନ୍ୟା ଆଶଙ୍କାରେ ନଦୀକୁଳିଆ ବାସୀ



ଗଣିଆ , (ସବ୍ୟୁ): ଲଗାଣ ବର୍ଷା ଯୋଗୁଁ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ମୁଦୁଲିଗାଡ଼ିଆ ଠାରେ ରାସ୍ତା ଉପରେ ୧ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି.। ଯଦି ଲଗାଣ ବର୍ଷା ଲାଗିରହେ ଗଣିଆ ବ୍ଲକ ର ଛାମୁଣ୍ଡିଆ, ରାସଙ୍ଗ, ବେଲପଡାପାଟଣା ଓ କିଶୋରପ୍ରସାଦ ଗ୍ରାମପଂଚାୟତର କେତେକ ମହାନଦୀ କୁଳିଆ ଗ୍ରାମ ଗୁଡିକ ପ୍ରଭାବିତ ହେବା ସହ ଛାମୁଣ୍ଡିଆ ଓ ବଡ଼ସିଳିଙ୍ଗା ପଂଚାୟତ ବାହ୍ୟ ଜଗତ ରୁ ବିଛିନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବଡମୂଳ ଠାରେ ବୁଧବାର ମଧ୍ୟାହ୍ନ ୧୨ ଟା ବେଳେ ମହାନଦୀ ର ଜଳସ୍ତର ୨୯ ଫୁଟ ଥିବାବେଳେ ଅପରାହ୍ନ ୪ ସୁଦ୍ଧା ଜଳସ୍ତର ବୃଦ୍ଧିପାଇ ୩୨ ଫୁଟ ୧ଇଞ୍ଚ ରେ ପହଂଚିଛି। ତେବେ ବଡମୁଳ ଠାରେ ଜଳସ୍ତର ୩୫ ଛୁଇଁଲେ ଗଣିଆ ଛାମୁଣ୍ଡିଆ ରାସ୍ତା ଜଳମଗ୍ନ ହେବା ସହିତ ଛାମୁଣ୍ଡିଆ ପଂଚାୟତ ର କୁତୁରି, ମାଳିସାହି, ବଡମୁଳ, ବେଠିଆସାହି, ମୁଦୁଲିଗାଡ଼ିଆ, ରାସଙ୍ଗ ପଂଚାୟତ ର ରାସଙ୍ଗ, କାଦୁଆ, ବେଲପଡାପାଟଣା ପଂଚାୟତର ରାଉତପଡା, ୱାଲିପୁର ଓ କିଶୋରପ୍ରସାଦ ପଂଚାୟତର ପତୁରିଆ, ପାଣ୍ଡରାସିଂହା ଆଦି ଗ୍ରାମ ଗୁଡିକ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ଅପରପକ୍ଷେ ମହାନଦୀରେ କୁମ୍ଭୀର ଭୟ ଥିବାରୁ ନଦୀକୁ ନଯିବା ପାଇଁ ଛାମୁଣ୍ଡିଆ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପ୍ରଚାର ମାଧ୍ୟମରେ ସତର୍କ କରାଯାଇଥିବା ବେଳେ ଗଣିଆ ବ୍ଲକ ପ୍ରଶାସନ ତରଫରୁ ନଦୀକୁଳିଆ ଗ୍ରାମ ଗୁଡିକ ରେ ଜନସାଧାରଣ ମାନେ ଉଚ୍ଚ ସ୍ଥାନକୁ ଯିବା ସହିତ ନଦୀକୁ ନ ଯିବାପାଇଁ ମାଇକିରେ ଗାଁ ଗାଁ ବୁଲି ଦାକାବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରି ସଚେତନ କରିଥିଲେ । ସନ୍ଧ୍ୟା ୭ଟା ବେଳକୁ ବଡମୁଳ ଠାରେ ଗେଜ ୩୪ ଫୁଟ ଉପରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି ।

# ଲଘୁଚାପ ବର୍ଷା : ପାଣିରେ ବୁଡିଲା ହଜାର ହଜାର ହେକ୍ଟର ଚାଷଜମି

ଗୋପ,(ସବ୍ୟୁ): ଲଘୁଚାପ ଜନିତ ଲଗାଣ ବର୍ଷାରେ ଗୋପ ବ୍ଲକ ଅଞ୍ଚଳ ର ବିଭିନ୍ନ ପଞ୍ଚାୟତ ଏବେ ପାଣି ଘେରରେ ରହିଥିବା ବେଳେଶହ ଶହ ହେକ୍ଟର ଚାଷଜମି ମଧ୍ୟ ବୁଡିକି ରହିଛି। ଚାଷୀମାନେ ପକାଇଥିବା ତଳି ଗୁଡ଼ିକ ପ୍ରାୟତଃ ୮୦ ଭାଗରୁ ଅଧିକ ପଚି ସଢି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଚାଷୀ ମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଗୋପ ଜଳସମ୍ପଦ ବିଭାଗ ମଙ୍ଗଳବାର ସକାଳୁ ବିଭିନ୍ନ ସ୍ଥାନରେ ରହିଥିବା ୫ ରୁ ଉର୍ଦ୍ଧ୍ୱ ସ୍ଲୁଇସ ଗେଟ ଖୋଲାଯିବା ପରେ ଚାଷ ଜମିରୁ ବର୍ଷା ଜଳ ନିଷ୍କାସନ ହେଉଥିବା ଜଣା ପଡ଼ିଛି। ପ୍ରକାଶ ଯେ ଦୀର୍ଘ ୧୫ ଦିନରୁ ଉର୍ଦ୍ଧ୍ୱ ଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଏହି ବର୍ଷା ଲାଗି ରହିବା ଫଳରେ ଚାଷଜମି ଠାରୁ ଆରମ୍ଭ କରି ବିଭିନ୍ନ ପଞ୍ଚାୟତ ର ବିଭିନ୍ନ ଗାଁ ଗଣ୍ଡା ରେ ମଧ୍ୟ ପାଣି ପଶିଛି। ଶହ ଶହ ହେକ୍ଟର ଚାଷଜମିରେ ବର୍ଷା ଜଳ ଜମି ରହିବା ପରେ ଚାଷୀମାନେ ପକାଇଥିବା ତଳି ଗୁଡ଼ିକ ପ୍ରାୟତଃ ନଷ୍ଟ ହେବା ସହିତ ଅଧିକାଂଶ ଜମିରେ ପକାଯାଇ ଥିବା ବିହନ ଭାସି ଯାଇଥିବା ଅଭିଯୋଗ ହୋଇଛି। ଶହ ଶହ ହେକ୍ଟର ଚାଷଜମି ଗୁଡ଼ିକରେ ଜମି ରହିଥିବା ଉଦଭୁତ ବର୍ଷା ଜଳକୁ ଯୁଦ୍ଧକାଳୀନ ଭିତ୍ତିରେ ନିଷ୍କାସନ କରିବା ପାଇଁ ଗୋପ ଜଳସଂପଦ ବିଭାଗ ର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁଃଶାସନ ବାରିକ ସହକାରୀ ଯନ୍ତ୍ରୀ ସଞ୍ଜିବ ନାରାୟଣ ସାହୁ ମଙ୍ଗଳବାର ସକାଳେ ଏହି ବିଭାଗ ଅଧିନ ତିନିମୁହାଣି ସ୍ଲୁଇସ ଗେଟ ,ବାଲିଆ ସ୍ଲୁଇସ ଗେଟ, ସାଙ୍ଗେଣା ସ୍ଲୁଇସ ଗେଟ,ପାଇକପଡା ସ୍ଲୁଇସ ଗେଟ ଓ ଦଳ ସ୍ଲୁଇସ ଗେଟ କୁ ଖୋଲା ଯାଇଛି। ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ଏହିସବୁ ସ୍ଲୁଇସ ରେ ଗେଟ ଖୋଲା ହେବା ପରେ ତିନିମୁହାଣି ସ୍ଲୁଇସ ଗେଟ ଦେଇ ଧନୁଆନଦୀ ରେ ଥିବା ବର୍ଷା ପାଣି କୁଶଭଦ୍ରା ନଦୀ କୁ ନିଷ୍କାସନ ହେଉଥିବା ବେଳେ ଅନ୍ୟ ସ୍ଲୁଇସ ଗେଟ ଦେଇ ଉଦଭୁତ ବର୍ଷା ଜଳ ମଧ୍ୟ କୁଶଭଦ୍ରା ନଦୀ କୁ ଯାଉଛି ବୋଲି ଗୋପ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜିବ ନାରାୟଣ ସାହୁ କହିଛନ୍ତି।

# ମଦ ବୋଝେଇ ବାଇକ ଜବତ: ଅଭିଯୁକ୍ତ ଗିରଫ

ନିରାକାରପୁର,(ସବ୍ଯୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଜଗନ୍ନାଥ ସଡ଼କ ଲେଣ୍ଡୁ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରୁ ବେଆଇନ ଦେଶୀ ମଦ ପରିବହନ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଆବକାରୀ ବିଭାଗ। ଗିରଫ ଅଭିଯୁକ୍ତ ହେଲେ ଗଡ଼ିଶାଗୋଡ଼ା ଥାନା ଜାଗୁଳେଇପଦର ଗ୍ରାମର ନିରଞ୍ଜନ ବେହେରାଙ୍କ ପୁଅ ପ୍ରଦୀପ ବେହେରା।ମିଳିଥିବା ସୂଚନା ଅନୁଯାୟୀ,ମଙ୍ଗଳବାର ଭୋର ପ୍ରାୟ ୬ଟା ସମୟରେ ପ୍ରଦୀପ ଏକ ମୋଟରସାଇକେଲ ( ନଂ - ଓ୍ୱଡ ୩୩ $_{କ}$ ୨୨୮୪) ଯୋଗେ ବେଆଇନ ଭାବେ ମଦ ନେଇ ଯାଉଥିବା ବେଳେ ଆବକାରୀ ଟିମ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଗାଡ଼ିରୁ ୩୫ ଲିଟର 'ଆସ୍କା ୪୦' ମଦ ଜବତ କରାଯିବା ସହ ମୋଟରସାଇକେଲକୁ ମଧ୍ୟ ଜବତ କରାଯାଇଛି।ଏହି ଚଢ଼ାଉରେ ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ଏମ. ମଲ୍ଲିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆବକାରୀ ବିଭାଗ ଏ ନେଇ କେସ ନଂ ୨୬୪/୨୬ ରୁଜୁ କରିବା ସହ ତଦନ୍ତ ଭାର ଏ ଏସ ଆଇ ଜି.ପି. ମହାନ୍ତିଙ୍କୁ ନ୍ୟସ୍ତ କରିଛନ୍ତି।। ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ବିଦ୍ୟାଳୟ କ୍ୟାମେରା ଚୋରି: ଧରପଡିଲେ ଛାତ୍ର

ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଲାବୋରେଟୋରରୁ ଡ୍ରୋନ ଡ୍ରୋନ କ୍ୟାମେରା ଚୋରି ଅଭିଯୋଗର ବିଦ୍ୟାଳୟର ୫ ଜଣ ସପ୍ତମ ଛାତ୍ର ଶିକ୍ଷକ ଧରା ପଡିଛନ୍ତି । ଏହା ଜଣାପଡିବା ପରେ ବିଦ୍ୟାଳୟର ଜଣେ ଶିକ୍ଷକ ଚୋରି କରିଥିବା ଛାତ୍ରକୁ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟ ରେ ସମ୍ପୃକ୍ତ ଛାତ୍ର ଙ୍କ ପିତା ସନ୍ତୋଷ କୁମାର ନାୟକ ନିଜ ପୁଅର ଭୁଲ ପାଇଁ କ୍ଷମା ମାଗିବା ସହ ଘଟଣା ରଫାଦଫା କରିଥିବା ଜଣାପଡିଛି । ବିଦ୍ୟାଳୟର ଅଟଳ ଟିଙ୍କରିଂ ବିଜ୍ଞାନ ଲ୍ୟାବ ରୁ ୭ ମ ଶ୍ରେଣୀ ରେ ପଢୁଥିବା ୫ ଜଣ ଛାତ୍ର ଡ୍ରୋନ କ୍ୟାମେରା ଓ ଅନ୍ୟ ଜିନିଷ ଚୋରି କରି ନେଇଥିଲେ। ଏହା ଜଣାପଡିବା ପରେ ଦିୟିତ୍ୱ ରେ ଥିବା ଗଣିତ ଶିକ୍ଷକ ସୌମ୍ୟ ରଞ୍ଜନ ପାଙ୍ଗାରି ସମ୍ପୃକ୍ତ ଛାତ୍ର ଙ୍କୁ ଡାକି ତାଗିଦ କରିବା ସହ ଘଟଣାର ସତ୍ୟାସତ୍ୟ ଜାଣିବାକୁ ପାଇଥିଲେ । ଚୋରି କ୍ୟାମେରା ଶିକ୍ଷକ ଫେରି ପାଇଥିବା ବେଳେ ଏହି ଘଟଣାରେ ଶିକ୍ଷକ ଜଣେ ଛାତ୍ରକୁ ମାଡ଼ ମାରିଥିବା ସମ୍ପର୍କରେ ଛାତ୍ରଙ୍କ ଅଭିଭାବକ ସନ୍ତୋଷ ନାଏକ ପୁଲିସ ନିକଟରେ ଅଭିଯୋଗ କରିଥିଲେ ଏହି ମାଡ଼ ସମ୍ପର୍କ ରେ କିଛି ବୈଦୁତିକ ଗଣମାଧ୍ୟମ ରେ ଖବର ପ୍ରସାରଣ ହୋଇଥିଲା । ମାତ୍ର ଛାତ୍ର ଙ୍କ ଅଭିାବକ ସନ୍ତୋଷ ଓ ଅନ୍ୟ ଦୁଇଜଣ ଛାତ୍ରଙ୍କ ଅଭିାବକ ନିଜ ପିଲା ଙ୍କ ଭୁଲ ପାଇଁ କ୍ଷମାପ୍ରାର୍ଥନା କରିଥିବା ବେଳେ ଶିକ୍ଷକ ଙ୍କ ନାମରେ ହୋଇଥିବା ଅଭିଯୋଗ ପ୍ରତ୍ୟାହାର ପାଇଁ ଥାନା ଆଇ ଆଇ ସି ଙ୍କ ନିକଟରେ ଲିଖିତ ନିବେଦନ କରିଛନ୍ତି ଏହି ଘଟଣା ସମ୍ପର୍କ ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ କହିଛନ୍ତି ଯେ ଛାତ୍ର ଙ୍କୁ ମାଡ଼ ମରାଯିବା ସମ୍ପର୍କ ରେ ମୋ ନିକଟରେ କୌଣସି ଖବର ନାହିଁ କହିବା ସହ ଏହାକୁ ଅସ୍ୟୁକାର କରିଛନ୍ତି ।

# ପଦ ହରାଇଲେ କଣ୍ଡରେଇ ସରପଞ୍ଚ

ଆଠଗଡ ,(ସବ୍ୟୁ): ଆଠଗଡ ବ୍ଲକ ଅନ୍ତର୍ଗତ କଣ୍ଡରେଇ ପଞ୍ଚାୟତର ସରପଞ୍ଚ ସୋମବାର ନିଜର ପଦ ହରାଇଛନ୍ତି । ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଗତ ଅନାସ୍ଥା ପ୍ରସ୍ତାବ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ ୧୩ ୱାର୍ଡ ମେମ୍ବର ଓ ସରପଞ୍ଚଙ୍କୁ ମିଶାଇ ୧୪ ଜଣ ଥିବା ବେଳେ ଆଗତ ଅନାସ୍ଥାରେ ୧୦ ଜଣ ସମର୍ଥନ କରିଥିବା ବେଳେ ସରପଞ୍ଚ ପଦ ହରାଇଥିବା ନେଇ ଆଠଗଡର ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ପ୍ରକାଶ କରିଛନ୍ତି। ପ୍ରିଜାଇଡିଂ ଅଫିସର ରୂପେ ତହସିଲଦାର କୁଞ୍ଜବିହାରୀ ବଡଜେନା , ମାଜିଷ୍ଟ୍ରେଟ ଦାୟୀତ୍ୱରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ଓ ଖୁଣ୍ଟୁଣୀ ପୋଲିସ ସୁରକ୍ଷା ଦାୟୀତ୍ୱରେ ରହିଥିଲେ। ପ୍ରକାଶ ଯୋଗ୍ୟ ଚଳିତ ବର୍ଷ ଜାନୁଆରୀ ମାସରେ ଅନାସ୍ଥା ହୋଇଥିଲା ବେଳେ ସରପଞ୍ଚ ହାଇକୋର୍ଟରେ ମାମଲା ରୁଜୁ କରିଥିବା ବେଳେ ଗଣତି ସ୍ଥଗିତ ରହିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଚଳିତ ମାସରେ କୋର୍ଟ ଙ୍କ ଆଦେଶ ପରେ ପ୍ରଶାସନ ତରଫରୁ ଗଣତି ଅନୁଷ୍ଠିତ ହୋଇଥିଲା।

# ଦେବୀରେ ପହଁଚିଲା ପ୍ରଥମ ବନ୍ୟା ଜଳ

ଅସ୍ତରଙ୍ଗ, (ସବ୍ୟୁ): ପୁରୀ ଜିଲ୍ଲା କାକଟପୁର ଜଳସେଚନ ବିଭାଗ ଅଧୀନ ଅସ୍ତରଙ୍ଗ ବ୍ଲକର ଦେବୀ ନଦୀ ମୁହାଁଣ ଦେଇ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ସମୁଦ୍ରରେ ମିଶିଛି । ବନ୍ୟା ଜଳକୁ ଦେଖି ଦେବୀ ନଦୀ ତଟରେ ବସବାସ କରୁଥିବା ଲୋକେ ଭୟଭିତ ପଡିଛନ୍ତି ଛା ଆଳସାହି ଗ୍ରାମ ପଞ୍ଚାୟତ ଅଧୀନ ଅସନ ଗ୍ରାମ ଦେଇ ପ୍ରବାହିତ ହେଉଥିବା ଦେବୀ ର ପ୍ରଖର ସ୍ରୋତ ରେ କେଉଁଠି ନଦୀ ବନ୍ଧରୁ ମାଟି ଅତଡ଼ା ଖସୁ ଥିବା ବେଳେ,ଆଉ କେଉଁଠି ବହୁ ପୁରୁଣା ପଥର ସ୍ପର ଓ ପଥର ପ୍ୟାକିଙ୍ଗରୁ ପଥର ଖଣ୍ଡ ମଧ୍ୟ ଖସୁଥିବା ଗ୍ରାମବାସୀ କହି ଛନ୍ତି ।ଅପର ପକ୍ଷରେ, ଦେବୀ ନଦୀ ପାଖ ଚାଷ ଜମିରେ ବନ୍ୟା ଜଳ ପସି ବହୁ ଜମି ଜଳ ମଗ୍ନ ହେବା ସହ ସରିସୃପ ଜାତୀୟ ଜନ୍ତୁ ମାନେ ଘରେ ପଶି ଯିବାର ଆଶଙ୍କା ଥିବାରୁ ଲୋକମାନେ ଭୟଭିତ ଭିତରେ ରହିଛନ୍ତି । ନଦୀର ପଥର ସ୍ପର ଦୁର୍ବଳ ହେଇଯାଇ ଥିବାରୁ ଅସନ ଗ୍ରାମବାସୀ ସମେତ, ଅସ୍ତରଙ୍ଗ ଓ କାକଟପୁର ବ୍ଲକର ୧୦ ଗୋଟି ଗ୍ରାମର ଲୋକ ଆତଙ୍କୀତ ଅବସ୍ଥାରେ ରହି ଛନ୍ତି ।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK**
**Zilla Swasthya Samiti, Cuttack**
Dept. of Health & Family Welfare, Govt, of Odisha
District Head Quarter Hospital, Cuttack-753001
10001/416/2627 Phone: (0671)2305377
Advt. No. 01/Laboratory Reagent & Consumable /CTC/2026-27 Date: 29/07/2026

**TENDER CALL NOTICE FOR SUPPLY OF LABORATORY REAGENT & CONSUMABLES**

Sealed bids are invited from individuals/Agency / Society / Firm for supply of Laboratory Reagent & Consumable for different Health Facility of Cuttack . Details regarding eligibility criteria, terms & conditions and the formats for submission of bid (Technical & Price bid) are mentioned in the tender document which may be downloaded from the website: https://cuttack.odisha.gov.in. Interested agencies has to submit their bids in a sealed envelope super-subscribing on the top of the sealed envelope as "Tender for supply of Laboratory Reagent & Consumable for different Health Facility of Cuttack District. Bid Reference No: 01/Laboratory Reagent & Consumable /CTC/2026-27 Date: 08 / 07 / 2026". The bids should reach to the office of the undersigned on or before Dt. 19/08/2026 at 04:00 P.M. through Speed Post/Regd. Post/Courier only. Sealed bids will be opened on Dt.21/08/2026 at 11:30 A.M.. The undersigned reserves the right to reject any or all the bids without assigning any reason thereof.

Sd/- CDM&PHO
Cuttack

OIPR : 10001/10022/1/26-27/0005


# କାଠଯୋଡି ନଦୀ କୂଳରେ ବାଉଳା କୁମ୍ଭୀର ଆତଙ୍କ

ଫୁଲନଖରା (ସବ୍ୟୁ): ଟକ ସଦର ଅନ୍ତର୍ଗତ ବୟାଳିଶମୌଜାର ରାଉତରାପୁର ଗ୍ରାମ ସ୍କୁଲ ନିକଟ କାଠଯୋଡି ନଦୀବନ୍ଧ କୂଳରେ ବୁଧବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ ବାଉଳା କୁମ୍ଭୀର ନଦୀପଠାରେ ଖରା ଖାଉଥିବା ଦେଖାଯିବା ପରେ ସମଗ୍ର ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଖବର ପ୍ରଚାର ପାଇବା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟବାସୀଙ୍କ କହିବା ଅନୁଯାୟୀ, କାଠଯୋଡି ନଦୀରେ ପୂର୍ବରୁ ମଧ୍ୟ ଅନେକଥର କୁମ୍ଭୀର ଦେଖାଯାଇଥିବାରୁ ନଦୀକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ଲୋକମାନଙ୍କ ମଧ୍ୟରେ ସର୍ବଦା ଏକ ଭୟର ପରିବେଶ ରହିଆସିଛି। ବିଶେଷକରି ବର୍ଷା ଋତୁରେ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ କୁମ୍ଭୀର ଜନବସତି ନିକଟକୁ ଆସୁଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ପ୍ରତିଦିନ ଏହି ନଦୀକୁ ଶହ ଶହ ଲୋକ ସ୍ନାନ, ପୂଜାପାଠ ଓ ଅନ୍ୟାନ୍ୟ ନିତ୍ୟକର୍ମ ପାଇଁ ଯାଉଥିବା ବେଳେ ଏପରି ସ୍ଥିତିରେ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଜନସାଧାରଣଙ୍କ ଜୀବନ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# ନେକ୍ସସ ଏସପ୍ଲାନେଡ଼ରେ ଖୁସିର ଆଠ ବର୍ଷ ପୂର୍ତ୍ତି

ବାଲିଅନ୍ତା,(ସବ୍ୟୁ): ନେକ୍ସସ ଏସପ୍ଲାନେଡ଼, ସହରର ସବୁଠାରୁ ପସନ୍ଦଯୋଗ୍ୟ ଲାଇଫଷ୍ଟାଇଲ ଗନ୍ତବ୍ୟସ୍ଥଳ ନିଜର ୮ମ ବାର୍ଷିକୋତ୍ସବ ପାଳନ କରିଛି ।ଏହି ସଫଳତା ସହ ଗ୍ରାହକମାନଙ୍କ ପାଇଁ ବହୁ ପ୍ରତିକ୍ଷିତ ଫ୍ଲାଟ ୫୦% ରିହାତିର ଏକ ସ୍ୱତନ୍ତ୍ର ଅଫର ଅଣାଯାଇଛି, ଯାହା ଗ୍ରାହକମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିବ । ଏହି ବାର୍ଷିକୋତ୍ସବ ସପ୍ତାହାନ୍ତରେ ଗ୍ରାହକମାନେ ଆଇକନିକ୍, ଲାଇଫଷ୍ଟାଇଲ, ରେଗାଲ, ନାଏକା, ହେଲ୍ଥ ଆଣ୍ଡ ଗ୍ଲୋ, ଆଇଏନସି ୫, ପୁମା, ବିବା, ମାର୍କସ ଆଣ୍ଡ ସ୍ପେନ୍ସର, ହୋମ ସେଣ୍ଟର, ଅରୁଲିଆ, ଆଲେନ ସୋଲି, ଡ଼ବ୍ଲୁ ଭଳି ଅନେକ ପ୍ରମୁଖ ବ୍ରାଣ୍ଡରୁ ଆକର୍ଷଣୀୟ ଅଫରର ଲାଭ ଉଠାଇ କେବଳ ସପିଙ୍ଗ ନୁହେଁ ବରଂ ଅନେକ କିଛି ସଞ୍ଚୟ ମଧ୍ୟ କରିପାରିବେ । ଏହି ମାଇଲଖୁଣ୍ଟକୁ ସ୍ମରଣୀୟ କରିବା ପାଇଁ, ମଲ ପକ୍ଷରୁ ବିଭିନ୍ନ ଆନନ୍ଦଦାୟକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି, ଯେଉଁଥିରେ ଏକ ସ୍ୱତନ୍ତ୍ର ସେଲଫି ଜୋନ, ମନୋରମ ସାଂସ୍କୃତିକ ପ୍ରଦର୍ଶନ ଏବଂ ସବୁ ବୟସବର୍ଗର ଦର୍ଶକଙ୍କ ପାଇଁ ଆକର୍ଷଣୀୟ କାର୍ଯ୍ୟକ୍ରମ ସାମିଲ ରହିଛି । ବିଗତ ଆଠବର୍ଷ ମଧ୍ୟରେ, ଏହି ମଲ ଏଭଳି ଏକ ପ୍ରିୟ ସ୍ଥାନରେ ପରିଣତ ହୋଇଛି ଯେଉଁଠାରେ ସହରବାସୀ ଏକାଠି ହୋଇ ସପିଙ୍ଗ, ଖାଦ୍ୟପେୟ ଏବଂ ଉତ୍ସବର ଆନନ୍ଦ ନେଇଥାନ୍ତି ।


**IDBI BANK**
ବଡବଜାର ଶାଖା, ବ୍ରହ୍ମପୁର
ଆନନ୍ଦ ପ୍ଲାଜା, ପ୍ରଥମ ମହଲା, ଗାନ୍ଧୀ ନଗର ମେନ୍ ରୋଡ୍, ସାଇ କମ୍ପ୍ଲେକ୍ସ ନିକଟ, ବ୍ରହ୍ମପୁର, ଗଞ୍ଜାମ, ପିନ୍-୭୬୦୦୦୨, ଓଡ଼ିଶା

**ଡିମାଣ୍ଡ ନୋଟିସ୍ (ସୁନା ଋଣ)**

ଆଇଡିବିଆଇ ବ୍ୟାଙ୍କ ଲି., ବଡବଜାର ଶାଖା ଦ୍ୱାରା ନିମ୍ନବର୍ଣ୍ଣିତ ଋଣଗ୍ରହୀତାଙ୍କୁ ସୁନା ଋଣ ସୁବିଧା ମଞ୍ଜୁର କରାଯାଇଛି ଓ ଆପଣ ଏହା ପ୍ରାପ୍ତ କରିଛନ୍ତି ଏବଂ ଆପଣ ଏ ପର୍ଯ୍ୟନ୍ତ ବକେୟା ରାଶି ପରିଶୋଧ କରିନାହାଁନ୍ତି। ଏଣୁ କିସ୍ତିସୁଧାମୂଳକରଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ଆଇଡିବିଆଇ ବ୍ୟାଙ୍କ ଲି., ବଡବଜାର ଶାଖାର ପ୍ରବନ୍ଧକଙ୍କ ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜିଷ୍ଟ୍ରେଡ୍ ପୋଷ୍ଟ ସହିତ ଏହି ଯୋଗେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇପାରି ନାହିଁ / ଫେରସ୍ତ ଆସିଅଛି । ଏଣୁ, ସେମାନଙ୍କୁ ଏହି ସର୍ବସାଧାରଣ ନୋଟିସ୍ ଦ୍ୱାରା ସୂଚିତ କରାଯାଉଅଛି ।

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମଞ୍ଜୁରୀ ଋଣ ପରିମାଣ / ବକେୟା ଦେୟ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସିକ୍ୟୁରିଟିର ବିବରଣୀ |
|---|---|---|---|---|
| ୧. | ଶ୍ରୀ ପୋଡିଲି ମୋହନ, ସା: ବଡକେରମରା, ପୋ: ରାଣୋଳ, ଭାୟା: କୁକୁଡାଖଣ୍ଡି, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୦ | ମଞ୍ଜୁରୀ: ଟ.୨,୦୦,୦୦୦/- ଏବଂ ଟ.୮,୨୫,୦୦୦/- ବକେୟା: ଟ.୮୨୯/- ଏବଂ ଟ.୮,୩୦,୯୮୩.୯୮ + ଭବିଷ୍ୟତ ସୁଧ | ୦୮.୦୧.୨୦୨୬ / ୧୭.୦୨.୨୦୨୬ ଏବଂ ୧୭.୦୪.୨୦୨୬ | ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ |

ଏତଦ୍‌ଦ୍ୱାରା ବ୍ୟାଙ୍କ ସପକ୍ଷରେ ଆପଣ ସମ୍ପାଦିତ କରିଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ଏହାର କ୍ଷମତା ପ୍ରୟୋଗ କରି ଏହି ନୋଟିସ୍ ପ୍ରକାଶନ ତାରିଖର ୭ ଦିନ ମଧ୍ୟରେ ଉପରବର୍ଣ୍ଣିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରିବାକୁ ଆପଣଙ୍କୁ କୁହାଯାଉଛି। ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟ ଅଧିକାରର ପ୍ରୟୋଗ ବ୍ୟତୀତ ଆପଣଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ବକେୟା ଋଣ ଆଦାୟକରଣ ପାଇଁ ଉପରୋକ୍ତ ସୁନା ଅଳଙ୍କାରଗୁଡ଼ିକର ନିଲାମ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ସ୍ଥାନ : ବ୍ରହ୍ମପୁର
ତାରିଖ : ୨୯.୦୭.୨୦୨୬

ଶାଖା ମୁଖ୍ୟ
ଆଇଡିବିଆଇ ବ୍ୟାଙ୍କ ଲି.



**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜୁନାଗଡ଼**
13001/1320/2627
ପତ୍ର ସଂଖ୍ୟା : ୧୭୧୬ ତାରିଖ : ୨୯/୦୭/୨୬

**ବିଜ୍ଞାପନ**

ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ନିମ୍ନଲିଖିତ ସମ୍ପତ୍ତିର ଠିକା ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା. ୨୯.୦୭.୨୦୨୬ ରିଖ ସକାଳ ଘ.୧୦.୦୦ ମି ଠାରୁ ତା. ୦୪.୦୮.୨୦୨୬ ରିଖ ଅପରାହ୍ନ ଘ.୧.୦୦ ମି ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ସହ ଟେଣ୍ଡର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ ଏବଂ ତା. ୦୫.୦୮.୨୦୨୬ ରିଖ ଅପରାହ୍ନ ଘ.୩.୦୦ ମି ସମୟରେ ଟେଣ୍ଡର ଖୋଲାଯିବ । ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଯେ କୌଣସି ଦେୟ ବକେୟା ଥିଲେ ସେମାନେ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଠିକା ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ନାମରେ ସାବ୍ୟସ୍ତ କରାଯିବ । ଠିକା ସାବ୍ୟସ୍ତର ୩ (ତିନି) ଦିନ ମଧ୍ୟରେ ସମୁଦାୟ ଠିକା ମୂଲ୍ୟର ଶତକଡା ୭୫% ଭାଗ ଅର୍ଥ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଜମା ଦେବାକୁ ପଡିବ । ନଚେତ ସାବ୍ୟସ୍ତ କରାଯାଇଥିବା ଠିକା ବାତିଲ କରାଯାଇ ସାନି ଟେଣ୍ଡର କରାଯିବ ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଟେଣ୍ଡରକୁ ବିଚାରକୁ ନିଆଯିବ ନାହିଁ । ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ଯେକୌଣସି ସମୟରେ ବିନା କାରଣରେ ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରିପାରିବେ । ଏହା ବିଜ୍ଞାପିତ ଅଞ୍ଚଳ ପରିଷଦର ନିଜସ୍ୱ ୱେବସାଇଟ www.junagarhnac.in ଏବଂ https://kalahandi.odisha.gov.in ରେ ମଧ୍ୟ ଉପଲବ୍ଧ ଅଟେ ।

| କ୍ରମିକ ସଂ | ସମ୍ପତ୍ତି ଗୁଡିକର ନାମ | ଠିକା ଅବଧି | ଅମାନତ ଟଙ୍କା | ସର୍ବନିମ୍ନ ଠିକାମୂଲ୍ୟ |
|---|---|---|---|---|
| ୧ | ବଡ଼ ସେମୁଲି ବନ୍ଧ | ୨୦୨୬-୨୭ (ଅଗଷ୍ଟ-୨୦୨୬) ଠାରୁ ୨୦୨୮-୨୯ (ଜୁଲାଇ-୨୦୨୯) ପର୍ଯ୍ୟନ୍ତ | ଟ. ୩. ୦୦୦.୦୦ | ଟ. ୯,୭୨୦.୦୦ |
| ୨ | ସାନ ସେମୁଲି ବନ୍ଧ | ୨୦୨୬-୨୭ (ଅଗଷ୍ଟ-୨୦୨୬) ଠାରୁ ୨୦୨୮-୨୯ (ଜୁଲାଇ-୨୦୨୯) ପର୍ଯ୍ୟନ୍ତ | ଟ. ୩. ୦୦୦.୦୦ | ଟ. ୬,୧୬୦.୦୦ |
| ୩ | ତେନ୍ତୁଳଝରିଆ ବନ୍ଧ | ୨୦୨୬-୨୭ (ଅଗଷ୍ଟ-୨୦୨୬) ଠାରୁ ୨୦୨୮-୨୯ (ଜୁଲାଇ-୨୦୨୯) ପର୍ଯ୍ୟନ୍ତ | ଟ. ୫. ୦୦୦.୦୦ | ଟ. ୩୫,୨୦୦.୦୦ |
| ୪ | ହଣ୍ଡାଖାଲ ପଡା ବନ୍ଧ | ୨୦୨୬-୨୭ (ଅଗଷ୍ଟ-୨୦୨୬) ଠାରୁ ୨୦୨୮-୨୯ (ଜୁଲାଇ-୨୦୨୯) ପର୍ଯ୍ୟନ୍ତ | ଟ. ୫, ୦୦୦.୦୦ | ଟ. ୨୪,୫୩୦.୦୦ |
| ୫ | କାର୍ଜିବାହିଲି ବନ୍ଧ | ୨୦୨୬-୨୭ (ଅଗଷ୍ଟ-୨୦୨୬) ଠାରୁ ୨୦୨୮-୨୯ (ଜୁଲାଇ-୨୦୨୯) ପର୍ଯ୍ୟନ୍ତ | ଟ. ୫, ୦୦୦.୦୦ | ଟ. ୪୨,୬୮୦.୦୦ |
| ୬ | ନାରୀ ବନ୍ଧ | ୨୦୨୬-୨୭ (ଅଗଷ୍ଟ-୨୦୨୬) ଠାରୁ ୨୦୨୮-୨୯ (ଜୁଲାଇ-୨୦୨୯) ପର୍ଯ୍ୟନ୍ତ | ଟ. ୫, ୦୦୦.୦୦ | ଟ. ୩୬,୮୫୦.୦୦ |
| ୭ | ଶିବ ସାଗର ବନ୍ଧ | ୨୦୨୬-୨୭ (ଅଗଷ୍ଟ-୨୦୨୬) ଠାରୁ ୨୦୨୮-୨୯ (ଜୁଲାଇ-୨୦୨୯) ପର୍ଯ୍ୟନ୍ତ | ଟ. ୪୦,୦୦୦.୦୦ | ଟ. ୮,୦୦.୮୦୦.୦୦ |

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼

OIPR : 13001/13133/1/26-27/0005

# ସମ୍ପାଦକୀୟ

## ସଂସଦରେ ଶାଳୀନତା ରକ୍ଷା କରାଯାଉ

ଧର୍ମେନ୍ଦ୍ର ପ୍ରଧାନଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ଦାୟିତ୍ୱରୁ ଅବ୍ୟାହତି ଦେବା ପରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ରର ବିବାଦ କ୍ରମଶଃ ମିଳେଇ ଯିବ ଏବଂ ସଂସଦର କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିବ ବୋଲି ଯାହା ଆଶା କରା ଯାଉଥିଲା । ମାତ୍ର ବିରୋଧୀ ଦଳ ତାହା ପ୍ରାୟ କରାଇ ଦେବେ ନାହିଁ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଉଥିଲା, ତାହା କେତେକାଂଶରେ ସତ । ସଂସଦର ମୌସୁମୀ ଅଧିବେଶନ ଚାଲିବା ଲାଗି ବାତାବରଣ ସୃଷ୍ଟି ହୋଇଥିଲେ ମଧ୍ୟ ଲୋକସଭାରେ ସପ୍ତମ ଅଧିବେଶନରେ ସାଂସଦମାନେ ଯେପରି ଆଶାଳୀନ ଆଚରଣ ପ୍ରଦର୍ଶନ କରିଥିଲେ ତାହା ନିନ୍ଦନୀୟ ।

**ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କୁ ତତ୍କାଳୀନ ବିରୋଧୀ ଦଳ ସମାଲୋଚନା କରି ଆସୁଥିଲେ ମଧ୍ୟ ସେମାନେ ଆଶାଳୀନ ବ୍ୟବହାର କରୁ ନଥିଲେ । ତାଙ୍କରି ତନୟା ଇନ୍ଦିରା ଗାନ୍ଧିଙ୍କ ଉତ୍ତରାଧିକାରୀ ହୋଇ ପ୍ରିୟଙ୍କାଙ୍କ ଏପରି ଆଚରଣ ପ୍ରଦର୍ଶନ ଉଚିତ ହୋଇ ନାହିଁ ବୋଲି ସଚେତନ ଭାରତୀୟମାନେ ଅନୁଭବ କରୁଥିବା ପରିଲକ୍ଷିତ ହୋଇଛି ।... ସେ ଯାହା ହେଉ, ଗଣତନ୍ତ୍ରର ପବିତ୍ର ମନ୍ଦିର ଭାବେ ବିବେଚିତ ସଂସଦରେ ସାଂସଦମାନେ ନିଜ ନିଜର ଆଚରଣରେ ଶୁଦ୍ଧତା ଓ ସଂଯମତା ରକ୍ଷା କରିବା ଉଚିତ ।**

ଏବର ଇଣ୍ଟରନେଟ୍ ଓ ଇନଫରମେସନ ଟେକ୍ନୋଲୋଜି ଯୁଗରେ, ଜନସାଧାରଣଙ୍କୁ ସହଜରେ ବିଭ୍ରାନ୍ତ କରି ହେବ ନାହିଁ । କିନ୍ତୁ ସାଂସଦମାନଙ୍କୁ ଲୋକସଭା ନିର୍ବାଚନ ଲାଗି ଭୋଟ ଦେଇଥିବା ଭୋଟଦାତାମାନେ ସାଂସଦମାନଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ ରଖିଥାଆନ୍ତି । ସେ ଦୃଷ୍ଟିରୁ ସାଂସଦମାନେ ସଂସଦ ଅଧିବେଶନ ସମୟରେ କଥାବାର୍ତ୍ତା ସଂଯତ ହୋଇ କରିବା ବିଧେୟ । ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିବ ନାହିଁ ତ ଆଉ କାହାକୁ କରିବ ? ମାତ୍ର ବ୍ୟକ୍ତିଗତ ସ୍ତରରେ ଜଣେ ସାଂସଦ ଆଉ ଜଣେ ସାଂସଦ ବା ମନ୍ତ୍ରୀଙ୍କ ଚରିତ୍ର ସଂହାର କରିବା ଆଦୌ ସ୍ପୃହଣୀୟ ନୁହେଁ । ଗଠନମୂଳକ ସମାଲୋଚନାକୁ ଆମ ଗଣତନ୍ତ୍ରରେ ଗୁରୁତ୍ୱ ଦିଆଯାଇଛି ।

ଗତ ତା ୨୮/୦୭/୨୦୨୬ରେ ଲୋକସଭାରେ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିରାକରଣ) ସଂଶୋଧନ ବିଧେୟକ ୨୦୨୬ ଉପରେ ବିତର୍କ ଆରମ୍ଭ ହୋଇଥିଲା । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ନୂତନ ଭାବେ ନିଯୁକ୍ତି ପାଇଥିବା ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଚରିତ୍ର ବିରୋଧରେ ଦୋଷାରୋପ କରିବାରୁ ଗୃହରେ ଶାସକ ଦଳଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରିୟଙ୍କା କହିଥିଲେ ଯେ ପ୍ରଧାନମନ୍ତ୍ରୀ ଯେଉଁ ନୂତନ ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ନିଯୁକ୍ତି ଦେଇଛନ୍ତି, ସିଏ ଜଣେ ଗର୍ଭବତୀ ମହିଳାଙ୍କ ଦୁଷ୍କର୍ମକାରୀଙ୍କୁ ଉଦ୍ଧାର କରିବାରେ ସହାୟତା ପ୍ରଦାନ କରିଥିଲେ । ଏହି ଘଟଣାକୁ କେନ୍ଦ୍ର କରି ଗୃହରେ ତୀବ୍ର ଉତ୍ତେଜନା ସୃଷ୍ଟି ହେବାରୁ କେନ୍ଦ୍ରମନ୍ତ୍ରୀ କିରଣ ରିଜଜୁ କହିଥିଲେ ଯେ ପ୍ରିୟଙ୍କା ଗୃହକୁ କ୍ଷମାଭିକ୍ଷା ମାଗନ୍ତୁ ।

ଛାତ୍ର ଆନ୍ଦୋଳନକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଜଣେ ଶିକ୍ଷାମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେଇ ଆଉ ଜଣେ ନୂତନ ମନ୍ତ୍ରୀଙ୍କୁ ନିଯୁକ୍ତି ଦେବା ପରେ ତାଙ୍କୁ ବହିଷ୍କାର ପାଇଁ ବିରୋଧୀ କଂଗ୍ରେସ ଦଳର ବୃଥା ଉଦ୍ୟମ କାହିଁକି ? କୌଣସି ସରକାର ଲାଗ ଲାଗ ଦୁଇଜଣ ଶିକ୍ଷାମନ୍ତ୍ରୀଙ୍କୁ ବଦଳାଇ ପାରିବେ କି ? ବିରୋଧୀ ଦଳର ଚାପରେ ସେପରି କରାଯାଇ ପାରିବ କି ? ସାଂସଦ ପ୍ରିୟଙ୍କାଙ୍କର ଏପରି ଅପରିପକ୍ୱ ଓ ଅଶାଳୀନ ମନ୍ତବ୍ୟ ତାଙ୍କର ଦଳୀୟ ଲୋକଙ୍କୁ ମଧ୍ୟ ସନ୍ତୁଷ୍ଟ କରି ପାରିବ ନାହିଁ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କୁ ତତ୍କାଳୀନ ବିରୋଧୀ ଦଳ ସମାଲୋଚନା କରି ଆସୁଥିଲେ ମଧ୍ୟ ସେମାନେ ଆଶାଳୀନ ବ୍ୟବହାର କରୁ ନଥିଲେ । ତାଙ୍କରି ତନୟା ଇନ୍ଦିରା ଗାନ୍ଧିଙ୍କ ଉତ୍ତରାଧିକାରୀ ହୋଇ ପ୍ରିୟଙ୍କାଙ୍କ ଏପରି ଆଚରଣ ପ୍ରଦର୍ଶନ ଉଚିତ ହୋଇ ନାହିଁ ବୋଲି ସଚେତନ ଭାରତୀୟମାନେ ଅନୁଭବ କରୁଥିବା ପରିଲକ୍ଷିତ ହୋଇଛି । ନୂତନ ଶିକ୍ଷାମନ୍ତ୍ରୀ ଶ୍ରୀ ଯୋଶୀ ମଧ୍ୟ କହିଛନ୍ତି ଯେ ତାଙ୍କର ଗୋଟିଏ ଟିଭି ସାକ୍ଷାତକାରକୁ ବିଭ୍ରାନ୍ତ କରିଛନ୍ତି ପ୍ରିୟଙ୍କା ଗାନ୍ଧି । ସେ ତାହାର ପ୍ରମାଣ ଦିଅନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ମଧ୍ୟ ଦାବି ଉଠାଇଛନ୍ତି । ସେ ଯାହା ହେଉ, ଗଣତନ୍ତ୍ରର ପବିତ୍ର ମନ୍ଦିର ଭାବେ ବିବେଚିତ ସଂସଦରେ ସାଂସଦମାନେ ନିଜ ନିଜର ଆଚରଣରେ ଶୁଦ୍ଧତା ଓ ସଂଯମତା ରକ୍ଷା କରିବା ଉଚିତ ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନିର୍ବାଚିତ ଲୋକ ପ୍ରତିନିଧି ବନାମ ବିଶେଷଣ



**ଡମ୍ବରୁଧର ଘଣା**

ନବେ ଦଶକର କଥା । ପାଠ ପଢା ଶେଷ ହୋଇଥାଏ । ଅଧିକ ପଢିବାର ଇଚ୍ଛା ଥିଲେବି, ପରିବାରର ସାଧନ ମତେ ପାଠ ପଢାକୁ ବିରାମ ଦେବାକୁ ପଡ଼ିଥିଲା । ଚାକିରି ଖୋଜିବାର ବେଳ ।

ଖବରକାଗଜ, ପତ୍ରପତ୍ରିକା ପଢ଼ିବାରେ ବେଶ୍ ଆଗ୍ରହ ଥାଏ । ଚାକିରି ଆଶାୟୀ ପିଲାଙ୍କ ପାଇଁ ବେଶି କିଛି ଉପାଦେୟ ନ ହେଲେ ବି, 'ପ୍ରଜାତନ୍ତ୍ର ସାପ୍ତାହିକୀ' ପାଠକଙ୍କ ମନ ଜିଣି ପାରିଥାଏ ସେତେବେଳେ । ମୁଁ ମଧ୍ୟ ଏହାର ନିୟମିତ ପାଠକ ଥାଏ । ତାହାର ସମ୍ପାଦକଙ୍କ ଏକ ଲେଖା ସେଥିରେ ନିୟମିତ ପ୍ରକାଶ ପାଉଥାଏ । ତାହା ପୁଣି ପତ୍ରିକାର ପଛ ଆଡକୁ । ମୁଁ ଏକା କାହିଁକି, ଅନେକ ପାଠକ ସେଇଠୁ ଆରମ୍ଭ କରନ୍ତି ଏଇ ପତ୍ରିକାର ପଢା ।

ଆଜିର ନିର୍ବାଚିତ ଲୋକ ପ୍ରତିନିଧି, ସେମାନଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ବିଶେଷଣ, ତାଙ୍କ ଉପରେ ଅଜାଡି ଦିଆଯାଉଥିବା ସମ୍ମାନ ଓ ଆତ୍ମବିଭୋର ନେତାଙ୍କୁ ଦେଖିବା ବେଳେ, ସେଦିନ ଉକ୍ତ ସାପ୍ତାହିକୀରେ ପ୍ରକାଶିତ ଏକ ଲେଖା ମୋର ମନେ ପଡୁଛି । ଆଜି ଏହାର ପ୍ରାସଙ୍ଗିକତା ଥିବା ଅନୁଭବ କରି, ଏଠାରେ ଉଲ୍ଲେଖ କରିବାକୁ ଚେଷ୍ଟା କରୁଛି । ବିଷୟଟି ହେଉଛି–ପୃଥିବୀ ପ୍ରସିଦ୍ଧ ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଏକ କ୍ଷୁଦ୍ର ନାଟକ । ନାଟକଟି ଏହିପରି:

ଆମେରିକାର ଏକ ରାଜପଥ କଡ଼ରେ ଛିଡା ହୋଇଥାନ୍ତି ଚାପଲିନ୍ । ସେତିକିବେଳେ ସେହି ରାସ୍ତା ଦେଇ ଯାଉଥାଏ ଆମେରିକୀୟ ସୈନ୍ୟ ବାହିନୀର ଏକ ଦଳ । ଚାପଲିନ୍ ଦେଖୁଥାନ୍ତି । ଯେତେବେଳେ ଜବାନମାନଙ୍କ ମାର୍ଚିଙ୍ଗ୍ ଚାପଲିନ୍‌ଙ୍କ ନିକଟବର୍ତ୍ତୀ ହେଲା, ପ୍ଲାଟୁନ୍ କମାଣ୍ଡର ଆଦେଶ ଦେଲେ– 'ଦାହିନେ ଦେଖ୍' । ତତ୍କ୍ଷଣାତ, ଜବାନମାନେ ଡାହାଣକୁ ଦେଖି ସାଲ୍ୟୁଟ୍ ମୁଦ୍ରାରେ ମାର୍ଚିଙ୍ଗ୍ ଆରମ୍ଭ କରିଦେଲେ । ଚାପଲିନ୍ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ମନକୁ ମନ କହିଲେ – ମୋତେ ତେବେ ଏଡେ ବଡ ସମ୍ମାନ ଦେଉଛି ଆମ ଦେଶ ।

କଳାକାରମାନଙ୍କୁ ମଧ୍ୟ ଉଚ୍ଚ ସମ୍ମାନ ଦେବାକୁ ଦେଶ ବିଚାର କରୁଛି । ଦେବ ନାହିଁ କାହିଁକି ? ମୁଁ ଯେ ଦୁନିଆଁର ସର୍ବଶ୍ରେଷ୍ଠ ହାସ୍ୟ ଅଭିନେତା । ମୋଠୁ କ'ଣ ଆଉ କିଏ ବଡ ଅଛି ? କିଛି ସମୟ ପାଇଁ ଆତ୍ମବିଭୋର ହୋଇଗଲେ ଚାପଲିନ୍ । ଦୀର୍ଘ ନିଃଶ୍ୱାସଟାଏ ଛାଡିଲେ । ଛାତି କିଛିଟା ଚଉଡା ଚଉଡା ଲାଗିଲା । ମନଟା ଏମିତି ଖୁସି ହେଉଥିଲା । ତଥାପି ଚାପଲିନ୍ ନିଜର ବାମ, ଡାହାଣକୁ ଅନାଇଲେ । ପଛକୁ ବୁଲି ଯେତେବେଳେ ଦେଖନ୍ତି – ପଛରେ ଶୋଭା ପାଉଥାଏ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ଓ୍ୱାସିଂଟନଙ୍କ ପ୍ରତିମୂର୍ତ୍ତି । କ୍ଷୁଦ୍ର ନାଟକଟିର ଏଇଠି ଯବନିକା ପଡିଲା ।

କେହି କେହି ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ କହୁଥିବା ଓ ଲେଖୁଥିବାର ଦେଖିବାକୁ ମିଳୁଛି – ଲୋକଙ୍କ ନେତା, ଲୋକ ପ୍ରିୟ ନେତା, ପ୍ରିୟ ମନ୍ତ୍ରୀ, ଲୋକଙ୍କ ମୁଖ୍ୟମନ୍ତ୍ରୀ, ଯଶସ୍ୱୀ ସଭାପତି, ଯଶସ୍ୱୀ ମୁଖ୍ୟମନ୍ତ୍ରୀ, ଜନସେବକ, ଜନନାୟକ । ବିଶ୍ୱଗୁରୁ । କିଏ କ'ଣ କହୁଛି, କାହିଁକି କହୁଛି, ତାହା ତାଙ୍କୁ ବେଶ୍ ଜଣା ।

ଏ' ଯେତେ ସବୁ ବିଶେଷଣ, ଅଳଙ୍କାର ନେତାଙ୍କ ପାଇଁ ବ୍ୟବହାର ହେଉଛି, ସେସବୁ ଅଭିଧାନରେ ଅଛି । ଶବ୍ଦ ରହିଛି, ନେତା ବି ଅଛନ୍ତି । ଯେମିତି ଚାଷୀର କ୍ଷେତରେ ବିଭିନ୍ନ ପ୍ରକାର ଶସ୍ୟ ରହିଛି, ବଜାରରେ ବିଭିନ୍ନ ସାର ମିଳୁଛି । ଚାଷୀ ଯେକୌଣସି ସାର, ଯେକୌଣସି କ୍ଷେତରେ ବ୍ୟବହାର କରେ ନାହିଁ । ଯେଉଁ ଶସ୍ୟକୁ ଯେଉଁ ସାର ଦରକାର ବା ଉପାଦେୟ, ସେ ସେହି ସାର ପ୍ରୟୋଗ କରେ । ନଚେତ୍, ସାର ତ ଲାଗିବ, କିନ୍ତୁ ଶସ୍ୟର କ୍ଷତି ହେବ । ସେହି ନ୍ୟାୟରେ, କେଉଁ ଶବ୍ଦ, କେଉଁ ବିଶେଷଣ କେଉଁ ନେତା ପାଖରେ ଲାଗିବ, ତାହାହିଁ ହେଉଛି ପ୍ରସଙ୍ଗ ।

ଆମର ବି ନିଜସ୍ୱ ଅନୁଭୂତି, ଅନୁଭବ ରହିଛି । ଆମେବି କେତେ ନେତାଙ୍କୁ ଦେଖିଛୁ । ଛାତ୍ର ଜୀବନରେ ବିଜୁ ବାବୁଙ୍କୁ ଦେଖିଛୁ । ଜାନକୀ ବାବୁଙ୍କୁ ଦେଖିଛୁ, ଶୁଣିଛୁ । ଆଡଭାନୀଙ୍କ ଭାଷଣ ଶୁଣିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିଥାଉ । ବାଜପେୟୀ, ପ୍ରମୋଦ ମହାଜନଙ୍କ ପରି ନେତାଙ୍କୁ ଶୁଣିବାକୁ ରାସ୍ତାରେ, ଖୋଲା ପଡ଼ିଆରେ ବସିବାକୁ ବି ସଙ୍କୋଚ ଲାଗେ ନାହିଁ । ଉମା ଭାରତୀଙ୍କ କଥାତ ପୁରା ନିଆରା । ବୈଶାଖ ମାସର ପ୍ରଚଣ୍ଡ ଖରାରେ ମଧ୍ୟ ଘଣ୍ଟା ଘଣ୍ଟା ଅପେକ୍ଷା କରିଥାଉ ତାଙ୍କୁ ଦେଖିବାକୁ, ଶୁଣିବାକୁ ।

ଯେଉଁ ନେତା ଭୋଟ ଗୋଟେଇବା ପାଇଁ ଭୋଟର ପିଛା ଟଙ୍କା ବାଣ୍ଟେ, କର୍ମୀଙ୍କ ପଛରେ ମଦ, ମାଂସ, ଅର୍ଥ ଖର୍ଚ୍ଚ କରେ, ଦରକାର ପଡ଼ିଲେ ବୁଥ୍ ଜବରଦଖଲ କରେ, ତାକୁ ପୁଣି ସେହି ଭୋଟର, ସେହି କର୍ମୀ ଲୋକପ୍ରିୟ ନେତା ବୋଲି କହନ୍ତି । ଆଜିକାଲି ଯିଏ ମନ୍ତ୍ରୀ ହେଲା, ମୁଖ୍ୟମନ୍ତ୍ରୀ ହେଲା, ଦଳ ସଭାପତି ହେଲା, ସେ ସମସ୍ତେ ଯଶସ୍ୱୀ ।

ଶାସନ କେମିତି ଚାଲିଛି ସମସ୍ତଙ୍କୁ ଜଣା । ନେତା, ମନ୍ତ୍ରୀଙ୍କୁ ବି ଜଣା । ଅଳ୍ପ କେଇ ମାସ ଆସନରେ ବସିଗଲେ, ସେ କି ଯଶ ଅର୍ଜିଲେ ଯେ ସେ ଆଜି ଯଶସ୍ୱୀ । ଶବ୍ଦଟି ଅଭିଧାନରେ ଅଛି ବୋଲି ଲଗାଇ ଦେଲେ ହେବ ନାହିଁ । ଶବ୍ଦ ତା' ନିଜ ପାଇଁ ସେଠି ଅର୍ଥ ସାଙ୍ଗକୁ ତା' ବ୍ୟାକରଣ ଖୋଜି ପାଉଥିବା ଦରକାର । ନଚେତ ନେତା, ମନ୍ତ୍ରୀଙ୍କର କ'ଣ ହେବ, ତାହାତ ଭିନ୍ନ କଥା, ବିଶେଷ ଅର୍ଥ ବହନ କରୁଥିବା ଏ ଶବ୍ଦର ଦୁର୍ବ୍ୟବହାର ହିଁ ହେବ ।

ପୁଣି କିଛି କର୍ମୀ (ଛଦ୍ମ ବେଶରେ ଥିବା ବ୍ୟବସାୟୀ ) , କେତେକ ଭୋଟର ( ଛଦ୍ମବେଶୀ ଠିକାଦାର) ନେତାଙ୍କୁ ଜନନାୟକର ଆଖ୍ୟା ଦେଉଛନ୍ତି । କ'ଣ ବୁଝନ୍ତି ଏମାନେ ସେ ଶବ୍ଦର ଅର୍ଥ ? ଆଜି ଓଡ଼ିଶାରେ କିଏ ଅଛି ଜନ ନାୟକ ? ନବୀନ ବାବୁ ନିଜେ ନିର୍ବାଚନ ହାରି ଗଲେ । ଏବେତ ସେ ବିଜୁ ଜନତା ଦଳ ମଧ୍ୟରେ ସୀମିତ । ନବୀନ ନିବାସ ମଧ୍ୟରେ ଆବଦ୍ଧ । କାଲି ଯେଉଁମାନେ ନବୀନ ବାବୁଙ୍କ ଶତ ଗୁଣ ଗାନ କରୁଥିଲେ, ତାଙ୍କୁ ଦେଖା କରିବାକୁ ଫୁଲ ତୋଡା ଧରି ଧାଡିରେ ଛିଡା ହେଉଥିଲେ, ଆଜି ତାଙ୍କ ଯିବା ଆସିବାର ରାସ୍ତା ବଦଳି ଯାଇଛି । ପୁଣି ଶୁଣିବାକୁ ମିଳିଲା–ଏଇ ଦୁଇ ବର୍ଷ ହେବ ରାଜ୍ୟର ମଙ୍ଗ ଧରିଥିବା ଜନୈକ ଲୋକ ପ୍ରତିନିଧିଙ୍କୁ ମଧ୍ୟ ଲୋକେ ଜନନାୟକ କହୁଛନ୍ତି । ସେ ବି କେମିତି ଏ ଆସନ ପାଇଛନ୍ତି, ତାହା ସମସ୍ତଙ୍କୁ ଜଣା । ଯେଉଁ ନେତାଟି ତା' ନିର୍ବାଚନ ମଣ୍ଡଳୀ ମଧ୍ୟରେ ସୀମିତ, ଯେ କେବେ ନିଜ ଜିଲ୍ଲା ଲୋକଙ୍କ ନେତା ହୋଇ ପାରି ନାହିଁ, ସେ ପୁଣି ଜନ ନାୟକ ? ଏ ବିଶେଷଣ କେତେ ଗ୍ରହଣୀୟ ?

ଆଜି ଯେଉଁ ନେତା ଆମେ ଦେଖୁଛନ୍ତି, ସେମାନଙ୍କ ନୀତି କ'ଣ ? ନିୟତ କ'ଣ ? ଜ୍ଞାନ କ'ଣ ? ସିଦ୍ଧାନ୍ତ କ'ଣ ? ଏମାନେ କ'ଣ କହିବେ ଯେ ଲୋକେ ଏମାନଙ୍କୁ ଶୁଣିବାକୁ ଆସିବେ? ଯଦି ଗାଡି ଲଗାଇ ଲୋକ ବୁହା ନହେବେ, ତେବେ ଏମାନଙ୍କ ସଭାର ଅବସ୍ଥା କ'ଣ ହେବ? ତଥାପି ତ ଶହ ଶହ ଚେୟାର ଖାଲି ପଡୁଥିବାର ଚିତ୍ର ଦେଖିବାକୁ ମିଳେ ।

ଜନନାୟକ ରାସ୍ତା କଡ଼ର ପୋଷ୍ଟର କି କଟ୍ ଆଉଟ୍ ନୁହେଁ । ଏଥିପାଇଁ ଲୋକଙ୍କ ମନରେ, ହୃଦୟରେ ଛାପ ଛାଡ଼ିବାକୁ ପଡିବ । କାହିଁ ସେପରି ନେତା, ଲୋକ ପ୍ରତିନିଧି?

ଲୋକଙ୍କ ମନ୍ତ୍ରୀ, ଲୋକଙ୍କ ମୁଖ୍ୟମନ୍ତ୍ରୀ ବା ଲୋକଙ୍କ ରାଜ୍ୟପାଳ କଥାଟା ବେଶି କିଛି ନ ହେଲେ ବି, କିଛି ବୁଝି ହେଉଛି । ପାଠ ଅନୁଯାୟୀ, ସରକାର ଲୋକଙ୍କ ଦ୍ୱାରା, ଲୋକଙ୍କର, ଲୋକଙ୍କ ପାଇଁ । ସେହି ନ୍ୟାୟରେ କହିବା ଆବଶ୍ୟକ ନାହିଁ, କହିଲେ କିଛି ଭୁଲ ହେବ ନାହିଁ ।

କେବଳ ସେତିକିରେ ସରୁ ନାହିଁ ନେତାଙ୍କ ପ୍ରଶଂସା । ଗୋଡାଣିଆଙ୍କ ଚାଟୁକାରିତା । କାଲି ସକାଳେ ଯେଉଁ ନିର୍ବାଚିତ ପ୍ରତିନିଧିର ଜନ୍ମ ତାରିଖ ଗାଁ ଲୋକଙ୍କୁ ଜଣା ନଥିଲା, ଆଜି ତାଙ୍କର ଜନ୍ମଦିନ ଚାରିଆଡେ ପାଳନ ହେଉଛି । ଏହା କ'ଣ କହୁଛି? କେବଳ ସେତିକି ନୁହେଁ, ସେହି ଦିନରେ ରକ୍ତଦାନ ଶିବିର ଲାଗୁଛି । ଯେଉଁ ନେତା ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ଯତ୍ନବାନ ନୁହେଁ, ଯେଉଁ ନେତା ନିଜ ଚିକିତ୍ସା ପାଇଁ ଘରୋଇ ହାସପାତାଳକୁ ପସନ୍ଦ କରେ, ଯେଉଁ ନେତା ଗୋଟିଏ ବିଧବା ମହିଳାକୁ ଭତ୍ତା ଯୋଗାଇ ଦେବାକୁ ତା'ର କର୍ତ୍ତବ୍ୟ ଭାବୁ ନାହିଁ, ଯେ ଗୋଟିଏ ବୃଦ୍ଧର ପେଟର ଭୋକ ବୁଝିବାକୁ ଉଚିତ ମଣେ ନାହିଁ, ତା' ନାମରେ ପୁଣି ରକ୍ତ ଦାନ ?

ଏ ପ୍ରଶଂସା ଆସୁଛି, ତୋଷାମୋଦ ଛୁଟୁଛି କେବଳ ଆସନ ପାଇଁ । ଆସନ ମିଳିଛି ଭୋଟରୁ । ଏ ଯେଉଁ କ୍ଷମତା ମିଳିଛି, ତାହା ଲୋକଙ୍କ କ୍ଷମତା । ଏହା ନେତାଙ୍କ ଶାସନ ନୁହେଁ, ଏହା ଲୋକଙ୍କ ଶାସନ । ସବୁ କ୍ଷମତା ଲୋକଙ୍କର । ଲୋକେ ପଛରେ ଛିଡା ହୋଇଛନ୍ତି ବୋଲି, ସାମନାରେ ସମ୍ମାନ ମିଳୁଛି । ସାମୟିକ କ୍ଷମତାରେ ଅନ୍ଧ ହୋଇ, ଏ ବାସ୍ତବ ସତ୍ୟକୁ ଭୁଲିଗଲେ ଲାଗିବ – ଏ କ୍ଷମତା ନିଜ ପୁଞ୍ଜି । ଚିରସ୍ଥାୟୀ ।

ଲୋକଙ୍କୁ ଅଣଦେଖା କରି, ଲୋକଙ୍କ ସେବା ଠାରୁ ନିଜକୁ ଦୂରେଇ ନେଇ, ଲୋକ କଲ୍ୟାଣ ପ୍ରତି ଉଦାସୀନ ହୋଇ, ସୁଖ ଭୋଗରେ ବୁଡି ରହି, ନିଜକୁ ପ୍ରତିନିଧି ବୋଲି ଭୁଲି ଶାସକ ବୋଲାଉଥିବା ନେତା–ଲୋକ ପ୍ରିୟ, ଜନ ସେବକ, ଯଶସ୍ୱୀ, ଜନନାୟକ ପରି ପ୍ରଶଂସା ଶୁଣିବାକୁ ଭଲ ପାଉଛନ୍ତି, ବିଭୋର ହେଉଛନ୍ତି । ସେମାନେ ମନେ ରଖିବା ଉଚିତ– ସେହି ଆମେରିକୀୟ ସୈନ୍ୟଙ୍କ ସାଲ୍ୟୁଟ୍ ଚାପଲିନ୍‌ଙ୍କ ଆଡ଼କୁ ଥିଲା ସତ, କିନ୍ତୁ ତାଙ୍କ ଉଦ୍ଦେଶ୍ୟରେ ନ ଥିଲା ।

**ଭୁବନେଶ୍ୱର,**
**ମୋ–୭୯୭୮୨୧୦୮୨୧**

**ଲୋକଙ୍କୁ ଅଣଦେଖା କରି, ଲୋକଙ୍କ ସେବା ଠାରୁ ନିଜକୁ ଦୂରେଇ ନେଇ, ଲୋକ କଲ୍ୟାଣ ପ୍ରତି ଉଦାସୀନ ହୋଇ, ସୁଖ ଭୋଗରେ ବୁଡି ରହି, ନିଜକୁ ପ୍ରତିନିଧି ବୋଲି ଭୁଲି ଶାସକ ବୋଲାଉଥିବା ନେତା–ଲୋକ ପ୍ରିୟ, ଜନ ସେବକ, ଯଶସ୍ୱୀ, ଜନନାୟକ ପରି ପ୍ରଶଂସା ଶୁଣିବାକୁ ଭଲ ପାଉଛନ୍ତି, ବିଭୋର ହେଉଛନ୍ତି । ସେମାନେ ମନେ ରଖିବା ଉଚିତ– ସେହି ଆମେରିକୀୟ ସୈନ୍ୟଙ୍କ ସାଲ୍ୟୁଟ୍ ଚାପଲିନ୍‌ଙ୍କ ଆଡ଼କୁ ଥିଲା ସତ, କିନ୍ତୁ ତାଙ୍କ ଉଦ୍ଦେଶ୍ୟରେ ନ ଥିଲା ।**

### ଅତୀତର ଅନୁଭୂତି

# ଓଡ଼ିଶା ଭବନର ପରିଚାଳନା ଦାୟିତ୍ୱ



**କୃପାନିଧି ବିଶ୍ୱାଳ**

ସରକାରୀ ଚାକିରିରେ କେବଳ ନିୟମ ମାନି କାମ କରିବା ହିଁ ସଫଳତା ନୁହେଁ । ନିୟମର ପରିସୀମା ମଧ୍ୟରେ ରହି ମାନବିକତାକୁ ବଞ୍ଚାଇ ରଖିବା ହିଁ ଜଣେ ପ୍ରକୃତ ପ୍ରଶାସକଙ୍କ ପରିଚୟ । ଦିଲ୍ଲୀସ୍ଥ ଓଡ଼ିଶା ଭବନରେ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ସମୟରେ ଏହି ସତ୍ୟକୁ ମୁଁ ବାରମ୍ବାର ଅନୁଭବ କରିଛି । ୨୦୦୦ ମସିହା ପରବର୍ତ୍ତୀ ସମୟରେ ଓଡ଼ିଶା ସରକାର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିଲେ ।

ଓଡ଼ିଶା ଭବନ କେବଳ ଏକ ଅତିଥି ଗୃହ ନୁହେଁ, ଏହା ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ଏକ ପ୍ରଶାସନିକ କେନ୍ଦ୍ର । ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ହେଉଛି କର୍ତ୍ତବ୍ୟ । ଏଠାରେ ପ୍ରତିଦିନ ରାଜ୍ୟ ସରକାରଙ୍କ ବିଭିନ୍ନ ବର୍ଗର ଅଧିକାରୀ, ମନ୍ତ୍ରୀ, ବିଧାୟକ, ବିଚାରପତି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅତିଥିଙ୍କ ଆଗମନ ହୁଏ । କିଏ କେଉଁ କୋଠରୀରେ ରହିବେ, କାହାକୁ ସରକାରୀ ଗାଡ଼ି ମିଳିବ, କେଉଁ କାର୍ଯ୍ୟକ୍ରମ ପାଇଁ କିପରି ସମନ୍ୱୟ ହେବ, ଏସବୁର ଯୋଜନା ଓ ପରିଚାଳନା ଅତ୍ୟନ୍ତ ସୂକ୍ଷ୍ମ ଦାୟିତ୍ୱ । ନିୟମ ଅନୁଯାୟୀ ଅତିରିକ୍ତ ଶାସନ ସଚିବ ପାହ୍ୟା କିମ୍ବା ତା'ଠାରୁ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ପାଇଁ ସରକାରୀ ଗସ୍ତ ସମୟରେ ଗାଡ଼ିର ବ୍ୟବସ୍ଥା କରାଯାଏ । ବାସଗୃହ ଆବଣ୍ଟନ ମଧ୍ୟ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ହୁଏ ।

ତେବେ ପରିଚାଳନାର ବାସ୍ତବ ଚିତ୍ର ଅନେକ ସମୟରେ ନିୟମ ପୁସ୍ତକର ସୀମାକୁ ଅତିକ୍ରମ କରେ । କୌଣସି ସରକାରୀ ଗାଡ଼ି ଖାଲି ଥିଲେ ଏବଂ ଜଣେ ସରକାରୀ ଅଧିକାରୀଙ୍କର ପ୍ରକୃତ ଆବଶ୍ୟକତା ଥିଲେ, ନିର୍ଦ୍ଧାରିତ ଦରରେ ସରକାରୀ ରାଜସ୍ୱ ଆଦାୟ କରି ସେହି ଗାଡ଼ି ଯୋଗାଇ ଦେବା ମଧ୍ୟ ପରିଚାଳନାର ଏକ ଅଂଶ ଥିଲା ।

୨୦୦୫ ମସିହାର କଥା । ସେତେବେଳେ ଆଜି ପରି ଓଲା କିମ୍ବା ଉବେର ଭଳି ସେବା ନଥିଲା । ସକାଳ ପାଞ୍ଚଟାରେ ବିମାନବନ୍ଦର ଯିବାକୁ ଯାନବାହନ ମିଳିବା ବହୁତ କଷ୍ଟକର ଥିଲା । ଅନେକ ସମୟରେ ସରକାରୀ କାର୍ଯ୍ୟରେ ଦିଲ୍ଲୀ ଆସିଥିବା ଅଧିକାରୀମାନେ ଅନୁରୋଧ କରୁଥିଲେ ଯେ ସକାଳୁ ବିମାନବନ୍ଦର ଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଉ ।

ଦିନେ ସେତେବେଳର କଟକ ଜିଲ୍ଲାପାଳ, ଜଣେ ମହିଳା ଆଇଏଏସ୍ ଅଧିକାରୀ, ପରଦିନ ସକାଳ ପାଞ୍ଚଟାରେ ବିମାନବନ୍ଦର ଯିବାକୁ ଥିଲେ । ସେ ପୂର୍ବ ରାତିରେ ଅନୁରୋଧ କଲେ ଯେ ଓଡ଼ିଶା ଭବନର ଗାଡ଼ିରେ ତାଙ୍କୁ ବିମାନବନ୍ଦରରେ ଛାଡ଼ି ଦିଆଯାଉ । ମୁଁ ପରିସ୍ଥିତିକୁ ବିଚାର କରି ବ୍ୟବସ୍ଥା କଲି । ଚାଣକ୍ୟପୁରୀରୁ ବିମାନବନ୍ଦରକୁ ଯିବାକୁ ପ୍ରାୟ ତିରିଶ ମିନିଟ୍ ଲାଗେ । ଆମର ଚାଳକ ଜଣେ ଅତ୍ୟନ୍ତ ଦାୟିତ୍ୱବାନ୍ ଓ ଭଦ୍ର ବ୍ୟକ୍ତି ଥିଲେ । ମୋର ପୂର୍ଣ୍ଣବିଶ୍ୱାସ ଥିଲା ଯେ ଗାଡ଼ି ନିର୍ଦ୍ଧାରିତ ସମୟରେ ଫେରିଆସିବ । ଠିକ୍ ସେହିପରି ହେଲା, ଏକ ଘଣ୍ଟା ମଧ୍ୟରେ ଗାଡ଼ି ଭବନକୁ ଫେରିଲା ।

କିନ୍ତୁ ଏହି ଘଟଣା ଏକ ନୂଆ ପରିସ୍ଥିତି ସୃଷ୍ଟି କଲା । ସକାଳର ଭ୍ରମଣ ସମୟରେ ଜଣେ ମାନ୍ୟବର ବରିଷ୍ଠ ଅଧିକାରୀ ଦେଖିଲେ ଯେ ତାଙ୍କ ବ୍ୟବହାର ପାଇଁ ସକାଳ ନଅଟାରେ ନିର୍ଦ୍ଧାରିତ ଥିବା ଗାଡ଼ିଟି ଭୋରୁ ବିମାନବନ୍ଦରକୁ ଯାଇଥିଲା । ସେ ଚାଳକଙ୍କଠାରୁ ସବୁ କଥା ବୁଝି ଏହାକୁ ଆବାସିକ କମିଶନରଙ୍କ ଦୃଷ୍ଟିକୁ ଆଣିଥିଲେ ।

ସକାଳେ ଆଠଟା ସମୟରେ ଆବାସିକ କମିଶନର ମୋତେ ଫୋନରେ ପଚାରିଲେ, ଏହି ଗାଡ଼ି ବିମାନବନ୍ଦରକୁ କିପରି ଗଲା? ଏହା ତ ନିର୍ଦ୍ଦିଷ୍ଟ ବରିଷ୍ଠ ଅଧିକାରୀଙ୍କ ପାଇଁ ନିର୍ଦ୍ଧାରିତ ଥିଲା ।

ମୁଁ ନମ୍ରତାର ସହିତ ସମଗ୍ର ପରିସ୍ଥିତି ବୁଝାଇଲି । କହିଲି, ସାର୍, ଏହା କୌଣସି ବ୍ୟକ୍ତିଗତ କାମ ପାଇଁ ହୋଇନାହିଁ । ଜଣେ ସରକାରୀ ଅଧିକାରୀଙ୍କ ପ୍ରକୃତ ଆବଶ୍ୟକତା ପାଇଁ ଗାଡ଼ି ବ୍ୟବହାର କରାଯାଇଛି । ସରକାରଙ୍କ କୌଣସି କ୍ଷତି ହୋଇନାହିଁ, ନିର୍ଦ୍ଧାରିତ ରାଜସ୍ୱ ମଧ୍ୟ ଆଦାୟ ହୋଇଛି । ସକାଳ ଆଠଟା ପୂର୍ବରୁ ଦିଲ୍ଲୀରେ କୌଣସି ସରକାରୀ କାର୍ଯ୍ୟକ୍ରମ ଆରମ୍ଭ ହୁଏ ନାହିଁ ଏବଂ ସକାଳ ନଅଟା ସୁଦ୍ଧା ଗାଡ଼ି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ।

ମୋର ଯୁକ୍ତି ଶୁଣି ସେ ସନ୍ତୁଷ୍ଟ ହେଲେ । ଆଉ କୌଣସି ପ୍ରଶ୍ନ କଲେ ନାହିଁ । ସେହି ଦିନ ମୁଁ ଅନୁଭବ କଲି ନିୟମ ସହିତ ବିବେକ ଓ ମାନବିକତା ଯୋଡ଼ିଗଲେ ପ୍ରଶାସନ ଅଧିକ ସୁନ୍ଦର ହୁଏ । କିନ୍ତୁ ବହୁତ ବ୍ୟକ୍ତି ଏହାକୁ ସହ୍ୟ କରନ୍ତି ନାହିଁ । ନିଜର ସ୍ୱାର୍ଥକୁ ବହୁ ଭାବରେ ଦେଖନ୍ତି ।

**ଦିଲ୍ଲୀରେ ପରିଚାଳକ ହେବା ମୋର ଜୀବନର ସବୁଠାରୁ କଠିନ ଦାୟିତ୍ୱ ଥିଲା । ସେହି ସମୟରେ ପ୍ରଶଂସା ମଧ୍ୟ ପାଇଛି, ସମାଲୋଚନା ମଧ୍ୟ ଶୁଣିଛି । କେହି କେହି ପ୍ରେରଣା ଦେଇଛନ୍ତି, କେହି ଈର୍ଷା ମଧ୍ୟ କରିଛନ୍ତି । କିନ୍ତୁ ସବୁଠାରୁ ବଡ଼ କଥା ହେଲା, ମୁଁ ସରକାରଙ୍କ ବିଶ୍ୱାସ ଅର୍ଜନ କରି ପାରିଥିଲି । ଅନେକ ବକେୟା ଦେୟ ଆଦାୟ ହୋଇଥିଲା । ବହୁତ କଥା ଶିଖିବାକୁ ମିଳିଥିଲା ।**

ଓଡ଼ିଶା ଭବନର ପରିଚାଳକ ଭାବେ ମୋର ଦାୟିତ୍ୱ କେବଳ ଗାଡ଼ି କିମ୍ବା କୋଠରୀ ବଣ୍ଟନରେ ସୀମିତ ନଥିଲା । ରେଳ ଓ ବିମାନ ଯାତ୍ରାର ସମନ୍ୱୟ, ଗୁରୁତର ରୋଗୀଙ୍କ ପାଇଁ ଦିଲ୍ଲୀର ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା ବ୍ୟବସ୍ଥା, ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ସହ ସମନ୍ୱୟ, ବିଭିନ୍ନ କମିଟିକୁ ସହଯୋଗ, କର୍ମଚାରୀଙ୍କ ସମସ୍ୟାର ସମାଧାନ, ଛୁଟି ନେବା, ଆର୍ଥିକ ପରିଚାଳନା ଏସବୁ ଦୈନନ୍ଦିନ କାର୍ଯ୍ୟର ଅଂଶ ଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ବିଚାରପତି, ମନ୍ତ୍ରୀ, ବିଧାୟକ ଓ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଗସ୍ତ ସୁଚାରୁରୂପେ ସମ୍ପନ୍ନ କରିବା ସହ ବିଦେଶ ଗସ୍ତ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା କରିବାକୁ ପଡୁଥିଲା ।

ଏହି ସବୁ କାମ କେବଳ ଜଣେ ବ୍ୟକ୍ତିଙ୍କ ଦ୍ୱାରା ସମ୍ଭବ ନୁହେଁ । ସମସ୍ତ କର୍ମଚାରୀଙ୍କ ନିଷ୍ଠା, ସହଯୋଗ ଓ ଟିମ୍‌ୱର୍କ ହିଁ ସଫଳତାର ମୂଳ ଥିଲା ।

ମୋର ଦିଲ୍ଲୀ କାର୍ଯ୍ୟକାଳ ସମୟରେ ବାର୍ଷିକ ପ୍ରଶାସନିକ ଖର୍ଚ୍ଚ ପ୍ରାୟ ଛଅ ପ୍ରତିଶତ ପୂର୍ବ ବର୍ଷମାନଙ୍କ ତୁଳନାରେ କମ୍ ହୋଇ ଥାଏ । ଏହା ମଧ୍ୟରେ ଆର୍ଥିକ ନିୟନ୍ତ୍ରଣରେ ରହିଥିଲା ବୋଲି ଆବାସିକ କମିଶନର ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ ।

ପାଞ୍ଚ ଜଣ ଆବାସିକ କମିଶନରଙ୍କ ସହ କାମ କରିବାର ସୁଯୋଗ ପାଇଥିଲି । ସେମାନଙ୍କ ସହଯୋଗ, ବିଶ୍ୱାସ ଓ ପ୍ରେରଣା ମୋର କାର୍ଯ୍ୟଜୀବନର ଅମୂଲ୍ୟ ସମ୍ପଦ । ଟେଲିଫୋନ, ବିଜୁଳି ଗାଡି, କର୍ମଚାରୀ ଦରମା ଏହି ସବୁଥିରେ ଖର୍ଚ୍ଚ କମ୍ ହୋଇଥାଏ । ପୂର୍ବରୁ ଥିବା ବାକିକୁ ଭରଣା କରିବାରେ ସହାୟକ ହୋଇଥାଏ ।

ଦିଲ୍ଲୀରେ ପରିଚାଳକ ହେବା ମୋର ଜୀବନର ସବୁଠାରୁ କଠିନ ଦାୟିତ୍ୱ ଥିଲା । ସେହି ସମୟରେ ପ୍ରଶଂସା ମଧ୍ୟ ପାଇଛି, ସମାଲୋଚନା ମଧ୍ୟ ଶୁଣିଛି । କେହି କେହି ପ୍ରେରଣା ଦେଇଛନ୍ତି, କେହି ଈର୍ଷା ମଧ୍ୟ କରିଛନ୍ତି । କିନ୍ତୁ ସବୁଠାରୁ ବଡ଼ କଥା ହେଲା, ମୁଁ ସରକାରଙ୍କ ବିଶ୍ୱାସ ଅର୍ଜନ କରି ପାରିଥିଲି । ଅନେକ ବକେୟା ଦେୟ ଆଦାୟ ହୋଇଥିଲା । ବହୁତ କଥା ଶିଖିବାକୁ ମିଳିଥିଲା ।

ଆଜି ପଛକୁ ଫେରି ଦେଖିଲେ ଲାଗେ, ଏସବୁ କେବଳ ମୋର ପ୍ରୟାସର ଫଳ ନୁହେଁ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପା, ସହକର୍ମୀମାନଙ୍କ ସହଯୋଗ ଓ ଲୋକଙ୍କ ଆଶୀର୍ବାଦ ହିଁ ମୋତେ ଏହି କଠିନ ଦାୟିତ୍ୱକୁ ସଫଳତାର ସହ ପାଳନ କରିବାର ଶକ୍ତି ଦେଇଥିଲା ।

କ୍ଷମତାରେ ଥିବା ବ୍ୟକ୍ତି ହୁଅନ୍ତୁ ଅବା କ୍ଷମତା ହରାଇ ଥିବା ବ୍ୟକ୍ତି କିମ୍ବା କ୍ଷମତାର ଦାୟିତ୍ୱ ବହନ କରୁଥିବା ଜଣେ ସରକାରୀ ସେବକ ସେବାର ସୁଯୋଗ ମିଳିବା ହେଉଛି ଈଶ୍ୱରପ୍ରଦତ୍ତ ଆଶୀର୍ବାଦ । ସେହି ସେବାର ମୂଳମନ୍ତ୍ର ହେଉଛି ନିୟମ ପ୍ରତି ସମ୍ମାନ, ମାନବିକତା ପ୍ରତି ଅଙ୍ଗୀକାର ଏବଂ କର୍ତ୍ତବ୍ୟ ପ୍ରତି ଅବିଚଳ ନିଷ୍ଠା । ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଆଶାତୀତ ଭାବେ ବିଶ୍ୱାସ, ଅନୁରାଗ, ଶ୍ରଦ୍ଧା ଏବଂ ଭଲ ପାଇବା, ଯାହା ଆଚରଣରେ ପ୍ରତିଫଳିତ ହେବାର ସୁଯୋଗ ।

**ଭୁବନେଶ୍ୱର,ମୋ– ୯୮୧୯୯୬୪୫୧୭**

### ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ

# ଭାରତ ଅକ୍ଷୟ ଶକ୍ତି ଶିଖର ସମ୍ମିଳନୀ ଏବଂ ପ୍ରଦର୍ଶନୀ ୨୦୨୬

ଭୁବନେଶ୍ୱର, (ସବ୍ୟୁ) : ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ଠାରେ ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଭାରତ ଅକ୍ଷୟଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ (ବିଆରଇ ସମ୍ମିଳନୀ ଓ ପ୍ରଦର୍ଶନୀ) ୨୦୨୬ ଅନୁଷ୍ଠିତ ହେବ ବୋଲି, କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ଏବଂ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ ବିଆରଇ ସମ୍ମିଳନୀ ଏବଂ ଏକ୍ସପୋ ୨୦୨୬ ପ୍ରଥମ ଥର ପାଇଁ ତିନୋଟି ପ୍ରମୁଖ ଅକ୍ଷୟ ଶକ୍ତି କାର୍ଯ୍ୟକ୍ରମକୁ ଗୋଟିଏ ପ୍ଲାଟଫର୍ମ ଅଧୀନରେ ଏକତ୍ରିତ କରିବ - ବିଆରଇ ସମ୍ମିଳନୀ ଏବଂ ଏକ୍ସପୋ ୨୦୨୬, ଆନ୍ତର୍ଜାତୀୟ ସୌର ମେଂଟ ସମ୍ମିଳନୀର ନବମ ଅଧିବେଶନ ଏବଂ ସବୁଜ ହାଇଡ୍ରୋଜେନ ଉପରେ ଚତୁର୍ଥ ଅନ୍ତର୍ଜାତୀୟ ସମ୍ମିଳନୀ । ଶ୍ରୀ ଯୋଶୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ବିଆରଇ ସମ୍ମିଳନୀ ଏବଂ ଏକ୍ସପୋ ୨୦୨୬ ଉଦଘାଟନ କରିବେ ।




ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ବିକଶିତ ଭାରତର ଏକ ପ୍ରମୁଖ ସ୍ତମ୍ଭ ଭାବରେ ଅକ୍ଷୟ ଶକ୍ତି ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ବିଶ୍ୱ ସ୍ଥାୟୀ ବିକାଶରେ ଏହାର ଅବଦାନକୁ ପ୍ରତିଫଳିତ କରୁଛି । କେନ୍ଦ୍ର ମନ୍ତ୍ରୀ ଭାରତ ଅକ୍ଷୟ ଶକ୍ତି ଶିଖର ସମ୍ମିଳନୀ ଏବଂ ଏକ୍ସପୋ ୨୦୨୬କୁ ବିଶ୍ୱ ଅକ୍ଷୟ ଶକ୍ତି ସମୁଦାୟ ସହିତ ଭାରତର ଯୋଗଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଏହି ସମ୍ମିଳନୀ ଏହି କ୍ଷେତ୍ରର ଅଭିବୃଦ୍ଧି, ଉଦୀୟମାନ ସୁଯୋଗ ଏବଂ ସ୍ୱଚ୍ଛ ଶକ୍ତି ରୂପାନ୍ତରଣକୁ ଆଗକୁ ନେବାରେ ବିଶ୍ୱ ସହଯୋଗ ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ନଭେମ୍ବର ୨ରୁ ୫ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ହେବାକୁ ଥିବା ଏହି ସମ୍ମିଳନୀରେ ଭାଗ ନେବାକୁ ସେ ବିଶ୍ୱବ୍ୟାପୀ ସରକାର, ଶିଳ୍ପପତି, ନିବେଶକ, ଗବେଷକ, ଉଦ୍ଭାବକ, ଉଦ୍ୟୋଗୀ ଏବଂ ବିକାଶ ସହଭାଗୀମାନଙ୍କୁ ଆମନ୍ତ୍ରଣ କରିଥିଲେ । ଏହି ଶିଖର ସମ୍ମିଳନୀ ନୂତନ ଭାଗିଦାରୀକୁ ପ୍ରୋତ୍ସାହିତ କରିବ, ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରିବ, ନବୋନ୍ମେଷକୁ ପ୍ରୋତ୍ସାହିତ କରିବ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ଆନ୍ତର୍ଜାତୀୟ ସହଯୋଗକୁ ମଜବୁତ କରିବ ବୋଲି ଶ୍ରୀ ଯୋଶୀ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି ।

### ୱି ଫର ଭୁବନେଶ୍ୱର ପକ୍ଷରୁ ପ୍ରେରଣାଦାୟୀ ସାଂସ୍କୃତିକ ସନ୍ଧ୍ୟା

## ନାଟକ "କୁହୁଡ଼ି'ରେ ପାରିବାରିକ ମୂଲ୍ୟବୋଧର ଜୀବନ୍ତ କାହାଣୀ

ଭୁବନେଶ୍ୱର (ସବ୍ୟୁ) : ଆଜିକାଲିର ବ୍ୟସ୍ତବହୁଳ ଜୀବନ ଓ ବଦଳୁଥିବା ସାମାଜିକ ସମ୍ପର୍କ ଭିତରେ ପାରିବାରିକ ସ୍ନେହ, ଆଦର ଓ ମୂଲ୍ୟବୋଧର ଶିକ୍ଷା ଦେବା ପାଇଁ 'ୱି ଫର ଭୁବନେଶ୍ୱର' ପକ୍ଷରୁ ଏକ ଭିନ୍ନ ସ୍ୱାଦର ପ୍ରେରଣାଦାୟୀ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ "ବିଦ୍ୟାକନକ ସୃଜନାନୁଷ୍ଠାନ' ଦ୍ୱାରା ପ୍ରଦର୍ଶିତ ନାଟକ "କୁହୁଡ଼ି' ଦର୍ଶକଙ୍କୁ ଭାବବିହ୍ୱଳ କରିବା ସହ ଗଭୀର ଚିନ୍ତନର ଖୋରାକ ଯୋଗାଇଥିଲା ।

କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଏବଂ ଯୁବ ସଂଗଠକ ଦେବାଶିଷ ଜେନା ଯୋଗ ଦେଇଥିଲେ । ୪୫ ନମ୍ବର ୱାର୍ଡର କର୍ପୋରେଟର ଅମରେଶ ଜେନା ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ିହୋଇ ନାଟକର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଗୋପୀନାଥ ବାରିକଙ୍କ ରଚିତ ଏହି ନାଟକର ନାଟ୍ୟରୂପ ଓ ନିର୍ଦ୍ଦେଶନାରେ ଥିଲେ ଅବକାଶ



ମିଶ୍ର । ସଙ୍ଗୀତ ଦେଇଥିଲେ ମାନସ କୁମାର । ବିଭିନ୍ନ ଭୂମିକାରେ ଗୋବିନ୍ଦ ମହାପାତ୍ର, ଶୁଭକାନ୍ତ ପାଢ଼ୀ, ପ୍ରଦୀପ୍ତ କୁମାର ସ୍ୱାଇଁ, ରାଜେଶ ବଳବନ୍ତରାୟ, ମାନସ ପରିଡ଼ା, ରାଜେଶ ମଲିଆ, ସରିତା ପ୍ରଧାନ, ସୌମ୍ୟା ସୁମନ ମହାନ୍ତି ଏବଂ ନେନ୍ସି ନୈନିକା ମିଶ୍ର ଅଭିନୟ କରିଥିଲେ । ଏହି ଅବସରରେ ନାଟ୍ୟକାର ଶ୍ରୀ ବାରିକଙ୍କ ଦୁଇଟି ନୂଆ ପୁସ୍ତକ "ହଜାରେ ବର୍ଷର ଲୁହ' (ତୀର ତରଙ୍ଗ ପ୍ରକାଶନ) ଏବଂ "ମୁଁ ରିକ୍ସାବାଲା' (ଅତଏବ ଅ ପ୍ରକାଶନ) ଲୋକାର୍ପିତ ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ଶାଶ୍ୱତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନରେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଙ୍ଗଳା ମନ୍ଦିରରୁ ରୁପା ଅଳଙ୍କାର ଚୋରି

ନୀଳଗିରି, (ସବ୍ୟୁ): ନୀଳଗିରି ସହରର ବଡ ଦାଣ୍ଡରେ ଥିବା ମଙ୍ଗଳା ମନ୍ଦିରରୁ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ମାଙ୍କ ଦେହରୁ ରୁପା ଅଳଙ୍କାର ଚୋରି କରି ନେଇଯାଇଛନ୍ତି । ମଙ୍ଗଳବାର ସକାଳେ ପୂଜକ ପୂଜା କରିବାକୁ ଆସିଥିବା ବେଳେ ମନ୍ଦିରର ତାଲା ଭଙ୍ଗା ଯାଇଥିବାର ଦେଖିବାକୁ ପାଇଥିଲା । ପରେ ମାଆଙ୍କର ରୂପା ଅଳଙ୍କାର ଚୋରି ହୋଇଯାଇଥିବାର ଦେଖିବାକୁ ମିଳିଥିଲା । ଘଟଣା ବାବଦରେ ନୀଳଗିରି ପୋଲିସକୁ ଖବର ଦିଆଯିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଚୋରି ଅଳଙ୍କାରର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଜଣା ପଡ଼ିଛି ।

## ଆଇଏଏସ୍ ପକ୍ଷରୁ ୧୧ଟି ଗ୍ରାମରେ ୧୬ଟି କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : କୃଷକଙ୍କ ସଶକ୍ତୀକରଣ, ନିରନ୍ତର କୃଷି ବିକାଶ ଏବଂ କୃଷି ଛାତ୍ରଛାତ୍ରୀଙ୍କ ବ୍ୟବହାରିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ୨୦୨୬-୨୭ ନିମନ୍ତେ ଗ୍ରାମୀଣ କୃଷି କାର୍ଯ୍ୟ ଅନୁଭୂତି (ରୁରାଲ୍ ଏଗ୍ରିକଲଚରାଲ୍ ୱର୍କ ଏକ୍ସପିରିଏନ୍ସ-ରାୱେ) ଅଧିନସ୍ଥ ପ୍ରଥମ ପର୍ଯ୍ୟାୟ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହୋଇଯାଇଛି । ଜୁଲାଇ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଗ୍ରାମ ସଂଲଗ୍ନତା କାର୍ଯ୍ୟକ୍ରମ (ଭିଲେଜ୍ ଆଟାଚମେଂଟ ପ୍ରୋଗ୍ରାମ୍) ଅଧୀନରେ ଆୟୋଜିତ ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର, ଜଟଣୀ ଓ ବାଲିଅନ୍ତା ବ୍ଲକ୍‌ର ୧୧ଟି ଗ୍ରାମକୁ ସାମିଲ କରାଯାଇଥିଲା । ଏହି ଗ୍ରାମଗୁଡ଼ିକ ହେଉଛି ଝିଂଟିଶାସନ, ପାଣିକଟା, ଛତାବର, ପୁରୋହିତପୁର, ମେଣ୍ଢାଶାଳ, ବୁଢ଼ିପଡ଼ା, ବରୁଡ଼ାଖଣା, ପୁରୁଣା ପଧାନ, କୁଜିମହଲ, ଭୋଳା ଏବଂ ସିଙ୍ଗିରିଶାସନ । ଏହି ପରିପ୍ରେକ୍ଷୀରେ କୃଷକଙ୍କ ସ୍ଥାନୀୟ ଆବଶ୍ୟକତାକୁ ଆଧାର କରି ମୋଟ ୧୬ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କମ୍ ବ୍ୟୟବହୁଳ, ଜଳବାୟୁ ଅନୁକୂଳ ଓ ଆୟ ବୃଦ୍ଧିକାରୀ କୃଷି ପ୍ରଯୁକ୍ତି ଉପରେ ଏହି ପ୍ରଶିକ୍ଷଣରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସ୍ଥାନୀୟ କୃଷି ପ୍ରଣାଳୀ ଓ କୃଷକଙ୍କ ଆବଶ୍ୟକତାକୁ ବିଚାରକୁ ନେଇ ପ୍ରସ୍ତୁତ ପ୍ରଶିକ୍ଷଣ ମଡ୍ୟୁଲ୍ ମାଧ୍ୟମରେ ଉତ୍ପାଦନ ବୃଦ୍ଧି, ଚାଷ ଖର୍ଚ୍ଚ ହ୍ରାସ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରୁଥିବା ବୈଜ୍ଞାନିକ ପଦ୍ଧତି ସଂପର୍କରେ କୃଷକଙ୍କୁ ଅବଗତ କରାଯାଇଥିଲା । ଏଥି ସହିତ ମହୁଚାଷ ଓ ମହୁ ସଂଗ୍ରହ, ପ୍ରୋ-ଟ୍ରେ ପ୍ରଯୁକ୍ତିରେ ଉନ୍ନତମାନର ପନିପରିବା ଚାରା ପ୍ରସ୍ତୁତି, ପରିବେଶ ଅନୁକୂଳ କୀଟ ପରିଚାଳନା ପାଇଁ ଇନ୍‌ସେକ୍ଟ ଟ୍ରାପ୍ ବ୍ୟବହାର, କେଂଚୁଆ ପାଳନ, ଭର୍ମି କମ୍ପୋଷ୍ଟ ଓ ଭର୍ମିୱାଶ ପ୍ରସ୍ତୁତି ସହିତ କାକୁଡ଼ି ଜାତୀୟ ଫସଲ ଏବଂ ଧାନରେ ସମନ୍ୱିତ କୀଟ ପରିଚାଳନା ଉପରେ ମଧ୍ୟ କୃଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

## ରଥଯାତ୍ରାରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିଛି ଟିପିସିଓଡିଏଲ୍

ଭୁବନେଶ୍ୱର,(ସବ୍ୟୁ) : ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ରଥଯାତ୍ରା ସମୟରେ ସୁରକ୍ଷିତ, ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସଫଳତାର ସହ ସୁନିଶ୍ଚିତ କରିଛି । ଯାହାବିଶ୍ୱର ଅନ୍ୟତମ ବୃହତ୍ତମ ଆଧ୍ୟାତ୍ମିକ ସମାବେଶକୁ ସୁଚାରୁରୂପେ ପରିଚାଳନା କରିବାରେ ସାହାଯ୍ୟ କରିଛି । ଚଳିତ ବର୍ଷ ରଥଯାତ୍ରା ସମୟରେ ପୁରୀରେ ଅଭୂତପୂର୍ବ ଭାବେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏତେ ବଡ଼ପରିଚାଳନାଗତ ଚାପ ସତ୍ତ୍ୱେ ଟିପିସିଓଡିଏଲ୍ କୌଣସି ବଡ଼ ଧରଣର ବିଦ୍ୟୁତ ବ୍ୟାଘାତ ନହେବାକୁ ଦେଇ ସମଗ୍ର ସହରରେ ନିରବଚ୍ଛିନ୍ନବିଦ୍ୟୁତ ଯୋଗାଣ ବଜାୟ ରଖିଥିଲା । ଆଗୁଆ ଯୋଜନା, ସବଷ୍ଟେସନ୍ ଏବଂ ଟ୍ରାନ୍ସଫର୍ମର ଗୁଡ଼ିକର ସୁଦୃଢ଼ୀକରଣ, ଆଗୁଆ ରକ୍ଷଣାବେକ୍ଷଣ, ଭୂତଳ କେବୁଲ୍ ବିଛାଇବା, ବିତରଣ ଲାଇନ୍ ସୁଦୃଢ଼ କରିବା ଏବଂ ରିଅଲ-ଟାଇମ୍ ନେଟୱାର୍କ ମନିଟରିଂ ଯୋଗୁଁ ଶ୍ରୀମନ୍ଦିର, ବଡ଼ଦାଣ୍ଡ, ଗୁଣ୍ଡିଚା ମନ୍ଦିର, ଡାକ୍ତରଖାନା, ପୋଲିସ କାର୍ଯ୍ୟାଳୟ, ଜରୁରୀକାଳୀନ ସେବା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିଗୁଡ଼ିକୁ ଅବିରତ ବିଦ୍ୟୁତ ସେବା ମିଳିପାରିଥିଲା । ୮୦୦ ରୁ ଅଧିକ ଇଞ୍ଜିନିୟର, ଅଫିସର, ଲାଇନମ୍ୟାନ ଏବଂ ଫିଲ୍ଡ କର୍ମଚାରୀଙ୍କୁ ଦିନରାତି ୨୪ ଘଣ୍ଟା ନିୟୋଜିତ କରାଯାଇଥିଲା ଏବଂ ତାଳବଣିଆସ୍ଥିତ ସେଣ୍ଟ୍ରାଲ ମାଷ୍ଟର କଣ୍ଟ୍ରୋଲ ରୁମ୍, ଡିଜିଟାଲ କମାଣ୍ଡ ସେଣ୍ଟର ଓ ଅନ୍ୟାନ୍ୟ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ କାର୍ଯ୍ୟଗୁଡ଼ିକର ତଦାରଖ କରାଯାଉଥିଲା । ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ. କାଲେ କହିଛନ୍ତି ଯେ, ସଠିକ୍ ଯୋଜନା, ଉନ୍ନତପ୍ରଯୁକ୍ତିବିଦ୍ୟା ଏବଂ ଆମର ନିଷ୍ଠାପର କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ୨୦୨୬ ରଥଯାତ୍ରା ସମୟରେ ସୁରକ୍ଷିତ ଭରସାଯୋଗ୍ୟଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିପାରିଥିବାରୁ ଆମେ ଗର୍ବିତ ।

## ଟିପିଡବ୍ଲୁଓଡିଏଲ୍ ପକ୍ଷରୁ 'ନୈତିକତା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ଟାଟା ଗ୍ରୁପ୍‌ର ନୈତିକତା, ସଚ୍ଚୋଟତା ଓ ରାଷ୍ଟ୍ର ଗଠନର ସମୃଦ୍ଧ ପରମ୍ପରାକୁ ଆଗେଇ ନେବା ଉଦ୍ଦେଶ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଭାରତ ରତ୍ନ *ଜେହାଙ୍ଗୀର ରତନଜୀ ଦାଦାଭୋୟ (ଜେଆରଡି) ଟାଟାଙ୍କ ୧୨୨ତମ ଜନ୍ମ ଜୟନ୍ତୀ ଅବସରରେ ବୁର୍ଲା ସ୍ଥିତ ଏହାର କର୍ପୋରେଟ୍ କାର୍ଯ୍ୟାଳୟରେ "ନୈତିକତା ଦିବସ' ପାଳନ କରାଯାଇଛି । ଏହି ଅବସରରେ ସଂସ୍ଥାର କାର୍ଯ୍ୟଧାରା ଓ ଗ୍ରାହକ ସେବାର ପ୍ରତ୍ୟେକ କ୍ଷେତ୍ରରେ ନୈତିକ ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରିବା ପାଇଁ ସମସ୍ତେ ପୁନଃ ସଂକଳ୍ପବଦ୍ଧ ହୋଇଥିଲେ । ଏହି ଅବସରରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ମୁଖ୍ୟ ନୈତିକତା ପରାମର୍ଶଦାତା ତଥା ମୁଖ୍ୟ ବାଣିଜ୍ୟିକ ଅଧିକାରୀ ପି. ପି. ତେନ୍ଦୁଲକର, ମୁଖ୍ୟ ଅପରେସନ୍ ଆଣ୍ଡ ସର୍ଭିସେସ୍ ଅଧିକାରୀ ପ୍ରଶାନ୍ତ ସିଂ, କଣ୍ଟ୍ରାକ୍ଟ ଏବଂ ଷ୍ଟୋର୍ସ ବିଭାଗ ମୁଖ୍ୟ ଅନୀଲ ଓଝାଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଜେଆରଡି ଟାଟା ଓ ଟାଟା ଗ୍ରୁପ୍‌ର ଅନ୍ୟତମ ପ୍ରତିଷ୍ଠାତାମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଶ୍ରୀ ପିପି. ତେନ୍ଦୁଲକର ଜେଆରଡି ଟାଟାଙ୍କ ଭାରତୀୟ ଶିଳ୍ପ କ୍ଷେତ୍ର ପ୍ରତି ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଥିଲେ, "ଶ୍ରୀ ଜେଆରଡି ଟାଟା



ଆମକୁ ଶିଖାଇଛନ୍ତି ଯେ, ପ୍ରକୃତ ନେତୃତ୍ୱ କେବଳ ସଫଳତା ହାସଲ କରିବାରେ ନୁହେଁ, ବରଂ ସେହି ସଫଳତାକୁ କିପରି ହାସଲ କରାଯାଏ ତାହାରେ ନିହିତ । ନୈତିକତା ଓ ସଚ୍ଚୋଟତା ଆମର ପ୍ରତ୍ୟେକ ନିଷ୍ପତ୍ତିର ମୂଳ ଆଧାର ହେବା ଆବଶ୍ୟକ । ଟାଟା ଗ୍ରୁପ୍‌ର ମୂଳ ଆଦର୍ଶକୁ ଅନୁସରଣ କରି ସଂସ୍ଥା ନିରନ୍ତର ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା, ଗ୍ରାହକଙ୍କ ବିଶ୍ୱାସ ଅର୍ଜନ ଏବଂ ସମାଜ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବାକୁ ପ୍ରୟାସ ଜାରି ରଖିଛି ଟିପିଡବ୍ଲ୍ୟୁଓଡିଏଲ ।

## ବସନ୍ତପୁର ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ

ଗରଦପୁର, (ସବ୍ୟୁ) : ଆଷାଢ଼ ମାସ ପୂର୍ଣ୍ଣିମା ତିଥିରେ ଭାରତବର୍ଷର ସର୍ବତ୍ର ଗୁରୁପୂର୍ଣ୍ଣିମା ପାଳନ କରାଯାଏ ।



ଏହାକୁ ବ୍ୟାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ଅବସରରେ ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଂଚାୟତ ବସନ୍ତପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ସକାଳ ସାଢ଼େ ୫ ଟାରେ କାକଡ଼ ଆଳତି, ସକାଳ ସାଢ଼େ ୬ ଟାରେ ବାବା ଙ୍କ ସ୍ନାନ ଆରତି, ସକାଳ ୯ ଟାରେ ହୋମ ଓ ମହାଭିଷେକ ପୂଜା , ୧୨ ଟା ରେ ମଧ୍ୟାହ୍ନ ଆରତି,୬ ଟାରେ ସନ୍ଧ୍ୟା ଆରତି ଅନୁଷ୍ଠିତ ହୋଇଥିଲା । ଆନ୍ତର୍ଜାତିକ ଆଧ୍ୟାତ୍ମିକ ଗୁରୁ ଡ଼କ୍ଟର ଚନ୍ଦ୍ରଭାନୁ ଶତପଥି ଜୀ ଶୁଭେଚ୍ଛା ଜଣାଇ ବାର୍ତ୍ତା ପଠାଇଛନ୍ତି । ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ର ମ୍ୟାନେଜିଂ ଟ୍ରଷ୍ଟି ଡ଼କ୍ଟର ରୁଦ୍ର ମହାନ୍ତି , ସମ୍ପାଦକ ସୁନିଲ କୁମାର ମହାନ୍ତି, ଚଣ୍ଡିପ୍ରସାଦ ମହାନ୍ତି, କସ୍ତୁରିକା ମହାନ୍ତି, ସାମ୍ବାଦିକ ଡ଼କ୍ଟର ଦୀପ୍ତିରଂଜନ କାନୁନଗୋ , ରବିନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବାବାଙ୍କ ମହାଭିଷେକ କରାଇଥିଲେ । କମଳ ମହାନ୍ତି ଓ ସଂଯୁକ୍ତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମହାଭିଷେକ ପରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

### ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରର

# କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତାର ଦୁଇ ବର୍ଷ ପୂର୍ତ୍ତି ପାଳନ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍ଏସ୍ କେଏଚ୍‌ପିସି), ପୁରୀ ନିଜର ଦ୍ୱିତୀୟ ବର୍ଷ ପୂର୍ତ୍ତି ଏକ ଐତିହାସିକ ସମାରୋହ ମାଧ୍ୟମରେ ପାଳନ କରିଛି । ଏହି ଅବସରରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରର ଆଥଲେଟ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଖୋ-ଖୋ ଚୟନ ପରୀକ୍ଷଣ ୨୦୨୬ ମାଧ୍ୟମରେ ନୂତନ ପ୍ରତିଭାଶାଳୀ ଆଥଲେଟ୍‌ମାନଙ୍କୁ ମଧ୍ୟ କେନ୍ଦ୍ରରେ ସାମିଲ କରାଯାଇଛି । ଭାରତର ଭବିଷ୍ୟତ ଖୋ-ଖୋ ଚାମ୍ପିଅନ୍‌ମାନଙ୍କୁ ଗଢ଼ି ତୋଳିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଓଡ଼ିଶା ଏଏମ୍/ଏନ୍ଏସ୍ କେଏଚ୍‌ପିସିର ଆଥଲେଟ୍‌ମାନେ ଖୋ-ଖୋ ବିଶ୍ୱକପ୍ ୨୦୨୫, ଜାତୀୟ କ୍ରୀଡ଼ା ୨୦୨୫, ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୫, ଜୁନିୟର ଜାତୀୟ ଖୋ-ଖୋ ଚାମ୍ପିଅନ୍‌ଶିପ୍ ୨୦୨୪-୨୦୨୬, ସିନିୟର ଜାତୀୟ ଖୋ-ଖୋ ଚାମ୍ପିଅନ୍‌ଶିପ୍ ୨୦୨୫-୨୦୨୬ ଏବଂ ସବ୍-ଜୁନିୟର ଜାତୀୟ ଖୋ-ଖୋ ଚାମ୍ପିଅନ୍‌ଶିପ୍ ୨୦୨୫-୨୦୨୬ ପରି ବିଭିନ୍ନ ପ୍ରତିଷ୍ଠିତ ଆନ୍ତର୍ଜାତୀୟ



ଓ ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ସହ ଗୌରବ ଅର୍ଜନ କରୁଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ରର ଆଥଲେଟ୍‌ମାନେ ୩୦ରୁ ଅଧିକ ଜାତୀୟ, ଆଞ୍ଚଳିକ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ବର୍ଗରେ ୪୮ ଟି ପଦକ ଅର୍ଜନ କରିଛନ୍ତି । ଏହି ସଫଳତା ଓଡ଼ିଶା ଏଏମ୍/ଏନ୍ଏସ୍ କେଏଚ୍‌ପିସିକୁ ଏକ ନିରନ୍ତର ପ୍ରତିଭା ବିକାଶ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିଛି । ଏଠାରେ ସୁବ୍ୟବସ୍ଥିତ ପ୍ରଶିକ୍ଷଣ ଏବଂ ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ଆଥଲେଟ୍‌ମାନଙ୍କ ସଫଳତାକୁ ସୁନିଶ୍ଚିତ କରିବା ସହ ଜାତୀୟ ସ୍ତରରେ ସ୍ୱୀକୃତି ଆଣିବାରେ ସହାୟକ ହୋଇଛି । ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଓ ଭାଇସ୍ ପ୍ରେସିଡେଣ୍ଟ ଅଶୁତୋଷ ତେଲାଙ୍ଗ କହିଛନ୍ତି, "ମାତ୍ର ଦୁଇ ବର୍ଷର ସ୍ୱଳ୍ପ ସମୟ ମଧ୍ୟରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ଖୋ-ଖୋ କ୍ଷେତ୍ରରେ ସୁବ୍ୟବସ୍ଥିତ ପ୍ରଶିକ୍ଷଣ ଓ ପ୍ରତିଭା ବିକାଶର ଏକ ଅଗ୍ରଣୀ କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି । ଏହି ସମାରୋହରେ ଭାରତୀୟ ପୁରୁଷ ଖୋ-ଖୋ ଦଳର ଅଧିନାୟକ ପ୍ରତୀକ ୱାଇକର ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ-ଖୋ ଫେଡେରେସନର ଉପସଭାପତି ତଥା ଓଡ଼ିଶା ଖୋ-ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ (ପୂର୍ବ) ବିଭାଗ ମୁଖ୍ୟ ଡ. ଦେବବ୍ରତ ଦାଶ, ଏଏମ୍/ଏନ୍ଏସ୍ ଇଣ୍ଡିଆ ସିଏସ୍ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ ଏବଂ ଓଡ଼ିଶା ଏଏମ୍/ଏନ୍ଏସ୍ କେଏଚ୍‌ପିସିର କାର୍ଯ୍ୟାନ୍ୱୟନ ସହଯୋଗୀ 'ସ୍ପୋର୍ଟସ୍ ଫର ଅଲ୍ (ଏସ୍ଏଫ୍ଏ)'ର ପ୍ରକଳ୍ପ ମୁଖ୍ୟ ସାଗର ସାମଲ ଉପସ୍ଥିତ ଥିଲେ ।

## ଟାଟା ମୋଟର୍ସ ପକ୍ଷରୁ ସିଏରା ଇଭିର ଉନ୍ମୋଚନ

### ୧୫ ମିନିଟ୍ ଚାର୍ଜରେ ୨୬୩ କିମି ଚାଲି ପାରିବ

କଟକ,(ସବ୍ୟୁ): ଟାଟା ମୋଟର୍ସ ପକ୍ଷରୁ ଗୁଗନାନୀ ଅଟୋକାର୍ସ ପ୍ରା. ଲି, ସହଯୋଗରେ ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ଏସ୍‌ୟୁଭି ସିଏରା ଇଭି ର ଉନ୍ମୋଚନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀ, ଗ୍ରାହକ, ଅଟୋମୋବାଇଲ୍ ପ୍ରେମି ଯୋଗଦେଇଥିଲେ । ଏହି ଅବସରରେ ଗୁଗନାନୀ ଅଟୋକାର୍ସ ନିର୍ଦ୍ଦେଶକ ୟଶନୀତ ଗୁଗନାନୀ, ଟାଟା ମୋଟର୍ସ ବିଜିନେସ ହେଡ୍ ଦେବାଂଶୁ ଗୁପ୍ତା, ଟେରିଟୋରି ସେଲ୍ସ ମ୍ୟାନେଜର, ଟାଟା ମୋଟର୍ସ ଜସୱିନ୍ଦର ସିଂହ ଥେଥୀ, ଏବଂ ଟେରିଟୋରି ସେଲ୍ସ ମ୍ୟାନେଜର, ଟାଟା ମୋଟର୍ସ ହର୍ଷରାଜ



ସିଂହ ଉପସ୍ଥିତ ଥିଲେ । ଅତିଥିମାନେ କହିଥିଲେ ଯେ, ସିଏରା ଇ ଭି ଟାଟା ମୋଟର୍ସର ବୈଦ୍ୟୁତିକ ଯାନ ଯାତ୍ରାରେ ଏକ ନୂତନ ଅଧ୍ୟାୟର ସୂଚନା ଦେଉଛି । ଏହି ପ୍ରିମିୟମ୍ ଇଲେକ୍ଟ୍ରି କ୍ ଏସ୍‌ୟୁଭିରେ ୫୧୦ -୫୩୦ କି. ମି. ବାସ୍ତବ ଡ୍ରାଇଭିଂ ରେଞ୍ଜ, ମାତ୍ର ୫.୮ ସେକେଣ୍ଡରେ ୦ -୧୦୦ କି.ମି. / ଘଣ୍ଟା ବେଗ, ଲାଇଫଟାଇମ୍ ହାଇ-ଭୋଲ୍ଟେଜ୍ ବ୍ୟାଟେରୀ ୱାରେଣ୍ଟି, ପାନୋରାମିକ ସନ୍‌ରୁଫ୍, ଡଲ୍‌ବି ଆଟମସ୍ ସହିତ ଟ୍ରିପଲ୍-ସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍, ୫୦୪ ଏନ୍ଏମ୍ ଟର୍କ, କିଉଡବ୍ଲ୍ୟୁଡି ଡୁଆଲ୍-ମୋଟର ଅଲ୍-ସ୍କିଲ୍ ଡ୍ରାଇଭ୍, ୫୪୦° ଏଚ୍ଡି କ୍ୟାମେରା, ଲେଭେଲ୍-୨ ଯୁକ୍ତ ଆଦସ୍ ସୁରକ୍ଷା ବ୍ୟବସ୍ଥା ଏବଂ ମାତ୍ର ୧୫ ମିନିଟ୍ ଚାର୍ଜରେ ପ୍ରାୟ ୨୬୩ କି.ମି. ଚାଲିବା କ୍ଷମତା ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି ।

### ହାଇଟେକ୍ ଡେଣ୍ଟାଲ୍ କଲେଜର ସମାବର୍ତ୍ତନ ଉତ୍ସବ

## 'ଭଲ ଡାକ୍ତର ଅଭିଜ୍ଞତା ଓ ବ୍ୟବହାରରୁ ନିଜ ପରିଚୟ ସୃଷ୍ଟି କରନ୍ତି' : ଡକ୍ଟର ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟୁ) : ହାଇଟେକ୍ ଡେଣ୍ଟାଲ୍ କଲେଜର ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଛି । ଉତ୍ସବରେ କେନ୍ଦ୍ରାଞ୍ଚଳ ଆଇଜି ଡାକ୍ତର ସତ୍ୟଜିତ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ, ଜଣେ ବ୍ୟକ୍ତି ଜୀବନରେ କେବଳ ଡିଗ୍ରୀ କିମ୍ବା ସମ୍ପତ୍ତି ହାସଲରେ ସଫଳତା ପ୍ରାପ୍ତ କରିନଥାଏ, ବରଂ ଅଭିଜ୍ଞତା ଓ ଶ୍ରେଷ୍ଠତା ହିଁ ତାକୁ ସଫଳ କରାଇଥାଏ । କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପିତାମାତାଙ୍କ ଆଶୀର୍ବାଦ ହିଁ ମଣିଷ ଜୀବନର ଶ୍ରେଷ୍ଠ ପୁଞ୍ଜି, ସେହିପରି ଜଣେ ଭଲ ଡାକ୍ତର ନିଜ ସେବା ମନୋଭାବ ଓ ଉତ୍ତମ ବ୍ୟବହାରରୁ ସମାଜରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥାଏ । ନୂତନ ଡାକ୍ତରମାନେ ରୋଗୀସେବାରେ ବ୍ରତୀ ହେବାକୁ, ହାଇଟେକ୍ ଗ୍ରୁପ୍



ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ଆହ୍ୱାନ କରିଥିଲେ । ଜୀବନରେ ଶ୍ରେଷ୍ଠତା ସେତେବେଳେ ଆସେ ଯେତେବେଳେ ମନୁଷ୍ୟ ନିଜର ଅହଂଭାବ ଛାଡି ସେବାମନୋବୃତିରେ କାର୍ଯ୍ୟ କରିଥାଏ ବୋଲି କହିଥିଲେ ହାଇଟେକ୍ ଡେଣ୍ଟାଲ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷା ଇଞ୍ଜିନିୟର ମଧୁସ୍ମିତା ତ୍ରିପାଠୀ । ଉତ୍ସବରେ ୨୦୨୦-୨୧ ବର୍ଷର ବିଡିଏସ୍ ଛାତ୍ରଛାତ୍ରୀ ଓ ୨୦୨୨-୨୩ବର୍ଷର ଏମ୍‌ଡିଏସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବା ସହ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ୨୦୨୫ବର୍ଷର ଏମ୍‌ଡିଏସ୍ ଛାତ୍ରୀ ଡାକ୍ତର ଚିଣ୍ମୟୀ ପ୍ରିୟଦର୍ଶିନୀ ଟପ୍ପର ହୋଇଛନ୍ତି । ସେହିପରି ଚଳିତବର୍ଷର ବିଶ୍ୱବିଦ୍ୟାଳୟ ବିଡିଏସ୍ ଟପ୍ପର ଡାକ୍ତର ଶ୍ରୀୟା ବକ୍ସି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ଡାକ୍ତର ସଂଯୁକ୍ତା ଚାନ୍ଦ ଓ ଡାକ୍ତର ଆଶାଶ୍ରୀ ବୋସ୍ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ହାଇଟେକ୍ ଡେଣ୍ଟାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସଂଗ୍ରାମ ପାତ୍ର, ହାଇଟେକ୍ ମେଡିକାଲ୍ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର, ପ୍ରମୁଖ ଯୋଗଦେଇଥିଲେ । ଡାକ୍ତର ଶୁଭାସୌମ୍ୟ ଡାନୀ ମଞ୍ଚ ପରିଚାଳନା କରିଥିଲେ ।

## ବନ୍ୟା ପରିସ୍ଥିତି ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ : ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ବନ୍ୟା ଜଳରେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି । ବନ୍ୟା ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ସଞ୍ଜୀବ ମଲ୍ଲିକ ବନ୍ୟା ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ବଖାଣିଥିଲେ । ବ୍ୟୋମକେଶ ରାୟ କହିଥିଲେ ଯେ, ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସାମାନ୍ୟ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି । ପାଣିପାଗ ବିଭାଗର ପୂର୍ବ ସୂଚନା



ଥିଲେ ମଧ୍ୟ, ସରକାରଙ୍କ କୌଣସି ପ୍ରସ୍ତୁତି ନଥିଲା, ଯେଉଁଥି ପାଇଁ ୪ଟି ମୂଲ୍ୟବାନ ଜୀବନ ଯାଇଛି । ବନ୍ୟା ମୁକାବିଲା କରିବାରେ ବିଫଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବ୍ୟୋମକେଶ ରାୟ କହିଥିଲେ । ଗୌତମବୁଦ୍ଧ ଦାସ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା କଥା ଉଠିଲେ, ସମଗ୍ର ଦେଶ ଓ ବିଶ୍ୱ ଓଡିଶା ଆଡ଼କୁ ଅନାଏ । ଏବେ ସାଧାରଣ ଲୋକଙ୍କ ମୃତ୍ୟୁ ଏକ ସାଧାରଣ ଘଟଣା ହୋଇଯାଇଛି । ବନ୍ୟା ନିୟନ୍ତ୍ରଣ କରିବା ଦୂରରେ ଥାଉ, ବର୍ଷା ଜଳକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି । ସରକାରଙ୍କ ଅପାରଗତା ଜଳ ଜଳ ହୋଇ ଦିଶୁଛି । ସଞ୍ଜୀବ ମଲ୍ଲିକ କହିଥିଲେ ଯେ, ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ସର୍ବନିମ୍ନ ନିତ୍ୟ ଆବଶ୍ୟକୀୟ ଜିନିଷ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ଭଦ୍ରକ ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତ ଅଞ୍ଚଳ ଜଳମଗ୍ନ ହୋଇସାରିଥିବା ବେଳେ, ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ବର୍ଷା ଲାଗି ରହିଥିବାରୁ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ମଧ୍ୟ ବନ୍ୟା ଆଶଙ୍କାର ସମ୍ମୁଖୀନ ହୋଇଛନ୍ତି । ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କୁ ସତର୍କ କରି କହିଛି ଯେ, ପରିସ୍ଥିତିରେ ସୁଧାର ନଆସିଲେ, ଲୋକଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ।

## ବ୍ଲାକ ସି'ରେ ଘନଘନ ଆକ୍ରମଣ

# ଜାହାଜରେ ଫସି ରହିଛନ୍ତି ୧୩ ଭାରତୀୟ

**କିଭ୍:** ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ତୀବ୍ର ହୋଇଛି। ବିଶେଷ କରି ବ୍ଲାକ ସି' ପୋର୍ଟ ନିକଟରେ ମିସାଇଲ ଆଟାକ ବୃଦ୍ଧି ପାଇଛି। ବ୍ଲାକ ସି'ରେ ଘନଘନ ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଥିବାରୁ ୟୁକ୍ରେନର ଚର୍ନୋମୋର୍ସ୍କ ପୋର୍ଟରେ ଥିବା ଗୋଟିଏ ବ୍ୟବସାୟିକ ଜାହାଜରେ ୧୩ ଜଣ ଭାରତୀୟ ନାବିକ ଫସି ରହିଛନ୍ତି।ଆକ୍ରମଣ ଯୋଗୁ ସେମାନେ ଜାହାଜରୁ ବାହାରି ପାରୁ ନାହାନ୍ତି କିମ୍ବା ଜାହାଜ ମଧ୍ୟ ବ୍ଲାକ ସି' ଦେଇ ଆଗକୁ ଯାଇ ପାରୁ ନାହିଁ। ଡ୍ରୋନ୍ ଓ ମିସାଇଲ ଆକ୍ରମଣ ଜାରି ରହିଥିବାରୁ ସେମାନଙ୍କ ଜୀବନ ଗୁରୁତର ବିପଦରେ ଥିବା ଫରୱାର୍ଡ ସିମେନ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ କହିଛି।କେନ୍ଦ୍ର ସରକାର, ଜାହାଜ ମାଲିକ, ଜାହାଜରେ ଯେଉଁ ରାଷ୍ଟ୍ରର ପତାକା ଲାଗିଛି ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତକ୍ଷେପ କରି



ନାବିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଅନୁରୋଧ ୟୁନିୟନ ଅନୁରୋଧ କରିଛି। ୟୁନିୟନ କହିଛି ଯେ ଏମଭି ଅମୀର-୧ ନାମକ କାର୍ଗୋ ଜାହାଜରେ ମୋଟ ୧୫ ଜଣ କ୍ରୁ ସଦସ୍ୟ ଅଛନ୍ତି। ଏହି ୧୫ ଜଣଙ୍କ ମଧ୍ୟରୁ ୧୩ ଜଣ ହେଉଛନ୍ତି ଭାରତୀୟ। ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଜାହାଜଟି ଫସି ରହିଥିବାରୁ ପ୍ରତ୍ୟେକ ଦିନ ସେମାନଙ୍କ ଜୀବନ ପ୍ରତି ବିପଦ ବଢ଼ିବାରେ ଲାଗିଛି।ୟୁନିୟନ ପକ୍ଷରୁ ଜାହାଜରୁ ରେକର୍ଡ ହୋଇଥିବା ଗୋଟିଏ ଭିଡିଓ ମଧ୍ୟ ଶେୟାର କରାଯାଇଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ବନ୍ଦର ନିକଟରୁ ଘନ ଧୂଆଁ ଉଠୁଛି। ଜାହାଜର କିଛି ଅଂଶ ମଧ୍ୟ ଧୂଆଁରେ ଆଚ୍ଛାଦିତ ହୋଇ ରହିଛି।ୟୁନିୟନ କହିଛି ଯେ "ଯେକୌଣସି ମୁହୂର୍ତ୍ତରେ ଜାହାଜ ଉପରେ ସିଧାସଳଖ ଆକ୍ରମଣ ହୋଇପାରେ। ଏହି ଆଶଙ୍କାରେ କ୍ରୁ ସଦସ୍ୟମାନେ ଭୟ ମଧ୍ୟରେ ଦିନ କାଟୁଛନ୍ତି।" ୟୁନିୟନ ଏପରି ଦାବି କରିଥିଲେ ହେଁ ବୈଦେଶିକ ମନ୍ତ୍ରଣାଳୟ କିମ୍ବା ସମ୍ପୃକ୍ତ ଶିପିଂ କମ୍ପାନୀ ପକ୍ଷରୁ ଏହି ଘଟଣା ଉପରେ କୌଣସି ପ୍ରତିକ୍ରିୟା ଆସିନାହିଁ।

## ▸▸ ତଲବିରା କୋଇଲା ଆବଣ୍ଟନ ମାମଲା

# ମନମୋହନ ସିଂହଙ୍କୁ କ୍ଲିନଚିଟ୍

**ନୂଆଦିଲ୍ଲୀ:** ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ବୁଧବାର ସୁପ୍ରିମକୋର୍ଟଙ୍କ ମରଣୋତ୍ତର ଆଶ୍ୱସ୍ତି ଦେଇଛନ୍ତି। ଓଡ଼ିଶାର ଝାରସୁଗୁଡ଼ା ତଲବିରା -୨ କୋଇଲା ଆବଣ୍ଟନ ମାମଲାରେ ସିବିଆଇର କ୍ଲୋଜର ରିପୋର୍ଟକୁ ସୁପ୍ରିମକୋର୍ଟ ଆଜି ଗ୍ରହଣ କରିଛନ୍ତି। ସିବିଆଇର କ୍ଲୋଜର ରିପୋର୍ଟକୁ ଅନୁମୋଦନ କରି ସୁପ୍ରିମକୋର୍ଟ ଶ୍ରୀ ସିଂହଙ୍କୁ କୋଇଲା ଆବଣ୍ଟନର ତଥାକଥିତ ଦୁର୍ନୀତି ମାମଲାରେ କ୍ଲିନଚିଟ ଦେଇଛନ୍ତି। କୋଇଲା ଖଣି ଆବଣ୍ଟନ ମାମଲାରେ ଶ୍ରୀ ସିଂହଙ୍କ ବିରୋଧରେ ଅପରାଧିକ ଦୁର୍ନୀତି ମାମଲା ରୁଜୁ କରିବାକୁ କୌଣସି ଉପଯୁକ୍ତ ପ୍ରମାଣ ନଥିବା ମଧ୍ୟ ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଏହି ମାମଲାରେ କୌଣସି ଅପରାଧିକ ମନୋଭାବ ବା ଦୁର୍ନୀତିର ପ୍ରମାଣ ମିଳିନାହିଁ।ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଆବେଦନକାରୀଙ୍କ ମୃତ୍ୟୁ ହୋଇଥିବାରୁ ସୁପ୍ରିମକୋର୍ଟ ସାଧାରଣ ଭାବେ ମାମଲାରୁ ରଦ୍ଦ କରି ଦେଇ ପାରିଥାଆନ୍ତେ। କିନ୍ତୁ ଖଣ୍ଡପୀଠ ଟ୍ରାଏଲ କୋର୍ଟରେ ସିବିଆଇ ଦାଖଲ କରିଥିବା କ୍ଲୋଜର ରିପୋର୍ଟକୁ ଭଲ ଭାବେ ଅନୁଧ୍ୟାନ କରିଥିଲେ।ଏହାକୁ ଯାଞ୍ଚ କରିବା ପରେ ଜାଣିବାକୁ ପାଇଥିଲେ ଯେ କ୍ଲୋଜର ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିବା ଓ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରତିକୂଳ ଟିପ୍ପଣୀ ଦେବା ପାଇଁ ଟ୍ରାଏଲ କୋର୍ଟ ବିଚାରପତିଙ୍କ ପାଖରେ କୌଣସି ଯଥାର୍ଥ କାରଣ ନଥିଲା।୨୦୨୪ ଡିସେମ୍ବରରେ ମନମୋହନ ସିଂହଙ୍କ ଦେହାନ୍ତ ହୋଇଥିଲା। କିନ୍ତୁ ଏହି ମାମଲା ଓ ଟ୍ରାଏଲ କୋର୍ଟ ବିଚାରପତିଙ୍କ ଆପତ୍ତିଜନକ ଟିପ୍ପଣୀର ପ୍ରଭାବ କାଏମ ରହିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ଓ ଅଭିଷେକ ମନୁ ସିଙ୍ଘଭୀ ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ସିବିଆଇ ୨୦୧୪ ଅଗଷ୍ଟ ୨୭ ଓ ପରବର୍ତ୍ତୀ ସମୟରେ ୨୦୧୪ ଅକ୍ଟୋବର ୨୧ରେ ଟ୍ରାଏଲ କୋର୍ଟରେ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା।ତଥାପି ସ୍ୱତନ୍ତ୍ର ବିଚାରପତି ଏହି କ୍ଲୋଜର ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଥିଲେ। ବିଚାରପତି ଶ୍ରୀ ସିଂହଙ୍କ ବିରୋଧରେ ମାମଲା ନିଜ ଆଡ଼ୁ ବିଚାର କରିଥିଲେ। ଏଥିସହିତ ବିଚାରପତି ୨୦୧୫ ମାର୍ଚ୍ଚ ୧୧ରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ସମନ ଜାରି କରିଥିଲେ।ଶ୍ରୀ ସିବଲ୍ ଦର୍ଶାଇଥିଲେ ଯେ ଟ୍ରାଏଲ କୋର୍ଟ ଆବଶ୍ୟକ ମଞ୍ଜୁରୀକୁ ଅପେକ୍ଷା ନକରି ଶ୍ରୀ ସିଂହଙ୍କ ବିରୋଧରେ ନିଜ ଆଡ଼ୁ ଶୁଣାଣି ପାଇଁ ଧାର୍ଯ୍ୟ କରିଥିଲେ।

## ରାମ ମନ୍ଦିର ଟ୍ରଷ୍ଟର ସଚିବ ହେଲେ ଜଗଦୀଶ ଆଫଲେ

**ଲକ୍ଷ୍ନୌ:** ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଆତ୍ମସାତକୁ ନେଇ ବିବାଦ ପରେ, ରାମ ମନ୍ଦିର ଟ୍ରଷ୍ଟ ଏହାର ନୂତନ ସଚିବଙ୍କୁ ନିଯୁକ୍ତ କରିଛି। ପେଶାରେ ଜଣେ ଇଞ୍ଜିନିୟର ଏବଂ ମନ୍ଦିର ନିର୍ମାଣର ପ୍ରକଳ୍ପ ପରିଚାଳକ ଜଗଦୀଶ ଆଫଲେଙ୍କୁ ପ୍ରଥମ ସଚିବ ନିଯୁକ୍ତ କରାଯାଇଛି। ସିଇଓ ନିଯୁକ୍ତିରେ ବିଳମ୍ବକୁ ଦୃଷ୍ଟିରେ ରଖି, ଟ୍ରଷ୍ଟ ସଚିବ ଭାବରେ ଏକ ନୂତନ ପଦବୀ ସୃଷ୍ଟି କରିଛି ଏବଂ ଆଫଲେଙ୍କୁ ଦାୟିତ୍ୱ ଦେଇଛି। ତଥାପି, ଟ୍ରଷ୍ଟର ପରବର୍ତ୍ତୀ ବୈଠକ ବସିବା ପରେ ସେପ୍ଟେମ୍ବର ୨ ତାରିଖରେ ତାଙ୍କ ନିଯୁକ୍ତି ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯିବ। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଜଗଦୀଶ ଆଫଲେଙ୍କୁ ଟ୍ରଷ୍ଟର ନୂତନ ଅଧିକୃତ ସ୍ୱାକ୍ଷରକାରୀ ଭାବରେ ନିଯୁକ୍ତ କରିଛି। ତାଙ୍କ ନାମ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସବିଆଇ) କୁ ମଧ୍ୟ ପଠାଯାଇଛି। କଥିତ ଦାନ ଚୋରି ଦୁର୍ନୀତି ସାମ୍ନାକୁ ଆସିବା ପରେ ଏହା ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ହୋଇଥିଲା ଏବଂ ବହୁତ କଳ୍ପନାଜଳ୍ପନା ପରେ, ମହାସଚିବ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଡକ୍ଟର ଅନିଲ ମିଶ୍ର ଇସ୍ତଫା ଦେଇଥିଲେ।ତା'ପରେ, ଜୁଲାଇ ୬ ତାରିଖରେ ଟ୍ରଷ୍ଟର ଏକ ବୈଠକରେ, ତତ୍କାଳୀନ ମହାସଚିବ ଚମ୍ପତ ଏବଂ ଟ୍ରଷ୍ଟି ଅନିଲଙ୍କ ଇସ୍ତଫା ଗ୍ରହଣ କରାଯାଇଥିଲା। ଟ୍ରଷ୍ଟ ଅଧିକୃତ ସ୍ୱାକ୍ଷରକାରୀଙ୍କୁ ପରିବର୍ତ୍ତନ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲା। ଏହାକୁ ଦୃଷ୍ଟିରେ ରଖି, ଟ୍ରଷ୍ଟ ମଧ୍ୟବର୍ତ୍ତୀକାଳୀନ ମହାସଚିବ କୃଷ୍ଣ ମୋହନ ଏବଂ ଜଗଦୀଶ ଆଫଲେଙ୍କ ନାମ ବ୍ୟାଙ୍କରେ ଦାଖଲ କରିଥିଲା, କିନ୍ତୁ ବ୍ୟାଙ୍କ ଆଫଲେଙ୍କ ଟ୍ରଷ୍ଟି ନଥିବାରୁ ପ୍ରଶ୍ନ କରିଥିଲା, ଯାହା ଫଳରେ ଆକାଉଣ୍ଟ କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା।

## ପିଓକେ ବିକ୍ଷୋଭକାରୀଙ୍କୁ ଶତ୍ରୁ ଘୋଷଣା କଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ

**ଇସ୍ଲାମବାଦ:** ପାକିସ୍ତାନ ସରକାରର ଦମନଲୀଳା ବିରୋଧରେ ସ୍ୱର ଉଠାଉଥିବା ପାକିସ୍ତାନ ଅଧିକୃତ କଶ୍ମୀର(ପିଓକ)ର ଲୋକଙ୍କୁ ଶତ୍ରୁ ଘୋଷଣା କରିଛନ୍ତି ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖାୱାଜ ଆସିଫ। ବିକ୍ଷୋଭକାରୀଙ୍କ ବିରୋଧରେ ପାକିସ୍ତାନ ସେନା ଆପଣାଇଥିବା ବର୍ବରତାର ଓକିଲାତି କରି ଆସିଫ ଏପରି ବୟାନ ଦେଇଛନ୍ତି। ପାକିସ୍ତାନ ବିରୋଧରେ ରାସ୍ତାକୁ ଓହ୍ଲାଉଥିବା ଲୋକଙ୍କୁ ସେ ଭାରତ ଭଳି ଶତ୍ରୁ ଭାବେ ବିବେଚନା କରନ୍ତି ବୋଲି ମଧ୍ୟ କହିଛନ୍ତି। ଗୋଟିଏ ସ୍ଥାନୀୟ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେବା ବେଳେ ଆସିଫ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଛନ୍ତି ଓ ପିଓକେରେ ସରକାର ବିରୋଧରେ ସ୍ୱର ଉଠାଉ ଥିବା ଲୋକ ଏବଂ ଭାରତ ମଧ୍ୟରେ କୌଣସି ପାର୍ଥକ୍ୟ ନଥିବା ମଧ୍ୟ ଦମ୍ଭୋକ୍ତି କରିଛନ୍ତି। ସେ କହିଛନ୍ତି ଯେ "ମୁଁ ବିକ୍ଷୋଭକାରୀଙ୍କୁ ଭାରତ ସହ ସମାନ ଶ୍ରେଣୀରେ ରଖୁଛି। ସେମାନଙ୍କୁ ମଧ୍ୟ ଭାରତ ପରି ପାକିସ୍ତାନର ଶତ୍ରୁ ବୋଲି ବିବେଚନା କରୁଛି।" ବିକ୍ଷୋଭକାରୀଙ୍କ ସହ ସରକାରଙ୍କ ଆଲୋଚନାର ସମ୍ଭାବନାକୁ ମଧ୍ୟ



ସେ ଖାରଜ କରି ସେମାନଙ୍କୁ ପାକିସ୍ତାନର ଶତ୍ରୁ ବୋଲି କହିଛନ୍ତି।ପାକିସ୍ତାନ ଅଧିକୃତ କଶ୍ମୀର ଯୁଗ୍ମ ଆୱାମୀ ଆକ୍ସନ୍ କମିଟି ସ୍ଥାନୀୟ ବିଧାନସଭାକୁ ବର୍ଜନ କରି ପ୍ରତିବାଦ ରାଲି କରୁଛି। ମଙ୍ଗଳବାର ଏହି ରାଲି ଓ ସାଧାରଣ ଲୋକଙ୍କ ଉପରେ ପାକିସ୍ତାନ ସେନା ଗୁଳି ଚଳାଇଥିଲା। ଏଥିରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ଏପରି ନରସଂହାରକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଆସିଫଙ୍କ ଶତ୍ରୁ ବୟାନ ସାମ୍ନାକୁ ଆସିଛି। ମଙ୍ଗଳବାର କମିଟିର ହଜାର ହଜାର ସମର୍ଥକ ରାୱାଲାକୋଟରୁ ମୁଜାଫରାବାଦ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ସେମାନଙ୍କର ଦାବି ଥିଲା ଯେ, କଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ହୋଇଥିବା ୧୨ଟି ବିଧାନସଭା ଆସନକୁ ରଦ୍ଦ କରାଯାଉ। ଏହା ପିଓକେ ବାସିନ୍ଦାଙ୍କ ରାଜନୀତିକ ଅଧିକାରକୁ କ୍ଷୁଣ୍ଣ କରୁଛି। ଏହି ବ୍ୟବସ୍ଥା ଦ୍ୱାରା ଇସଲାମାବାଦର ରାଜନୀତିକ ଦଳଗୁଡ଼ିକ ପିଓକେରେ ସରକାର ଗଠନରେ ନିଜର ଦବଦବା ଦେଖାଉଛନ୍ତି। ସଂଗଠନର କହିବା କଥା ଯେ କେବଳ ପିଓକେରେ ରହୁଥିବା ଲୋକମାନେ ହିଁ ସେଠାକାର ବିଧାନସଭାକୁ ଯିବେ।ତେବେ ସଂଗଠନର ଏହି ପଦଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ବେଳେ ପାକିସ୍ତାନ ସେନା ଗୁଳିମାଡ଼ କରିଥିଲେ। ଏଥିରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି ଓ ୨୪ରୁ ଅଧିକ ଲୋକ ଆହତ ହୋଇଥିବା ଦାବି କରାଯାଇଛି। ମୃତକଙ୍କ ମଧ୍ୟରେ କମିଟିର ପ୍ରତିଷ୍ଠାତା ସଦସ୍ୟ ଉମର ନଜିରଙ୍କ ସାନଭାଇ ଉସମାନ ନଜିର ମଧ୍ୟ ଅଛନ୍ତି।

## ସରକାରଙ୍କୁ ଘେରିବାକୁ ପ୍ରୟାସ

### କୃଷକ ନେତା ଟିକାଏତଙ୍କୁ ଭେଟିଲେ ସିଜେପି ମୁଖପାତ୍ର

**ନୂଆଦିଲ୍ଲୀ:** କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍ଡିଏ ସରକାରଙ୍କୁ ସବୁଆଡ଼ୁ ଘେରିବାକୁ କକ୍ରୋଚ ଜନତା ପାର୍ଟି (ସିଜେପି) ଓ କୃଷକ ନେତା ରାକେଶ ଟିକାଏତ ଯୋଜନା କରୁଛନ୍ତି। ସିଜେପି ପ୍ରବକ୍ତା ଆଶୁତୋଷ ରାଙ୍କା ଓ ଟିକାଏତ ମଙ୍ଗଳବାର ଭେଟିଛନ୍ତି। ରାଙ୍କା କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ଚାରି ଆଡ଼ୁ ଘେରିବାକୁ ସିଜେପି ନେତୃତ୍ୱରେ ଯୁବ ଓ ଛାତ୍ର ଏବଂ ଟିକାଏତଙ୍କ ନେତୃତ୍ୱରେ କୃଷକ ଏକତ୍ର ହେବାକୁ ଆଶା କରାଯାଉଛି।ବୈଠକରେ ରାଙ୍କା ଓ ଅନେକ ସିଜେପି ନେତା, ଟିକାଏତ ଓ ଭାରତୀୟ କିଷାନ ୟୁନିଅନ (ବିକେୟୁ)ର ସଦସ୍ୟମାନେ ଯୋଗ ଦେଇଥିଲେ। ସିଜେପି ଅନୁଯାୟୀ, କୃଷକ, ଛାତ୍ର ଓ ଯୁବକମାନଙ୍କୁ ଏକ ସାଧାରଣ ମଞ୍ଚରେ ଏକାଠି କରିବା ପାଇଁ ଭବିଷ୍ୟତର ରଣନୀତି ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ରାଙ୍କା କହିଛନ୍ତି ଯେ, ସଂଗଠନ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ଏକ ବ୍ୟାପକ ମେଣ୍ଟ ଗଠନ କରିବାକୁ ଆଶା କରୁଛି।ଶନିବାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ସିଜେପି ୩୬ ଦିନ ଆନ୍ଦୋଳନ କରିବା ପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଏହା ଶିକ୍ଷା ସମ୍ବନ୍ଧୀୟ ଦାବି ସହିତ ଚାଷୀ ଓ ଯୁବପିଢ଼ିଙ୍କୁ ପ୍ରଭାବିତ କରୁଥିବା ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହାର ଅଭିଯାନକୁ ବ୍ୟାପକ କରିବାକୁ ଚାହୁଁଛି।

## ଜନ୍ମ, ମୃତ୍ୟୁ ପଞ୍ଜୀକରଣ ବିଲ୍ ଲୋକସଭାରେ ଆଗତ




**ନୂଆଦିଲ୍ଲୀ:** ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସମ୍ପର୍କିତ ଆଇନରେ ସଂଶୋଧନ ପାଇଁ ସରକାର ବୁଧବାର ଲୋକସଭାରେ ଏକ ବିଲ୍ ଆଗତ କରିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୬ ଆଗତ କରିଥିଲେ। ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆଗତ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ଉପରେ ଆଲୋଚନା ସମୟରେ ବିରୋଧୀ ସଦସ୍ୟମାନେ ଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତି ଦାବି କରି ସ୍ଲୋଗାନ ଦେଇଥିଲେ।ସଂସଦୀୟ ପ୍ରକ୍ରିୟା ଅନୁଯାୟୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଲ୍ ଉପସ୍ଥାପନକୁ ବିରୋଧ କରିବା ପାଇଁ କିଛି ବିରୋଧୀ ସଦସ୍ୟଙ୍କ ନାମ ଡାକିଥିଲେ। ତେବେ କୌଣସି ବିରୋଧୀ ସଦସ୍ୟ ଉତ୍ତର ଦେଇ ନଥିଲେ ଏବଂ ନିତ୍ୟାନନ୍ଦ ରାୟ ତା'ପରେ ବିଲ୍ ଉପସ୍ଥାପନ କରିଥିଲେ। କେନ୍ଦ୍ର କ୍ୟାବିନେଟ୍ ଜୁଲାଇ ୨୦ ତାରିଖରେ ବିଲ୍କୁ ଅନୁମୋଦନ କରିଥିଲେ।ଏହି ବିଲ୍ ଜନ୍ମ ଏବଂ ମୃତ୍ୟୁ ପଞ୍ଜିକରଣ ଆଇନ,୧୯୬୯ (୨୦୨୩ରେ ସଂଶୋଧିତ) ର ଧାରା ୧୩(୩) କୁ ସଂଶୋଧନ କରି ବିଳମ୍ବ ପଞ୍ଜିକରଣ ପାଇଁ ବ୍ୟବସ୍ଥାକୁ ଆହୁରି କଠୋର କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟମାନ ବ୍ୟବସ୍ଥା ଅନୁଯାୟୀ, ଜନ୍ମ କିମ୍ବା ମୃତ୍ୟୁ ପଞ୍ଜିକରଣରେ ଏକ ବର୍ଷରୁ ଅଧିକ ବିଳମ୍ବ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ), ଉପ-ବିଭାଗୀୟ ମାଜିଷ୍ଟ୍ରେଟ୍ (ଏସଡିଏମ), କିମ୍ବା ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ଙ୍କ ଠାରୁ ଏକ ନିର୍ଦ୍ଦେଶ ଆବଶ୍ୟକ। ବିଲ୍ ବିଳମ୍ବର ଅବଧି ଉପରେ ଆଧାରିତ ଏକ ଦ୍ୱି-ସ୍ତରୀୟ ଅନୁମୋଦନ ବ୍ୟବସ୍ଥା ପାଇଁ ବ୍ୟବସ୍ଥା କରିଛି। ବର୍ତ୍ତମାନର ନିୟମ ଅନୁସାରେ ଜନ୍ମ କିମ୍ବା ମୃତ୍ୟୁର ୨୧ ଦିନ ମଧ୍ୟରେ ପଞ୍ଜୀକରଣ କରାଗଲେ ଏହା ସମ୍ପୂର୍ଣ୍ଣ ମାଗଣା ରହିଛି।

## ଭୂକମ୍ପରେ ଥରିଲା ଜାପାନ: ୧୮ ମୃତ, ଉଦ୍ଧାର କାର୍ଯ୍ୟ ଜାରି



**କୁମାମୋତୋ (ଜାପାନ):** ଶକ୍ତିଶାଳୀ ଭୂକମ୍ପରେ ଥରି ଉଠିଛି ଦକ୍ଷିଣ-ପଶ୍ଚିମ ଜାପାନ। ୭.୧ ତୀବ୍ରତାର ଏହି ଭୂକମ୍ପ ପରେ କୁମାମୋତୋ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଯାଏଁ ଅତି କମ୍ରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୨ ଜଣ ଆହତ ହୋଇଛନ୍ତି। ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ଅଭିଯାନ ଜାରି ରଖିଛି।ଜାପାନ ମେଟେରୋଲୋଜିକାଲ ଏଜେନ୍ସି ଅନୁସାରେ, ଜୁଲାଇ ୨୮ ତାରିଖ ଅପରାହ୍ନ ପ୍ରାୟ ୪ଟା ୨୭ ମିନିଟ୍ରେ କୁମାମୋତୋ ଅଞ୍ଚଳରେ ଏହି ଭୂକମ୍ପ ହୋଇଥିଲା। ଭୂକମ୍ପ ପରେ ପ୍ରଥମେ ସୁନାମି ସତର୍କତା ଜାରି କରାଯାଇଥିଲା, ପରେ ତାହା ହଟାଇ ଦିଆଯାଇଥିଲା। ସବୁଠାରୁ ଅଧିକ କ୍ଷତି କୁମାମୋତୋ ପ୍ରଦେଶର କାଶିମା ସହରର ଏଓନ୍ ମଲ୍ରେ ହୋଇଛି।ଭୂକମ୍ପ ପରେ ମଲ୍ର ଦ୍ୱିତୀୟ ମହଲାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଏହା ପରେ ସେଠାରେ ଗ୍ୟାସ୍ ବିସ୍ଫୋରଣ ହୋଇଥିବା ଆଶଙ୍କା କରାଯାଉଛି। ଏଓନ୍ କମ୍ପାନି କହିଛି, ଭୂକମ୍ପ ସମୟରେ ପ୍ରାୟ ୩ ହଜାର ଗ୍ରାହକଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ତେବେ ମଲ୍ରେ କାମ କରୁଥିବା କିଛି ଲୋକ ଫସି ଯାଇଥିଲେ। ମଲ୍ ଘଟଣାରେ ୪ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଥିବା ବେଳେ କିଛି ଲୋକ ନିଖୋଜ ଥିବା କୁହାଯାଇଛି।

## ◈ ଅହମଦାବାଦ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣା

# ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚରେ ନଥିଲା ତ୍ରୁଟି

**ନୂଆଦିଲ୍ଲୀ:** ଅହମଦାବାଦରେ ଏୟାର୍ ଇଣ୍ଡିଆର ଡ୍ରିମ୍ଲାଇନର ବିମାନ ଦୁର୍ଘଟଣାପରେ ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ ନେଇ ଉଠିଥିବା ସନ୍ଦେହକୁ ନେଇ କେନ୍ଦ୍ର ସରକାର ବଡ଼ ସୂଚନା ଦେଇଛନ୍ତି। ତଦନ୍ତରେ ଏପର୍ଯ୍ୟନ୍ତ ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ରେ କୌଣସି ତ୍ରୁଟି ମିଳିନଥିବା ସରକାର କହିଛନ୍ତି। ସିଭିଲ୍ ଏଭିଏସନ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏୟାର୍ ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍ଲାଇନର ବିମାନରେ ଥିବା ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ ସମ୍ପର୍କରେ ଯାଞ୍ଚ କରାଯାଇଛି। ଏଥିରେ କୌଣସି ଯାନ୍ତ୍ରିକ ତ୍ରୁଟି ମିଳିନାହିଁ। ତଦନ୍ତକାରୀ ସଂସ୍ଥା ଦୁର୍ଘଟଣାର ସମସ୍ତ ସମ୍ଭାବ୍ୟ କାରଣ ଯାଞ୍ଚ କରୁଛି। ଗୁଜରାଟର ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ଏୟାର୍ ଇଣ୍ଡିଆର ଏହି ବିମାନ ଜୁନ୍ ୧୨ ତାରିଖରେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।



ବିମାନଟି ଅହମଦାବାଦ ବିମାନବନ୍ଦର ନିକଟରେ ଥିବା ଏକ ଆବାସିକ ଅଞ୍ଚଳରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ବିମାନରେ ଥିବା ଅଧିକାଂଶ ଯାତ୍ରୀଙ୍କ ସହ ମୋଟ୍ ୨୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।ଦୁର୍ଘଟଣା ପରେ ବିମାନର ଫୁଏଲ୍ କଣ୍ଟ୍ରୋଲ୍ ସ୍ୱିଚ୍ ହଠାତ୍ ବନ୍ଦ ହୋଇଯିବା ନେଇ କିଛି ରିପୋର୍ଟରେ ପ୍ରଶ୍ନ ଉଠିଥିଲା। ଏହା ପରେ ଡିଜିସିଏ ଓ ଅନ୍ୟ ତଦନ୍ତକାରୀ ଅଧିକାରୀମାନେ ବିମାନର ବିଭିନ୍ନ ଅଂଶ ଓ ଉଡ଼ାଣ ସମ୍ବନ୍ଧୀୟ ତଥ୍ୟ ଯାଞ୍ଚ କରୁଛନ୍ତି। ସରକାର କହିଛନ୍ତି ଯେ ତଦନ୍ତ ଏବେ ବି ଜାରି ରହିଛି ଏବଂ ଶେଷ ରିପୋର୍ଟ ଆସିବା ପୂର୍ବରୁ ଦୁର୍ଘଟଣାର କାରଣ ସମ୍ପର୍କରେ କୌଣସି ନିଷ୍କର୍ଷରେ ପହଞ୍ଚିବା ଠିକ୍ ହେବ ନାହିଁ। ବିମାନ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ଦିଗକୁ ଧ୍ୟାନରେ ରଖି ତଦନ୍ତ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି।

# ଲାଭାଂଶ ପ୍ରଦାନ କଲା ଏଲଆଇସି



**ନୂଆଦିଲ୍ଲୀ:** ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ଭାରତ ସରକାରଙ୍କୁ ଲାଭାଂଶ ବାବଦକୁ ଚେକ୍ ପ୍ରଦାନ କରିଛି। ଏଲଆଇସି ଅଫ୍ ଇଣ୍ଡିଆ ସିଇଓ ତଥା ଏମଡି ଆର. ଦୋରାଇସ୍ୱାମୀ, କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ୧୨,୨୦୭.୨୫ କୋଟି ଟଙ୍କାର ଡିଭିଡେଣ୍ଡ ଚେକ୍ ପ୍ରଦାନ କରିଛନ୍ତି। ଆର୍ଥିକ ସେବା ବିଭାଗ ସଚିବ ସଞ୍ଜୟ ଲୋହିଆଙ୍କ ସମେତ,ଏଲଆଇସି ଅଫ୍ ଇଣ୍ଡିଆର ଏମଡି ରତ୍ନାକର ପଟ୍ଟନାୟକ, ଆର. ଚନ୍ଦର, ଏବଂ ଏନ୍.ଏସ୍. ରାଘବ, ଜୋନାଲ ମ୍ୟାନେଜର (ଇନଚାର୍ଜ), ଉତ୍ତର ଜୋନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଲଆଇସି ନିଜର ପ୍ରତିଷ୍ଠା ପରଠାରୁ ୭୦ ବର୍ଷ ପୂର୍ଣ୍ଣ କରୁଛି।

# ବସ୍ ଡ୍ରାଇଭରଙ୍କ ଘରୁ ନଗଦ ୨୦ କୋଟି, ୧୫ କେଜି ସୁନା ବିସ୍କୁଟ୍ ଜବତ

**କୋଲକାତା:** ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ଦେଉଚାରେ ରହୁଥିବା ଜଣେ ପୂର୍ବତନ ସରକାରୀ ବସ୍ ଡ୍ରାଇଭରଙ୍କ ଘରୁ ପୁଲିସ ନଗଦ ୨୦ କୋଟି ଟଙ୍କା ଓ ୧୫ କେଜି ସୁନା ବିସ୍କୁଟ୍ ଜବତ କରିଛି। ନଗଦ ୨୦ କୋଟି ଟଙ୍କାକୁ ୩୫ଟି ବ୍ୟାଗରେ ରଖାଯାଇଥିଲା।ସଂପୃକ୍ତ ପୂର୍ବତନ ସରକାରୀ ବସ୍ ଡ୍ରାଇଭରଙ୍କ ନାଁ ମିନାର ମଣ୍ଡଳ। ସେ ହେଉଛନ୍ତି ରାଜ୍ୟର ପ୍ରଭାବଶାଳୀ ପଥର ବ୍ୟବସାୟୀ ଟୁଲୁ ମଣ୍ଡଳଙ୍କ ଶାଳକ। ରାଜ୍ୟରେ ପଥର ବ୍ୟବସାୟକୁ ନେଇ ଘଟିଥିବା ଏକ ଆର୍ଥିକ ଅନିୟମିତତା ମାମଲାର ତଦନ୍ତର ଅଂଶ ସ୍ୱରୂପ ଗୁପ୍ତ ସୂଚନା ଆଧାରରେ ମଙ୍ଗଳବାର ରାତିରେ ପୁଲିସ ମିନାର ମଣ୍ଡଳଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଏତେ ପରିମାଣର ଟଙ୍କା ଓ ସୁନା ବିସ୍କୁଟ ପାଇବା ପରେ ପୁଲିସ ଚକିତ ହୋଇଯାଇଥିଲା। ଟଙ୍କା ଗଣିବା ପାଇ ୫ଟି ଟଙ୍କା ଗଣା ମେସିନ ବ୍ୟବହାର କରାଯାଇଥିଲା। ସେହିପରି ଜବତ ଟଙ୍କାକୁ ରଖିବା ପାଇଁ ପୁଲିସ ୫ଟି ବଡ଼ ଟିଣ ଟ୍ରଙ୍କ ବା ବାକ୍ସ ମଗାଇଥିଲା।



ରାଜ୍ୟରେ ବିଜେପି ସରକାର ଆସିଲେ ଟୁଲୁ ମଣ୍ଡଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ଶୁଭେନ୍ଦୁ ଅଧିକାରୀ। ଆଉ ସେ ମୁଖ୍ୟମନ୍ତ୍ରୀ ହେବାର ଅଢ଼େଇ ମାସ ପରେ ଟୁଲୁ ମଣ୍ଡଳଙ୍କ ଶାଳକଙ୍କ ଘରେ ହୋଇଛି ଏହି ଚଢ଼ାଉ। ବୁଧବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ X (ପୂର୍ବରୁ ଟ୍ୱିଟର) ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ଏହି ଅପରେସନ୍ରେ "ପ୍ରଚୁର ପରିମାଣର ବେଆଇନ ଭାବେ ଅର୍ଜିତ ସମ୍ପତ୍ତି" ପଦାକୁ ଆସିଛି।ସେ ଲେଖିଛନ୍ତି ଯେ ଦୁର୍ନୀତି ବିରୋଧରେ ପଶ୍ଚିମବଙ୍ଗ ସରକାର ଯେଉଁ ଅଭିଯାନ ଚଳାଇଛନ୍ତି, ତାହା ଆମର ମାର୍ଗଦର୍ଶକ ନୀତି- 'ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି' ଆଧାରରେ ଚାଲିଛି ଓ ଆଗକୁ ଚାଲିବ। ଏହା ସ୍ପଷ୍ଟ ହେବା ଦରକାର ଯେ ଜନସାଧାରଣଙ୍କ ସମ୍ପତ୍ତି ଲୁଟ୍ କରୁଥିବା ଏବଂ ତତ୍କାଳୀନ ଶାସକ ଦଳ ସହ ସମ୍ପର୍କ ରଖି ବେଆଇନ ସମ୍ପତ୍ତି ଠୁଳ କରିଥିବା ଅପରାଧିକ ପୃଷ୍ଠଭୂମିର କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସରକାରୀ ସମ୍ପତ୍ତି ଜନସାଧାରଣଙ୍କର, ଏବଂ ଯେଉଁମାନେ ଏହାକୁ ଲୁଟ୍ କରିବେ ସେମାନେ ଆଇନ ଅନୁଯାୟୀ କଠୋର ଦଣ୍ଡ ଭୋଗିବେ। ମାଫିଆ ସିଣ୍ଡିକେଟ୍ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ।ପୁଲିସର ଅନୁଯାୟୀ, ରାଜ୍ୟର ତିନୋଟି ଜିଲ୍ଲାରେ ଥିବା ୬ଟି ପଥର ଶିଳ୍ପ କ୍ଲଷ୍ଟରର ପ୍ରବେଶ ପଥ (ଏଣ୍ଟ୍ରି ଗେଟ୍) ରୁ ରାଜସ୍ୱ ଆଦାୟ ପାଇଁ ଟୁଲୁ ମଣ୍ଡଳଙ୍କ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତିମାସରେ ପ୍ରାୟ ୮୩ କୋଟି ଟଙ୍କା ଆଦାୟ ହେବ ବୋଲି ଆଶା କରାଯାଇଥିବା ବେଳେ ସରକାରୀ କୋଷାଗାରରେ ମାତ୍ର ୨ ରୁ ୫ କୋଟି ଟଙ୍କା ଜମା କରାଯାଉଥିଲା ଏବଂ ଅବଶିଷ୍ଟ ଟଙ୍କା ହଡ଼ପ କରାଯାଉଥିଲା। ତେବେ ଏହି ଅଭିଯୋଗଗୁଡ଼ିକର ତଦନ୍ତ ଏବେ ବି ଜାରି ରହିଛି।ପୁଲିସ କହିଛି ଯେ ସେମାନେ ଏବେ ଏହି ଘଟଣାର ତଦନ୍ତ କରୁଛନ୍ତି ଏବଂ ଚଢ଼ାଉ ବେଳେ ଜବତ ହୋଇଥିବା ନଗଦ ଟଙ୍କା ଓ ସୁନାର ଉତ୍ସ ସହ ସମ୍ଭାବ୍ୟ ଆର୍ଥିକ ଅନିୟମିତତାର ଯାଞ୍ଚ ଚାଲିଛି।

ରାଜ୍ୟଗୋଷ୍ଠୀ କ୍ରୀଡା

# ଗୁଲବୀର, ହରଜିନ୍ଦରଙ୍କୁ ରୌପ୍ୟ

## ବକ୍ସିଂରେ ୫ ପଦକ ନିଶ୍ଚିତ



ନୂଆଦିଲ୍ଲୀ,୨୯।୭(ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପଦକ ଅଭିଯାନ ଜାରି ରହିଛି। ମହିଳା ଭାରୋତ୍ତୋଳନରେ ହରଜିନ୍ଦର କୌର ଏବଂ ପୁରୁଷ ୧୦,୦୦୦ ମିଟର ବର୍ଗରେ ଗୁଲବୀର ରୌପ୍ୟ ପଦକ ଜିତିଛନ୍ତି। ଏଥିସହ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପଦକ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ଏପର୍ଯ୍ୟନ୍ତ ଭାରତୀୟ ପ୍ରତିଯୋଗୀ ୨ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ମହିଳା ୬୯ କିଲୋଗ୍ରାମ ବର୍ଗରେ ହରଜିନ୍ଦର ମୋଟ୍ ୨୨୭ କିଲୋ ଭାର ଉଠାଇ ରୌପ୍ୟ ଜିତିଛନ୍ତି। ଲଭଲିନା ବୋର୍ଗୋହେନଙ୍କ ପରେ ବକ୍ସିଂରେ ଆଉ ୫ଟି ପଦକ ନିଶ୍ଚିତ ହୋଇଛି। ଯଦୁମଣି ସିଂ, ପ୍ରିୟା ଓ ପ୍ରୀତି ପାୱାର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଅତିକମରେ ଭାରତ ୩ଟି ବ୍ରୋଞ୍ଜ ପଦକ ହାସଲ କରିବ।

ହରଜିନ୍ଦରଙ୍କୁ କାନାଡାର ଚାର୍ଲୋଟ ସିମୋନେଇ ପଛରେ ପକାଇଥିଲେ। ସେ ସ୍ନାଚରେ ୧୮୦ କିଲୋ ଏବଂ କ୍ଲିନ ଏବଂ ଜର୍କରେ ୧୩୨ କିଲୋ ଏପରି ମୋଟ ୨୪୦ କିଲୋ ଭାର ଉଠାଇ ସ୍ୱର୍ଣ୍ଣ ଜିତିଥିଲେ। ହରଜିନ୍ଦର ସ୍ନାଚରେ ୧୦୧ କିଲୋ ଏବଂ କ୍ଲିନ ଓ ଜର୍କରେ ୧୨୭ କିଲୋ ଭାର ଉଠାଇଥିଲେ। ଅଷ୍ଟ୍ରେଲିଆର ଏନୟା ଫେବେ ସ୍ନାଚରେ ୯୭ କେଜି ତଥା କ୍ଲିନ ଓ ଜର୍କରେ ୧୨୧ କିଲୋ ଏପରି ମୋଟ ୨୧୮ କିଲୋ ଭାର ଉଠାଇ ବ୍ରୋଞ୍ଜ ଜିତିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡାରେ ୨୯ ବର୍ଷୀୟା ହରଜିନ୍ଦରଙ୍କ ଏହା ଦ୍ୱିତୀୟ ପଦକ। ସେ ୨୦୨୨ ସଂସ୍କରରେ ୭୧ କିଲୋ ଓଜନ ବର୍ଗରେ ଭାଗ ନେଇ ବ୍ରୋଞ୍ଜ ପଦକ ଜିତିଥିଲେ।

୧୦,୦୦୦ ମିଟର ଦୌଡ଼ ବର୍ଗରେ ଅଷ୍ଟ୍ରେଲିଆର ରବିନ ସନ ୨୭ ମିନିଟ, ୪୮.୯୩ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତର ଗୁଲବୀର ୨୭ ମିନିଟ. ୪୯.୭୮ ସେକେଣ୍ଡ ସହ ରୌପ୍ୟ ଏବଂ ଡେଭିଡ ମୁଲାରିକ ୨୭ ମିନିଟ ୫୦.୨୮ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲେ। ତାଙ୍କ ପୂର୍ବରୁ କବିତା ରାଉତ ମହିଳା ବର୍ଗରେ ପଦକ ଜିତିଥିଲେ।

ବକ୍ସିଂରେ ଭାରତୀୟଙ୍କ ଚମକ ଦେଖିବାକୁ ମିଳିଛି। ମହିଳା ୫୪ କେଜି ବର୍ଗରେ ପ୍ରୀତି କ୍ୱାର୍ଟରଫାଇନାଲରେ ଆୟର୍ଲାଣ୍ଡର ନିକୋଲ କ୍ଲାଏଡଙ୍କୁ ପରାସ୍ତ କରିଥିଲେ। ସେ ସେମିଫାଇନାଲରେ ଜାମ୍ବିଆର କାଥେରିନ ଏମୱାପେଙ୍କୁ ଭେଟିବେ। ପୁରୁଷ ୫୫ କିଲୋ ଓଜନ ବର୍ଗର କ୍ୱାର୍ଟରରେ ଯଦୁମଣି ୫-୦ରେ ଜାମ୍ବିଆର ଏମ ୱେନଗୋଙ୍କୁ ପରାସ୍ତ କରିଥିଲେ। ସେହିପରି ମହିଳା ୬୦ କିଲୋ ବର୍ଗରେ ପ୍ରିୟା କ୍ୱାର୍ଟରରେ ସ୍କଟଲାଣ୍ଡର ନିଆମ ମିଚେଲଙ୍କୁ ୪-୧ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ପୁରୁଷ ୯୦ କିଲୋ କ୍ୱାର୍ଟରଫାଇନାଲରେ କପିଲ ପୋଖରିଆ ପରାଜିତ ହୋଇଛନ୍ତି।

# ଗିଲ୍ ୧ ନମ୍ବରକୁ ଫେରିଲେ, ସୂର୍ଯ୍ୟବଂଶୀ ୨୩୦ ସ୍ଥାନ ଉଠିଲେ



ଆଇସିସି ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ,୨୯।୭(ଏଜେନ୍ସି): ପୁଣିଥରେ ଆଇସିସି ଦିନିକିଆ ବ୍ୟାଟିଂ ଲାଇନର ନଂ. ୧ ସ୍ଥାନକୁ ଫେରିଛନ୍ତି ଭାରତୀୟ ଦଳ ଅଧିନାୟକ ଶୁଭମନ ଗିଲ। ଦିନିକିଆ ଓ ଟେଷ୍ଟରେ ଭାରତର ଅଧିନାୟକ ଥିବା ଗିଲ ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ୮୦, ୩୧, ୭୭ ରନର ଇନିଂସ ଖେଳିଥିଲେ। ଏଥିପାଇଁ ଦିନିକିଆ ବ୍ୟାଟିଂ ର୍ୟାଙ୍କିଂରେ ତାଙ୍କୁ ବଡ଼ ଫାଇଦା ମିଳିଛି। ଗିଲ ଇଂଲଣ୍ଡ ଶୃଙ୍ଖଳା ପରେ ନଂ.୧ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡ ଡାର୍ଲି ମିଚେଲଙ୍କୁ ପଛରେ ପକାଇଛନ୍ତି। ଗିଲ ୮୦୧ ପଏଣ୍ଟ ସହ ନଂ.୧ରେ ଥିବା ବେଳେ ମିଚେଲଙ୍କ ପଏଣ୍ଟ ସଂଖ୍ୟା ୭୯୪ ରହିଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶେଷ ଦିନିକିଆରେ ଆହତ ସମସ୍ୟା ଯୋଗୁଁ ମିଚେଲ ଖେଳିନଥିଲେ। ଏଥିପାଇଁ ସେ ୭୯୪ ପଏଣ୍ଟରେ ସ୍ଥିର ଅଛନ୍ତି। ପୂର୍ବଭଳି ବିରାଟ କୋହଲି ନଂ.୩, ରୋହିତ ଶର୍ମା ନଂ୪, ଇବ୍ରାହିମ ଜର୍ଡାନ ନଂ. ୫, ବାବର ଆଜମ ନଂ.୬, ହ୍ୟାରି ଟେକ୍ଟର ନଂ.୭, ଜୋ ରୁଟ ୮, ସାଇ ହୋପ ନଂ.୯ ଏବଂ ଚରିଥ ଅସଲଙ୍କା ନଂ.୧୦ ସ୍ଥାନରେ ରହିଛନ୍ତି।

ସେହିଭଳି ଜିମ୍ବାୱେ ବିପକ୍ଷ ଟି-୨୦ରେ ଦମଦାର ପ୍ରଦର୍ଶନ ଦେଖାଇଥିବା ଭାରତର ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଇସିସି ଟି-୨୦ ର୍ୟାଙ୍କିଙ୍ଗରେ ପ୍ରଥମଥର ପାଇଁ ଚର୍ଚ୍ଚାରେ ଆସିଛନ୍ତି। ସେ ଟି-୨୦ ବ୍ୟାଟର ର୍ୟାଙ୍କିଙ୍ଗରେ ଏକାଥରକେ ୨୩୦ ସ୍ଥାନ ଉପରକୁ ଉଠି ୪୮ତମ ସ୍ଥାନରେ ପହଞ୍ଚିଛନ୍ତି। ସେ ଜିମ୍ବାୱେ ବିପକ୍ଷ ଶୃଙ୍ଖଳାରେ ୫୦,୨୦ ଓ ୮୧ ରନର ଇନିଂସ ଖେଳିଥିଲେ। ଏପରିକି ତାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ଓ ପ୍ଲେୟାର ଅଫ୍ ଦ ସିରିଜ୍ ପୁରସ୍କାର ମିଳିଥିଲା। ବୈଭବ ୩ଟି ମ୍ୟାଚରେ ୧୫୧ ରନ ସଂଗ୍ରହ କରିଥିଲେ। ଭାରତର ଟି-୨୦ ଅଧିନାୟକ ଶ୍ରେୟାସ ଆୟର ଓ ଉପଅଧିନାୟକ ତିଲକ ବର୍ମାଙ୍କ ବ୍ୟାଟିଂ ର୍ୟାଙ୍କିଙ୍ଗରେ ସୁଧାର ଆସିଛି। ତିଲକ ବର୍ମା ୨ଟି ସ୍ଥାନ ଉପରକୁ ଉଠି ନଂ.୬ ଓ ଆୟର ୭ଟି ସ୍ଥାନ ଉପରକୁ ଉଠି ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲର ର୍ୟାଙ୍କିଙ୍ଗରେ ଭାରତୀୟ ସ୍ପିନର ରବି ବିଷ୍ଣୋଇ ଚମତ୍କାର ସଫଳତା ପାଇଛନ୍ତି। ଜିମ୍ବାୱେ ବିପକ୍ଷ ଶୃଙ୍ଖଳରେ ଭଲ ପ୍ରଦର୍ଶନ କରିବା ପରେ ସେ ୩୧ ସ୍ଥାନ ଉପରକୁ ଉଠି ୪୧ତମ ସ୍ଥାନରେ ପହଞ୍ଚିଛନ୍ତି। ଜିମ୍ବାୱେ ଦ୍ରୁତ ବୋଲର ବ୍ଲେସିଂ ମୁଜରବାନୀ ୧୦ଟି ସ୍ଥାନ ଉପରକୁ ଉଠି ୨୬ତମ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନର ବାବର ଆଜମ ୪ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛନ୍ତି। ସାନ ମସୁଦ ପ୍ରଥମ ଇନିଂସରେ ୧୦୯ ରନ୍ କରି ୮ଟି ସ୍ଥାନ ଉପରକୁ ଉଠି ୩୬ ତମ ସ୍ଥାନରେ ପହଞ୍ଚିଛନ୍ତି। ଇଣ୍ଡିଜର ସାଇ ହୋପ ୭ଟି ସ୍ଥାନ ଉପରକୁ ଉଠି ୬୦ତମ ସ୍ଥାନରେ ପହଞ୍ଚିଛନ୍ତି।

# ବ୍ୟବସାୟ ଭ୍ୟାଲୁ ୨ ଲକ୍ଷ କୋଟି ଟପିଲା

ଆଇପିଏଲ

ନୂଆଦିଲ୍ଲୀ,୨୯।୭(ଏଜେନ୍ସି): ଆମେରିକାର ଇନଭେଷ୍ଟମେଣ୍ଟ ବ୍ୟାଙ୍କ ହୁଲିହାନ ଲୋକିର ୨୦୨୬ ବ୍ରାଣ୍ଡଭ୍ୟାଲୁଏସନ ଷ୍ଟଡି ଅନୁସାରେ ଆଇପିଏଲର ବ୍ୟବସାୟ ଭ୍ୟାଲୁ ପ୍ରଥମଥର ପାଇଁ ୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ଦୁଇଟି ସିଜନରେ ଚାମ୍ପିଅନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରାୟ ୩୦୦୦ କୋଟି ଟଙ୍କା ବ୍ରାଣ୍ଡ ଭ୍ୟାଲୁ ସହ ସବୁଠାରୁ ଦାମୀ ଫ୍ରାଞ୍ଚାଇଜ ପାଲଟିଛି। ମୁମ୍ବାଇ ଇଣ୍ଡିଆନ୍ସ ୨୬୪ ମିଲିୟନ୍ ସହ ଦ୍ୱିତୀୟ, କୋଲକାତା ନାଇଟ ରାଇଡର୍ସ ୨୪୫ ମିଲିୟନ ସହ ତୃତୀୟ, ଚେନ୍ନାଇ ୨୪୪ ମିଲିୟନ ସହ ଚତୁର୍ଥ ସ୍ଥାନରେ ପହଞ୍ଚିଛି। ଏବର୍ଷ ଆଇପିଏଲର ବ୍ୟବସାୟ ଭ୍ୟାଲୁ ୧୧.୪% ବୃଦ୍ଧି ପାଇଛି। ଲଗାତାର ଦ୍ୱିତୀୟ ବର୍ଷ ପାଇଁ ୧୦%ରୁ ଅଧିକ ପହଞ୍ଚିଛି ଆଇପିଏଲ। ୨୦୦୮ ରେ ଆରମ୍ଭ ହୋଇଥିବା ଆଇପିଏଲରେ ଏବେ ୧୦ଟି ଦଳ ସହ ବିଶ୍ୱର ସବୁଠାରୁ ବଡ଼ ଟି-୨୦ ପ୍ରତିଯୋଗିତା ପହଞ୍ଚିଛି। ମିଡିଆ ରାଇଡର୍ସ, ସ୍ପୋନସରସିପ, ମାର୍ଚେଣ୍ଡିଜିଙ୍ଗ ଏବଂ ଫ୍ରାଞ୍ଚାଇଜ ନିବେଶ ମାଧ୍ୟମରେ ଏକ ବ୍ୟବସାୟକ ମଡେଲ ତିଆରି କରିଛି। ଏବର୍ଷ ଆରସିବି ୧.୭୮ ମିଲିୟନ ଏବଂ ରାଜସ୍ଥାନ ରୟାଲ୍ସ ୧.୬୫ ମିଲିୟନ ଡଲାର ଭ୍ୟାଲୁ ଏସନରେ ବିକ୍ରି ହୋଇଛି। ଦୁଇଟି ଦଳର ମୂଲ୍ୟ ମୋଟ ୩.୪୩ ବିଲିୟନ ଡଲାର। ଯାହା ୨୦୨୧ରେ ଲକ୍ଷ୍ନୌ ଓ ଗୁଜରାଟ ଦଳର ମିଳିତ ବିକ୍ରି ମୂଲ୍ୟଠାରୁ ୨ ଗୁଣା ଅଧିକ।

# ଇସ୍ତଫା ଦେଲେ କୋଚ ଡୋଏଶ୍ଚେଟ

ନୂଆଦିଲ୍ଲୀ,୨୯।୭(ଏଜେନ୍ସି): ଭାରତୀୟ ଦଳର ସହକାରୀ କୋଚ ରିଆନ ଟେନ ଡୋଏଶ୍ଚେଟ ଇସ୍ତଫା ଦେଇଛନ୍ତି। ସେ ଖୁବ ଶୀଘ୍ର କୋଲକାତା ନାଇଟ ରାଇଡର୍ସ ଦଳର କୋଚିଂ ଦାୟିତ୍ୱକୁ ଫେରୁଥିବା ନିଶ୍ଚିତ ହୋଇଛି। ଗତ ଇଂଲଣ୍ଡଗସ୍ତ ସମୟରେ ଡୋଏଶ୍ଚେଟ ବିସିସିଆଇ ଇସ୍ତଫା ନିଷ୍ପତ୍ତି ଜଣାଇଥିଲେ। ଗୌତମ ଗମ୍ଭୀର ଭାରତୀୟ ଦଳର କୋଚ ଦାୟିତ୍ୱ ଗ୍ରହଣ କରିବା ପରେ ଡୋଏଶ୍ଚେଟଙ୍କୁ ସହକାରୀ କୋଚ ଭାବେ ନିଯୁକ୍ତି ଦେଇଥିଲେ। ନାଇଟରାଇଡର୍ସ ସହ ଡୋଏଶ୍ଚେଟ ପୂର୍ବରୁ କାର୍ଯ୍ୟ କରିଛନ୍ତି। ସେ ୨୦୧୨ ଓ ୨୦୧୪ରେ ଚାମ୍ପିଅନ ହୋଇଥିବା ନାଇଟରାଇଡର୍ସ ଦଳର ଖେଳାଳି ଥିଲେ। ୨୦୨୨ରେ ସେ ଉକ୍ତ ଫ୍ରାଞ୍ଚାଇଜର ଫିଲ୍ଡିଂ କୋଚ ନିଯୁକ୍ତ ହୋଇଥିଲେ। ୨୦୨୪ ମସିହାରେ ସେ ଭାରତୀୟ ଦଳର ସହକାରୀ କୋଚ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କର କାର୍ଯ୍ୟକାଳ ୨୦୨୬ ଜୁଲାଇରେ ଶେଷ ହୋଇଛି। ୨୦୨୪ ଟି-୨୦ ବିଶ୍ୱକପରେ ଭାରତ ଚାମ୍ପିଅନ ହେଲା ପରେ ତାଙ୍କୁ ନିଯୁକ୍ତି ମିଳିଥିଲା। ସେ ଦଳର ବ୍ୟାଟିଂ ସମେତ ବୋଲିଂ ଉପରେ ଧ୍ୟାନ ଦେଉଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଭାରତ ଏସିଆ କପ ସହ ୨୦୨୬ ଟି-୨୦ ବିଶ୍ୱକପରେ ମଧ୍ୟ ଚାମ୍ପିଅନ ହୋଇଥିଲା। କିନ୍ତୁ ଟେଷ୍ଟ ଫର୍ମାଟରେ ଦଳ ଦୁର୍ବଳ ହୋଇପଡିଛି। ବର୍ଡର ଗାଭାସ୍କର ଟ୍ରଫି ସହ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ଓ ଦ.ଆଫ୍ରିକା ଠାରୁ ଭାରତ ପରାସ୍ତ ହୋଇଛି। ସେହିଭଳି ଗତ କିଛି ଦିନ ତଳେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ନିକଟରୁ ଟି-୨୦ ଶୃଙ୍ଖଳାରେ ମଧ୍ୟ ପରାଜିତ ହୋଇଥିଲା।

# ସର୍ବଭାରତୀୟ ଜୁନିୟର ବ୍ୟାଡ଼ମିଣ୍ଟନ: ପ୍ରି-କ୍ୱାର୍ଟରରେ ତନଭି



ଭୁବନେଶ୍ୱର,୨୯।୭(ସବ୍ୟୁ): ଭୁବନେଶ୍ୱର କଳିଙ୍ଗ ଷ୍ଟଡିୟମର ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ଠାରେ ଚାଲିଥିବା ଜୋନେକ୍ସ ସନରାଇଜ ସର୍ବ ଭାରତୀୟ ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସମସ୍ତ ଯୋଗ୍ୟତା ପର୍ଯ୍ୟାୟ ଖେଳ ସରିଯାଇଛି । ଆଜି ଠାରୁ ଏହି ପ୍ରତିଯୋଗିତାର ମୁଖ୍ୟ ଡ୍ର ଖେଳ ଆରମ୍ଭ ହୋଇଯାଇଛି । ବାଳିକା ସିଙ୍ଗଲ୍ସ ରେ ଟାଇଟଲ ଦାବେଦାର ଓଡିଶା ଖେଳାଳି ତନଭି ପତ୍ରି ମୁଖ୍ୟ ଡ୍ର ର ପ୍ରଥମ ରାଉଣ୍ଡରେ ରେନୁଶ୍ରୀ ଶ୍ୟାମାଳା ରାଓ ଯଭନ୍ନା ଙ୍କୁ ଅତି ସହଜରେ ୧୫-୬ ଓ ୧୫-୫ ପଏଣ୍ଟରେ ହରାଇ ପରବର୍ତ୍ତି ପର୍ଯ୍ୟାୟକୁ ଯାଇଛନ୍ତି । ଏହି ପର୍ଯ୍ୟାୟରେ ମଧ୍ୟ ଟପ୍‌ସିଟ ତନଭି ପତ୍ରି ଗାଥା ସୂର୍ଯ୍ୟାଂଶି ଙ୍କୁ ୧୫-୯, ୧୫-୯ ଦୁଇଟି ସେଟରେ ହରାଇ ପ୍ରି କ୍ୱାଟରରେ ନିଜକୁ ପହଞ୍ଚାଇଛନ୍ତି । ଏହି ବିଭାଗର ବାଳିକା ସିଙ୍ଗଲ୍ସ ରେ ସାଇନା ମଣିମଞ୍ଜୁ ପ୍ରତିପକ୍ଷ ଖେଳାଳି ଅଭନି ବିକ୍ରମ ଗୋବିନ୍ଦଙ୍କୁ ୧୫-୧୦, ୧୫-୯ ରେ ହରାଇ ପ୍ରିକ୍ୱାଟର ରେ ପହଂଚିଛନ୍ତି । ବାଳକ ସିଙ୍ଗଲ୍ସରେ ଓଡିଶା ଖେଳାଳି ଦିବ୍ୟମ କେଜରିୱାଲ ପ୍ରତିପକ୍ଷ ଖେଳାଳି ଜତିନ ଙ୍କୁ ୧୫-୧୪, ୧୫-୫ ରେ ହରାଇଥିବା ବେଳେ ପରବର୍ତ୍ତି ପର୍ଯ୍ୟାୟରେ କିନ୍ତୁ ସୌର୍ଯ୍ୟ ମିଶ୍ରଙ୍କ ଠାରୁ ସଂଘର୍ଷପୂର୍ଣ୍ଣ ୧୫-୧୭, ୧୫-୧୨ ଓ ୧୧-୧୫ ର ତିନୋଟି ସଂଘର୍ଷପୂର୍ଣ୍ଣରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି । ଏହି ବର୍ଗରେ ତୃତୀୟ ସିଡ୍ ନିଶ୍ଚଳ ଚାନ୍ଦ ରୁତୱା ସାଜୱାନ ଙ୍କୁ ୧୫-୧୧, ୮-୧୫ ଓ ୧୫-୧୧ ରେ ହରାଇ ପରବର୍ତ୍ତି ରାଉଣ୍ଡ କୁ ଯାଇଛନ୍ତି । ବାଳକ ସିଙ୍ଗଲ୍ସ ରେ ଟପ ସିଟ୍ ବର୍ଣ୍ଣି ଆକାଶ ଚନମୟି ପ୍ରତିପକ୍ଷ ଖେଳାଳି କହ୍ନେୟା ଶର୍ମାଙ୍କ ଠାରୁ ୧୨-୧୫, ୧୦-୧୫ ରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି । ମିକ୍ସ ଡବଲ୍ସ ରେ ଦିବ୍ୟମ କେଜରିୱାଲ ଓ ସ୍ୱିଟିପ୍ରୀୟା ପ୍ରଧାନଙ୍କ ଯୋଡି ଅଭିକ୍ ଶର୍ମା ଓ ଆରାଧ୍ୟା ରେଡ୍ଡିଙ୍କୁ ସଂଘର୍ଷପୂର୍ଣ୍ଣ ୧୫-୧୩, ୧୧-୧୫, ୧୮-୧୬ ତିନୋଟି ଗେମ୍ ରେ ଜିତି ପ୍ରିକ୍ୱାଟର ରେ ପହଞ୍ଚିଛନ୍ତି । ୩୦ ତାରିଖରୁ କିଛି ବିଭାଗ ର ପ୍ରିକ୍ୱାଟର ଏବଂ କ୍ୱାଟର ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଓସବା ସଂପାଦକ ନିଳିନ କୁମାର ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ଚିପ୍ ରେଫରି ତ୍ରିଲୋକ ଶୁକ୍ଲା, ଡେପୁଟି ରେଫରି ଭାବରେ ମାଧବ ନାରାୟଣ ଓ ପ୍ରଣବ ବିଷ୍ଣୋଇ, ମ୍ୟାଚ କଂଟ୍ରୋଲ ଭାବେ ସନ୍ଦିପ ହେବଲେ ଦାୟିତ୍ୱ ତୁଲାଉଥିବା ବେଳେ ଓଡିଆ ରେଫରି ବିଜୟ କୁମାର ବାଗ ବୈଷୟିକ ସହାୟକ ଭାବେ କାମ କରୁଛନ୍ତି ।

# ରାଜ୍ୟ ବରିଷ୍ଠ ଚେସ୍ ପ୍ରତିଯୋଗିତା: କିସ୍‌ର ଫକୀର ମାଝୀ ଚାମ୍ପିଅନ




ଭୁବନେଶ୍ୱର,୨୯।୭(ସବ୍ୟୁ): ନିଖିଳ ଓଡ଼ିଶା ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କୀଟ ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ ହଲ୍‌ଠାରେ ଅନୁଷ୍ଠିତ ୬୬ତମ ରାଜ୍ୟ ବରିଷ୍ଠ ରେଟେଡ୍ ଚେସ୍ ପ୍ରତିଯୋଗିତାରେ କିସର ବି ଟେକ (ସିଭିଲ) ତୃତୀୟ ବର୍ଷର ଛାତ୍ର ଫକୀର ମାଝୀ ୯ ରାଉଣ୍ଡରୁ ସର୍ବାଧିକ ୮ ପଏଣ୍ଟ ପାଇ ଚାମ୍ପିଅନ ହୋଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତବର୍ଷ ମଧ୍ୟ କିସ୍ ପିଲା ତପନ ବଡମୁଣ୍ଡି ଚାମ୍ପିଅନ୍ ହୋଇଥିଲେ। କୀଟ ଓ କିସ୍ , ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଗତ ୫ ଦିନ ଧରି ଅନୁଷ୍ଠିତ ଏହି ୯ ରାଉଣ୍ଡ ବିଶିଷ୍ଟ ଚେସ୍ ପ୍ରତିଯୋଗିତାରେ ଫକୀର ମାଝୀ ଚାମ୍ପିଅନ ହୋଇଥିବାବେଳେ ସିଦ୍ଧେସ କାମିଲା ବାଲେଶ୍ୱର, ଆୟୁଷ୍ମାନ ମହାନ୍ତି ପୁରୀ, ଓ ସ୍ୱପ୍ନିଲ ପ୍ରିୟଦର୍ଶୀ ଖୋର୍ଦ୍ଧା, ସମାନ ୭ ସାତ ପଏଣ୍ଟ ସହ ଦୂତୀୟରୁ ଚତୁର୍ଥ ସ୍ଥାନ ହାସଲ କରି ଆସନ୍ତା ଜାତୀୟ ସିନିୟର୍ ଚେସ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ୫ମ ଆଶୀର୍ବାଦ ସ୍ୱାଇଁ ନୟାଗଡ, ୬ଷ୍ଠ ବଡମୁଣ୍ଡି ତପନ ଗଜପତି,୭ମ ଓମ୍ ଆଦିତ୍ୟ ଖାଡ଼ଙ୍ଗା ଖୋର୍ଦ୍ଧା, ୮ମ ଆୟୁଷ ପଟ୍ଟନାୟକ କଟକ,(ସମସ୍ତେ ୬ ପଏଣ୍ଟ) ୯ମ ଜଗଦୀଶ୍ ବାରିକ ପୁରୀ, ୧୦ମ ସତ୍ୟମ୍ ମିଶ୍ର,ଖୋର୍ଦ୍ଧା, ୧୧ତମ ଏସ ପି ଇନ୍ଦ୍ରଜିତ୍ ଢେଙ୍କାନାଳ,୧୨ତମ ରାଜେନ୍ଦ୍ର କୁମାର ସାହୁ ଖୋର୍ଦ୍ଧା,୧୩ତମ ଦଶ ବର୍ଷୀୟ ଆଦଭିକ ଆଦିତ୍ୟ ସ୍ୱାଇଁ କଟକ, ୧୪ତମ ଆଦର୍ଶ କୁମାର ବରିହା ଖୋର୍ଦ୍ଧା, ଓ ଲଭ୍ୟ ଜ୍ୟୋତି ରାଉତରାୟ କେନ୍ଦ୍ରାପଡ଼ା, ସମସ୍ତେ ସାଢ଼େ ଛଅ ପଏଣ୍ଟ ପାଇ ଶ୍ରେଷ୍ଠ ୧୫ ଜଣଙ୍କ ମଧ୍ୟରେ ରହି ଅର୍ଥ ରାଶି ସହ ପୁରସ୍କୃତ ହୋଇଛନ୍ତି। ଅନ ରେଟେଡ ବିଭାଗରେ ଅର୍ପଣ ସାହୁ, ୬୦ ବର୍ଷରୁ ଉର୍ଦ୍ଧରେ ସତ୍ୟ ସୁନ୍ଦର ନାୟକ, ଶ୍ରେଷ୍ଠ ମହିଳାରେ ସ୍ନେହାଯୁକ୍ତ ବେହେରା, ଭିନ୍ନକ୍ଷମ ରେ ଦୃଷ୍ଟିହୀନ ନେମାଇ ଦାସ, ୧୫ ବର୍ଷରୁ କମରେ ଖେତ୍ରବର୍ ମାଝୀ, ୧୩ ବର୍ଷରୁ କମ୍ ବିନୀତ ନାୟକ,୧୧ବର୍ଷରୁ କମ୍ ସତ୍ୟ ସ୍ୱରୂପ ତ୍ରିପାଠୀ, ୯ ବର୍ଷରୁକମ୍ ସ୍ନେହସ୍ମିତା ରାମ ଓ ୭ ବର୍ଷରୁ କମ୍ ରେ ପରମାର୍ଥ ସିଂ ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲେ। ନିଖିଳ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବ ଭାରତ ର ବିଶିଷ୍ଟ ଚାଟାର୍ଡ ଆକାଉଣ୍ଟାଣ୍ଟ ତଥା ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ର ଚେୟାର ମାନ ରାଜୀବ ଶେଖର ସାହୁ ଯୋଗ ଦେଇ ଚାମ୍ପିଅନ୍ ଙ୍କୁ ୨୦,୦୦୦ ରନର୍ ଅପ୍ ଙ୍କୁ ୧୫,୦୦୦ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଖେଳାଳିଙ୍କୁ ୧୦,୦୦୦ ଟଙ୍କା ସହ ମୋଟ ୫୬ ଜଣଙ୍କୁ ୧,୨୦,୦୦୦ ଟଙ୍କା ରାଶି ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସର୍ବଭାରତୀୟ କ୍ରୀଡା ସାମ୍ବାଦିକ ସଂଘ ଉପସଭାପତି ତଥା ସମ୍ବାଦ ର ବରିଷ୍ଠ କ୍ରୀଡା ସାମ୍ବାଦିକ ସୁରେଶ ସ୍ୱାଇଁ,କୀଟ ଓ କିସ୍ ର କ୍ରୀଡା ମହାନିର୍ଦ୍ଦେଶକ ଡଃ ଗଗନେନ୍ଦୁ ଦାଶ ଯୋଗ ଦେଇ ପୁରସ୍କାର ପ୍ରଦାନ କରିବା ସହ ଖେଳାଳି ମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ରାଜ୍ୟ ଚେସ୍ ସଂଘ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇ ଥିବାବେଳେ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ଉପସଭାପତି ଲଲାଟ ସାମଲ ସଞ୍ଚାଳନ କରିଥିଲେ।। ରାଜ୍ୟ ଚେସ ପ୍ରତିଯୋଗିତାରେ ଏପରି ଅନ୍ତର୍ଜାତୀୟ ଚେସ ହଲ ଯୋଗାଇ ଦେଇଥିବାରୁ ଅତିଥି ଓ ଖେଳାଳିମାନେ କୀଟ ଓ କିସ୍ ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟରରେ ଦୁଇବର୍ଷ ପୂର୍ତ୍ତି ପାଳନ



ଭୁବନେଶ୍ୱର,୨୯।୭(ସବ୍ୟୁ): ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋଖୋ ହାଇପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍‌ଏସ୍ କେଏଚ୍‌ପିସି), ପୁରୀ ନିଜର ଦ୍ୱିତୀୟ ବର୍ଷ ପୂର୍ତ୍ତି ଏକ ଐତିହାସିକ ସମାରୋହ ମାଧ୍ୟମରେ ପାଳନ କରିଛି। ଏହି ଅବସରରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରର ଆଥଲେଟ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଖୋ-ଖୋ ଚୟନ ପରୀକ୍ଷଣ ୨୦୨୬ ମାଧ୍ୟମରେ ନୂତନ ପ୍ରତିଭାଶାଳୀ ଆଥଲେଟ୍‌ମାନଙ୍କୁ ମଧ୍ୟ କେନ୍ଦ୍ରରେ ସାମିଲ କରାଯାଇଛି। ଭାରତର ଭବିଷ୍ୟତ ଖୋ-ଖୋ ଚାମ୍ପିଅନ୍‌ମାନଙ୍କୁ ଗଢ଼ି ତୋଳିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

ଓଡ଼ିଶା ଏଏମ୍/ଏନ୍‌ଏସ୍ କେଏଚ୍‌ପିସିର ଆଥଲେଟ୍‌ମାନେ ଖୋ-ଖୋ ବିଶ୍ୱକପ୍ ୨୦୨୫, ଜାତୀୟ କ୍ରୀଡ଼ା ୨୦୨୫, ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୫, ଜୁନିୟର ଜାତୀୟ ଖୋ-ଖୋ ଚାମ୍ପିଅନ୍‌ସିପ୍ ୨୦୨୪-୨୦୨୬, ସିନିୟର ଜାତୀୟ ଖୋ-ଖୋ ଚାମ୍ପିଅନ୍‌ସିପ୍ ୨୦୨୫-୨୦୨୬ ଏବଂ ସବ୍-ଜୁନିୟର ଜାତୀୟ ଖୋ-ଖୋ ଚାମ୍ପିଅନ୍‌ଶିପ୍ ୨୦୨୫-୨୦୨୬ ପରି ବିଭିନ୍ନ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ଓ ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତାସହ ଗୌରବ ଅର୍ଜନ କରୁଛନ୍ତି ।ଗତ ଦୁଇ ବର୍ଷମଧ୍ୟରେ କେନ୍ଦ୍ରର ଆଥଲେଟ୍‌ମାନେ ୩୦ରୁ ଅଧିକ ଜାତୀୟ, ଆଞ୍ଚଳିକ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ବର୍ଗରେ ୪୮ଟି ପଦକ ଅର୍ଜନ କରିଛନ୍ତି।ଏହି ସଫଳତା ଓଡ଼ିଶା ଏଏମ୍/ଏନ୍‌ଏସ୍ କେଏଚ୍‌ପିସିକୁ ଏକ ନିରନ୍ତର ପ୍ରତିଭା ବିକାଶ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିଛି। ଏଠାରେ ସୁବ୍ୟବସ୍ଥିତ ପ୍ରଶିକ୍ଷଣ ଏବଂ ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ଆଥଲେଟ୍‌ମାନଙ୍କ ସଫଳତାକୁ ସୁନିଶ୍ଚିତ କରିବା ସହ ଜାତୀୟ ସ୍ତରରେ ସ୍ୱୀକୃତି ଆଣିବାରେ ସହାୟକ ହୋଇଛି।

ଏହି ସମାରୋହରେ ଭାରତୀୟ ପୁରୁଷ ଖୋ-ଖୋ ଦଳର ଅଧିନାୟକ ଶ୍ରୀ ପ୍ରତୀକ ୱାଇକର ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ-ଖୋ ଫେଡେରେସନର ଉପସଭାପତି ତଥା ଓଡ଼ିଶା ଖୋ-ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମାନବ ସମ୍ବଳ (ପୂର୍ବ) ବିଭାଗ ମୁଖ୍ୟଡ. ଦେବବ୍ରତ ଦାଶ, ଏଏମ୍/ଏନ୍‌ଏସ୍ ଇଣ୍ଡିଆସିଏସ୍‌ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ ଏବଂ ଓଡ଼ିଶା ଏଏମ୍/ଏନ୍‌ଏସ୍ କେଏଚ୍‌ପିସିର ସହଯୋଗୀ 'ସ୍ପୋର୍ଟସ୍ ଫର ଅଲ୍ (ଏସ୍‌ଏଫ୍‌ଏ)'ର ପ୍ରକଳ୍ପ ମୁଖ୍ୟ ସାଗର ସାମଲ ଉପସ୍ଥିତ ଥିଲେ। ସେମାନଙ୍କର ଉପସ୍ଥିତି ଆଥଲେଟ୍‌ମାନଙ୍କୁ ଉତ୍ସାହିତ କରିଥିଲା ଏବଂ କେନ୍ଦ୍ରର ବିକାଶ ଯାତ୍ରାରେ ଆଗାମୀ ଅଧ୍ୟାୟର ପ୍ରତିନିଧିତ୍ୱ କରୁଥିବା ଆଥଲେଟ୍‌ମାନଙ୍କୁ ସାମିଲ କରିବା ପାଇଁ ଏକ ପ୍ରେରଣାଦାୟକ ପରିବେଶ ସୃଷ୍ଟି କରିଥିଲା। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ-ଖୋ ହାଇ ପରଫରମାନ୍ସ ସେଣ୍ଟର ତୃତୀୟ ବର୍ଷରେ ପଦାର୍ପଣ କରୁଥିବା ବେଳେ, ବିଶ୍ୱସ୍ତରୀୟ ଆଥଲେଟ୍ ସୃଷ୍ଟି କରିବା ଏବଂ ଖୋ-ଖୋ କ୍ଷେତ୍ରରେ ଭାରତକୁ ଏକ ବିଶ୍ୱ ଶକ୍ତି ଭାବେ ଆହୁରି ସୁଦୃଢ଼ କରିବାର ନିଜର ଲକ୍ଷ୍ୟ ପ୍ରତି କେନ୍ଦ୍ର ପ୍ରତିବଦ୍ଧ ରହିଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି